CMYK

- Vol.- 45, Issue No. 312
- Thursday, 12 February 2026
- ଗୁରୁବାର, ୧୨ ଫେବୃୟାରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଆଜି 'ଭାରତ ବନ୍ଦ'

- ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଡାକରା
- କଂଗ୍ରେସ, ବାମଦଳଙ୍କ ସମର୍ଥନ




ଭୁବନେଶ୍ୱର, ୧୧।୨(ନିପ୍ର): ୧୨ ଦଫା ଦାବି ନେଇ ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ୪ଟି ଲେବର କୋଡକୁ ପ୍ରତ୍ୟାହାର ମନରେଗା ସ୍କିମ୍‌ର ପୁନରୁଦ୍ଧାର, ୨୦୨୫ ଇଲେକ୍ଟ୍ରିସିଟି ବିଲ୍, ସିଟ୍ ବିଲ୍‌ର ପ୍ରତ୍ୟାହାର, ମାସକୁ ୨୬ ହଜାର ଟଙ୍କା ସର୍ବନିମ୍ନ ମଜୁରି, ଅଙ୍ଗନୱାଡି, ପାଚିକା, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି । କଂଗ୍ରେସ ସମେତ ଓଡ଼ିଶାର ପ୍ରମୁଖ ବାମପନ୍ଥୀ ଦଳମାନେ ଯଥା: ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମଏଲ) ଲିବରେସନ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଇତ୍ୟାଦି ଏହି ଧର୍ମଘଟକୁ ସମର୍ଥନ ଘୋଷଣା କରିଛନ୍ତି। ବନ୍ଦ ଡାକରା ଯୋଗୁଁ ବ୍ୟାଙ୍କ୍ ସେବା ପ୍ରଭାବିତ ହୋଇପାରେ । ଏଥିସହିତ ପରିବହନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଗୁରୁତର ପ୍ରଭାବିତ ହୋଇପାରନ୍ତି । ବିଶେଷ କରି ସହରାଞ୍ଚଳରେ ବନ୍ଦର ପ୍ରଭାବ ରହିପାରେ । ତେବେ ଏହି ବନ୍ଦରୁ ଜରୁରୀକାଳୀନ ସେବାକୁ ବାଦ୍ ଦିଆଯାଇଛି । ସମସ୍ତ ମେଡ଼ିକାଲ ଖୋଲା ରହିବ ।

# ବନ୍ଧୁକ ଛାଡ଼ିଲେ କୋଟିଏ

- ନକ୍ସଲମୁକ୍ତ ଓଡ଼ିଶା ପାଇଁ ନୂଆ ରୋଡ୍‌ମ୍ୟାପ୍
- ପୁନର୍ବାସ ନୀତିରେ ଦ୍ୱିତୀୟ ସଂଶୋଧନ
- କେନ୍ଦ୍ରୀୟ କମିଟି ସଭ୍ୟଙ୍କ ପାଇଁ ସର୍ବାଧିକ ୧ କୋଟି ୧୦ ଲକ୍ଷ
- ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା



ଭୁବନେଶ୍ୱର,୧୧।୨ (ନିପ୍ର): ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ନୂଆ ରୋଡମ୍ୟାପ୍ ଘୋଷଣା କରିଛନ୍ତି। ଗତ ଦୁଇ ମାସ ମଧ୍ୟରେ ପୁନର୍ବାସ ନୀତିରେ ଏହା ଦ୍ୱିତୀୟ ସଂଶୋଧନ କରାଯାଇଛି। ଫେବୃୟାରୀ ୯ ତାରିଖରେ ଗୃହ ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ଥଇଥାନ ଓ ପୁନର୍ବାସ ପ୍ୟାକେଜ୍‌ରେ ସର୍ବଭାରତୀୟ ସ୍ତରର କ୍ୟାଡରମାନଙ୍କ ପାଇଁ ନୂତନ ବ୍ୟବସ୍ଥା ଯୋଡ଼ା ଯାଇଛି। ନୂତନ ନିୟମ ଅନୁସାରେ, ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହନ୍ତି କିନ୍ତୁ ରାଜ୍ୟରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ପୁନର୍ବାସ ଯୋଜନାର ସମସ୍ତ ସୁବିଧା ପାଇପାରିବେ। ଏହା ସହିତ ମୁଣ୍ଡଜାମିନ ପୁରସ୍କାର ରାଶିକୁ ମଧ୍ୟ ବହୁଳ ଭାବେ ବୃଦ୍ଧି କରାଯାଇଛି। ନୀତି ଅନୁଯାୟୀ, କେନ୍ଦ୍ରୀୟ କମିଟି ବା ପଲିଟିବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ଧାର୍ଯ୍ୟ କରାଯାଇଛି। ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ଏକକାଳୀନ ରାଶି ରୂପେ ସ୍ଥାୟୀ ଜମା ଆକାରରେ ଦିଆଯିବ। ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଘୋଷଣା କରିଛନ୍ତି। ଲାଇଟ୍ ଗନ୍ ପାଇଁ ୪ ଲକ୍ଷ ୯୫ ହଜାର ଟଙ୍କା, ଏକେ-୪୭ ପାଇଁ ୩ ଲକ୍ଷ ୩୦ ହଜାର ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ଗୋଟିଏ ଗ୍ରେନେଡ୍‌ରେ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ନିର୍ଦ୍ଧାରିତ ହୋଇଛି। ଅସ୍ତ୍ର ନ ଥାଇ ଆତ୍ମସମର୍ପଣ କରିଥିଲେ ମଧ୍ୟ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ। ଗତ ୨୦୨୫ ନଭେମ୍ବର ୨୭ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନି ମାସ ମଧ୍ୟରେ ପୁଣି ପରିବର୍ତ୍ତନ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ସରକାର ଏବେ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଗନ୍ଧମାର୍ଦ୍ଦନ ହେବ ନକ୍ସଲ ମୁକ୍ତ

ବରଗଡ,୧୧।୨: ବରଗଡ ଜିଲ୍ଲାର ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ ଜଙ୍ଗଲ ହେବ ନକ୍ସଲ ମୁକ୍ତ । ଏବେ ଓଡ଼ିଶା ପୋଲିସର ନିଶାଣରେ ଗନ୍ଧମାର୍ଦ୍ଦନ ପାହାଡରେ ଲୁଚି ରହିଥିବା ନକ୍ସଲ । ହିଂସା ଛାଡି ଆତ୍ମ ସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବାର୍ତ୍ତା ଦେଇଛି ଆଣ୍ଟି ନକ୍ସଲ ଅପରେସନ। ମାର୍ଚ୍ଚ ୩୧ ସୁଦ୍ଧା ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାକୁ ନକ୍ସଲମୁକ୍ତ କରିବା ପାଇଁ ପୋଲିସ୍ ରଣ କୌଶଳ ପ୍ରସ୍ତୁତ କରିଛି ।ଆଣ୍ଟି ନକ୍ସଲ ଅପରେସନର ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା,ଆଇଜି ଦୀପକ କୁମାର, ଆଇଜି ହିମାଂଶୁ ଲାଲ , ଡିଆଇଜି ଏସଆଇଡବଲୁ ଅଖିଳେଶ୍ୱର୍ ସିଂ, ବରଗଡ଼ ଓ ବଲାଙ୍ଗୀର ଏସପିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରି ପୋଲିସ ରଣ କୌଶଳ ପ୍ରସ୍ତୁତ କରିଛି ପୋଲିସ୍।

### ଦୀନଦୟାଲଜୀଙ୍କ ଏକାତ୍ମମାନବବାଦକୁ ମୁଖ୍ୟମନ୍ତ୍ରୀ କଲେ ପ୍ରଶଂସା

# ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ

ଭୁବନେଶ୍ୱର, ୧୧।୨(ନିପ୍ର): ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘର ସହ ସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି

## କଲ୍ୟାଣମୂଳକ କାର୍ଯ୍ୟ ପାଇଁ ତାଙ୍କ ଦର୍ଶନ ଶାସ୍ତ୍ର ମୂଳ ଆଧାର

ହେଉଛି ୫୮ତମ ପୁଣ୍ୟତିଥି । ଆଜିର ଦିନକୁ ଭାରତୀୟ ଜନତା ପାର୍ଟି ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ 'ସମର୍ପଣ ଦିବସ -୨୦୨୬' କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ




ଶ୍ରୀ ମାଝୀ କହିଛନ୍ତି ଯେ, ଉତ୍ତରପ୍ରଦେଶର ମଥୁରାରୁ ୨୫ କିଲୋମିଟର ଦୂର ନଗହୀଚନ୍ଦ୍ରଭାନ୍ ଗ୍ରାମରେ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଦୀନଦୟାଲ ଜୀ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ । ତାଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍‌ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ । ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ । ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ ଅଟେ । ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କ ଏକ ଅଭୂତପୂର୍ବ ସଫଳତା । ସମାଜର ଅର୍ଥନୈତିକ ଶିଡ଼ିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ ।୧୯୮୫ ମସିହାରେ ଭାରତୀୟ ଜନତା ପାର୍ଟି ଏହାକୁ ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ପଞ୍ଚନିଷ୍ଠାରେ ସ୍ଥାନିତ କରିଛି । ଗ୍ରାମାଞ୍ଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟ ଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋଷେଇ ଗ୍ୟାସ ଯୋଗାଣ, ଜାତୀୟ ଜୀବିକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତିକରଣ ଆଦି ଗରିବ କଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର।

## ଭିଜିଲାନ୍ସ ପଞ୍ଝାରେ କନିଷ୍ଠ ସହାୟକ

- ୮ ହଜାର ଟଙ୍କାରେ ଚାକିରି ଆରମ୍ଭ
- ୩ ମହଲା କୋଠା, ଘରୁ ମିଳିଲା ୪୫୦ ଗ୍ରାମ ସୁନା

ଅନୁଗୁଳ,୧୧।୨: ଭିଜିଲାନ୍ସ ପଞ୍ଝାରେ ପଡ଼ିଥିବା ଅନୁଗୁଳ ଜିଲ୍ଲା ସିଡିଏମ୍‌ଓ କାର୍ଯ୍ୟାଳୟର କନିଷ୍ଠ ସହାୟକ ସୁବ୍ରତ ବେହେରାଙ୍କର ପୁଳା ପୁଳା ସମ୍ପତ୍ତି ବୁଧବାର ଠାବ ହୋଇଛି । ଅନୁଗୁଳ ଜିଲ୍ଲା ସିଡିଏମ୍‌ଓ କାର୍ଯ୍ୟାଳୟର ଏହି କନିଷ୍ଠ ସହାୟକ ୨ କୋଟି ୩୮ ଲକ୍ଷ ସରକାରୀ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ପରେ ଭିଜିଲାନ୍ସ ଚଢ଼ଉ କରିଛି । ସକାଳୁ ସୁବ୍ରତ ବେହେରାଙ୍କର ୫ ଟି ଠିକଣାରେ ଚଢ଼ଉ କରାଯାଇଥିଲା । ଅନୁଗୁଳ, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି । ନାଲକୋ ନଗର ଥାନା ଅଧୀନସ୍ଥ ବୋଣ୍ଡା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ବାଉଁଶପୋଖରୀ ଗ୍ରାମରେ ଥିବା ପୈତୃକ ବାସଭବନ, ଭୁବନେଶ୍ୱର ଶ୍ରୀବିହାରରେ ଥିବା ସମ୍ପର୍କୀୟଙ୍କ ଭଡ଼ା ଘର ଏବଂ ଅନୁଗୁଳ ସିଡିଏମ୍‌ଓ କାର୍ଯ୍ୟାଳୟରେ ଥିବା ଅଫିସ୍ ରୁମରେ ଚଢ଼ଉ ହୋଇଛି । ଯାଞ୍ଚବେଳେ ପୁଳା ପୁଳା ସମ୍ପତ୍ତି ଭିଜିଲାନସ ହାତରେ ଲାଗିଥିବା ଏକ ସୂତ୍ରରୁ ପ୍ରକାଶ । ଅନୁଗୁଳ ଟାଉନ ହାକିମପଡ଼ାରେ ଥିବା ୪୫୦୦ ବର୍ଗ ଫୁଟରେ ତିନି ମହଲା କୋଠା, ୪୫୦ ଗ୍ରାମ ସୁନା ଅଳଙ୍କାର,



ସ୍କୋଡା କମ୍ପାନୀର ଦାମୀ କାର, ୩ଟି ଦୁଇ ଚକିଆ ଯାନ ଓ ବ୍ୟାଙ୍କ ପାସ ବୁକ୍, ଡାକ ଜମା ଏବଂ ଅନ୍ୟାନ୍ୟ ଜମା ରାଶି ମିଳିଛି । ଶ୍ରୀ ବେହେରା ୨୦୧୧ ରୁ ୨୦୧୭ ମସିହା, ମାତ୍ର ୬ ବର୍ଷ ମଧ୍ୟରେ ତାଙ୍କ ଦରମାରୁ ଅଧିକ ଟଙ୍କା ଉଠାଇ ୨.୩୮ କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ୨୦୦୭ରେ ଆଠମଲ୍ଲିକର କାର୍ଯ୍ୟାଳୟ ଏସଡିଏମଓରେ ଜୁନିଅର ସହାୟକ ଭାବରେ ଯୋଗ ଦେବା ବେଳେ ମାସିକ ଦରମା ଥିଲା ୮ ହଜାର ଟଙ୍କା ।

## ପିପିଲିରେ ଏନ୍‌କାଉଣ୍ଟର

### କିନ୍ନର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଆହତ



ପିପିଲି,୧୧।୨(ନିପ୍ର): ନିକଟରେ ଜଣେ କିନ୍ନର ହତ୍ୟା ମାମଲା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୃଷ୍ଣ କାଣ୍ଡି ବୁଧବାର ଭୁବନେଶ୍ୱର ନିକଟବର୍ତ୍ତୀ ପିପିଲି ବାଇପାସ୍ ନିକଟରେ ପୋଲିସ ଏନକାଉଣ୍ଟରରେ ଆହତ ହୋଇଥିବା ପ୍ରକାଶ। ମାମଲାର ତଦନ୍ତ କରୁଥିବା ପୋଲିସ କାଣ୍ଡିକୁ ଗିରଫ କରିବା ପାଇଁ ଏକ ସ୍ଥାନରେ ଚଢାଉ କରିଥିଲା ।ଖବର ଅନୁସାରେ, ପୁରୀର କୋଣାର୍କ ଅଞ୍ଚଳର ଏହି ବାସିନ୍ଦା ପୋଲିସ ଉପରେ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରୁଥିଲା । ପୋଲିସ ପାଲଟା ଗୁଳି ଚଳାଇଥିଲା ଏବଂ ଅଭିଯୁକ୍ତଙ୍କ ବାମ ଗୋଡରେ ଗୁଳି ବାଜିଥିଲା। ପରେ ତାଙ୍କୁ ଗିରଫ କରାଯାଇ ପୋଲିସ ହେପାଜତକୁ ନିଆଯାଇଥିଲା ବୋଲି କୁହାଯାଇଛି। ଅଭିଯୁକ୍ତଙ୍କୁ ଚିକିତ୍ସା ପାଇଁ କଟକର ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ୧୭ରୁ ବିଧାନସଭା ବଜେଟ ଅଧିବେଶନ

### ୧୬ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୧।୨ : ଫେବୃଆରୀ ୧୭ରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବ । ଆସନ୍ତା ୧୬ ତାରିଖରେ ବସିବ ସର୍ବଦଳୀୟ ବୈଠକ । ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏହି ବୈଠକ । ଫେବୃଆରୀ ୨୦ରେ ଆସିବ ରାଜ୍ୟ ବଜେଟ୍ । ବଜେଟ୍ ଅଧିବେଶନରେ ରହିଛି ୨୯ଟି କାର୍ଯ୍ୟ ଦିବସ । ଫେବୃଆରୀ ୧୭ରୁ ୨୪ ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ ଅଧିବେଶନ । ମାର୍ଚ୍ଚ ୯ରୁ ଏପ୍ରିଲ୍ ୮ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ମାର୍ଚ୍ଚରେ ହେବ। ଉଭୟ ପର୍ଯ୍ୟାୟରେ ପ୍ରାୟ ୩୦ଦିନ କାର୍ଯ୍ୟ ଦିବସ ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି।

## ପିୟୁସିସି କରିବା ବାଧ୍ୟତାମୂଳକ

ଭୁବନେଶ୍ୱର,୧୧।୨: ସମସ୍ତ ଗାଡ଼ି ଚାଳକଙ୍କୁ ପିୟୁସିସି କରିବା ବାଧ୍ୟତାମୂଳକ। ପିୟୁସିସିକୁ ହାଇକୋର୍ଟର ଖାରଜ ପରେ ନିଜର ପ୍ରତିକ୍ରିୟା ଏପରି ପ୍ରକାଶ କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସେ କହିଛନ୍ତି ଯେ, ଯେଉଁ କଥା ଆମେ କହୁଥିଲୁ ଲୋକଙ୍କ ଆବେଗ ଥିଲା ଯେ ପିୟୁସିସି ହଠାତ୍ ବୋଝ ଭଳିଆ ହେଇଗଲା । ବାଧ୍ୟତାମୂଳକ ନୂଆ କିଛି ନ ଥିଲା । ଗାଡ଼ିଟେ ଥିଲେ ପିୟୁସିସି ଆବଶ୍ୟକ। ଯେମିତି ଫିଟନେସ ଦରକାର, ଲାଇସେନ୍ସ ଦରକାର ସେମିତି ପିୟୁସିସିର ମଧ୍ୟ ଆବଶ୍ୟକ ଥିଲା । ହଠାତ୍ କାର୍ଯ୍ୟକାରୀ କରାଯିବାରୁ ଲୋକେ ଭାବିଲେ । ଯେହେତୁ ଓଡ଼ିଶାର ବାୟୁ ପ୍ରଦୂଷଣ ବଢୁଛି । ବାଧ୍ୟବାଧକତାରେ ହେବା ଦରକାର । ଓଡ଼ିଶାରେ କୋଟିଏରୁ ଉର୍ଦ୍ଧ୍ୱ ଗାଡ଼ି ହେଲାଣି । ମାନ୍ୟବର ହାଇକୋର୍ଟ କହିଲେ ୯୦ ଦିନର ଯଦି ଚାଲାଣ ବାକି ଅଛି ପିୟୁସିସି ହୋଇପାରିବ ନାହିଁ । ଜନସ୍ୱାର୍ଥ ମାମଲା ଦାଖଲ କରିବା ଲୋକଙ୍କ ଅଧିକାର, ଲୋକଙ୍କ ସ୍ୱାଧୀନତା ମଧ୍ୟ । ମାନ୍ୟବର ହାଇକୋର୍ଟ ତାକୁ ଖାରଜ କଲେ। ସରକାରଙ୍କ ପ୍ରାଥମିକତା ନାହିଁ କାହାକୁ ଜରିମାନା ନେଇକି ସରକାର ଚାଲିବା ଆମ ସରକାରଙ୍କ ପ୍ରାଥମିକତା ନାହିଁ। ନିଶ୍ଚିତ ଭାବେ ତାକୁ ତର୍ଜମା କରାଯିବ ଓ କମ୍ ବି କରାଯିବ।

# ମହିଳା ବିରୋଧୀ ଅପରାଧ: ଘରୋଇ ହିଂସା ସର୍ବାଧିକ

- ହିଂସା ମାମଲାରେ ଭୁବନେଶ୍ୱର ସବୁଠୁ ଆଗରେ
- ମହିଳା ଅପରାଧର ୨୦୨୪-୨୫ ବାର୍ଷିକ ରିପୋର୍ଟ
- ସାର୍ବଜନୀନ କଲେ ଓଡ଼ିଶା ରାଜ୍ୟ ମହିଳା କମିଶନ
- ୧୮୭୯ ମାମଲା ସମାଧାନରେ କମିଶନ ସଫଳ

ଭୁବନେଶ୍ୱର, ୧୧।୨(ନିପ୍ର): ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷର ମହିଳା ଅପରାଧ ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ସାର୍ବଜନୀନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ଅତିଥି ଭାବେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିବା ବେଳେ କମିଶନର ଅଧ୍ୟକ୍ଷା ଶୋଭନା ମିଶ୍ର କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ରିପୋର୍ଟ ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୨୦୬୪ଟି ମହିଳା ସମ୍ବନ୍ଧୀୟ ଅପରାଧିକ ମାମଲା ରୁଜୁ ହୋଇଥିଲା। ସେଥିରୁ ୧୮୭୯ଟି ମାମଲା ସମାଧାନ କରିବାରେ କମିଶନ ସଫଳ ହୋଇଛି ।ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧମାନଙ୍କ ମଧ୍ୟରେ ଘରୋଇ ହିଂସା ସର୍ବାଧିକ ରହିଛି। ଏହି ବର୍ଷରେ ୮୫୨ଟି ଘରୋଇ ହିଂସା ମାମଲା କମିଶନଙ୍କ ନିକଟରେ ରୁଜୁ ହୋଇଛି। ଯୌତୁକଜନିତ ନିର୍ଯାତନା ଓ ପରିତ୍ୟାଗ ସମ୍ବନ୍ଧୀୟ ୬୭୫ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୫୮୧ଟିର ସମାଧାନ ହୋଇଛି। ଏହାଛଡ଼ା ମହିଳା ଅଧିକାର ଉଲ୍ଲଂଘନର ୧୮୨ଟି ଏବଂ ଅଶୋଭନୀୟ ଆଚରଣର ୧୩୭ଟି ମାମଲା ରୁଜୁ ହୋଇଛି। ଯୌତୁକ ଜନିତ ହତ୍ୟା ୧୨, ସନ୍ଦେହଜନକ ମୃତ୍ୟୁ ୧୪, ଦୁଷ୍କର୍ମ ୨୪, ମିଥ୍ୟା ପ୍ରତିଶ୍ରୁତି ଦେଇ ବିବାହ ନାମରେ ପ୍ରତାରଣା ୩୦, ଅପହରଣ ୨୮, ଜମି ବିବାଦଜନିତ



ମହିଳା ହିଂସା ୪୮, କର୍ମକ୍ଷେତ୍ରରେ ନିର୍ଯାତନା ୨୫, ମହିଳାଙ୍କୁ ଖରାପ ବ୍ୟବହାର ୫ ଏବଂ ଅନ୍ୟାନ୍ୟ ହିଂସା ସମ୍ବନ୍ଧୀୟ ୩୩ଟି ମାମଲା ରୁଜୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସାଇବର ଅପରାଧ ସମ୍ବନ୍ଧୀୟ କୌଣସି ମାମଲା ଏହି ବର୍ଷରେ ରୁଜୁ ହୋଇନାହିଁ। ଜିଲ୍ଲା ଭିତ୍ତିକ ତଥ୍ୟ ଅନୁସାରେ, ମହିଳା ହିଂସା ମାମଲାରେ ଭୁବନେଶ୍ୱର ସବୁଠାରୁ ଆଗରେ ରହିଛି। ଏଠାରେ ୨୯୮ଟି ମାମଲା ରୁଜୁ ହୋଇଛି। ପରବର୍ତ୍ତୀ ସ୍ଥାନରେ କଟକ (୨୧୪), ଖୋର୍ଦ୍ଧା (୨୧୦), ପୁରୀ (୧୮୧), ଗଞ୍ଜାମ (୧୨୦), ଭଦ୍ରକ (୧୧୩) ଏବଂ ଯାଜପୁର (୧୦୩) ରହିଛନ୍ତି।

## 'ବନ୍ଦେ ମାତରମ୍' ପାଇଁ ଠିଆ ହେବା ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୧।୨: ବନ୍ଦେ ମାତରମ୍ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବନ୍ଦେ ମାତରମ ପାଇଁ ଠିଆ ହେବା ବାଧ୍ୟତାମୂଳକ ହେବ। ସିନେମା ଘରେ ବନ୍ଦେ ମାତରମ ପାଇଁ ଠିଆ ହେବା ବାଧ୍ୟତାମୂଳକ ହେବ ନାହିଁ, କିନ୍ତୁ ସରକାରୀ କାର୍ଯ୍ୟକ୍ରମରେ କିମ୍ବା ସ୍କୁଲରେ ସମ୍ପୂର୍ଣ୍ଣ ଛଅ ପଙ୍‌କ୍ତି ଜାତୀୟ ଗୀତ ବାଜିବ। ଏ ସମ୍ପର୍କରେ ଏକ ନୋଟ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ମନ୍ତ୍ରଣାଳୟ ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଜାରି କରାଯାଇଛି ।ସରକାରୀ କାର୍ଯ୍ୟକ୍ରମରେ ୩ ମିନିଟ ୧୦ ସେକେଣ୍ଡର ଛଅ ଛନ୍ଦ ବିଶିଷ୍ଟ ଗୀତ 'ବନ୍ଦେ ମାତରମ' ବଜାଇବା କିମ୍ବା ଗାନ କରିବା ବାଧ୍ୟତାମୂଳକ କରାଯାଇଛି। ୧୦ ପୃଷ୍ଠାର ଆଦେଶରେ, ଗୃହ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଯଦି ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ଏକକାଳୀନ ଗାନ କରାଯାଏ, ତେବେ ପ୍ରଥମେ 'ବନ୍ଦେ ମାତରମ' ବଜାଯିବ ଏବଂ ଏହି ସମୟରେ ଲୋକଙ୍କୁ ଧ୍ୟାନରେ ଠିଆ ହେବାକୁ ପଡିବ ।ଏହି ସରକାରୀ ପଦକ୍ଷେପକୁ ବନ୍ଦେ ମାତରମକୁ ଲୋକପ୍ରିୟ କରିବା ପାଇଁ ଏକ ପଦକ୍ଷେପ ଭାବରେ ଦେଖାଯାଇଛି।




ଧାର୍ମିକ ବିଶ୍ୱାସ ଅନୁସାରେ, ମହାଶିବରାତ୍ରିରେ ଭଗବାନ ଶିବ ପ୍ରଥମେ ତାଙ୍କର ନିରାକାର ରୂପରୁ ପ୍ରକାଶିତ ହୋଇଥିଲେ। ଏହି ଦିନ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବିଶ୍ୱାସ କରାଯାଏ ଯେ ଏହି ଦିନ ଉପଯୁକ୍ତ ରୀତିନୀତି ସହିତ ଭଗବାନ ଶିବଙ୍କୁ ପୂଜା କରିବା, ଉପବାସ ରଖିବା ଏବଂ ସାରା ରାତି ଜାଗ୍ରତ ରହିବା ଦ୍ୱାରା ମନସ୍କାମନା ପୂରଣ ହୁଏ।



ପ୍ରତିବର୍ଷ ଫାଲଗୁନ ମାସର କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ କରାଯାଏ । ଚଳିତ ବର୍ଷ ଫେବୃଆରୀ ୧୫ ତାରିଖ ରବିବାର ଦିନ ପାଳନ କରାଯିବ। ଧାର୍ମିକ ବିଶ୍ୱାସ ଅନୁସାରେ, ମହାଶିବରାତ୍ରିରେ ଭଗବାନ ଶିବ ପ୍ରଥମେ ତାଙ୍କର ନିରାକାର ରୂପରୁ ପ୍ରକାଶିତ ହୋଇଥିଲେ। ଏହି ଦିନ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବିଶ୍ୱାସ କରାଯାଏ ଯେ ଏହି ଦିନ ଉପଯୁକ୍ତ ରୀତିନୀତି ସହିତ ଭଗବାନ ଶିବଙ୍କୁ ପୂଜା କରିବା, ଉପବାସ ରଖିବା ଏବଂ ସାରା ରାତି ଜାଗ୍ରତ ରହିବା ଦ୍ୱାରା ମନସ୍କାମନା ପୂରଣ ହୁଏ। ରୋଗରୁ ମୁକ୍ତି ମିଳେ ଏବଂ ମୋକ୍ଷର ଆଶୀର୍ବାଦ ମିଳିଥାଏ। ଏହା ବ୍ୟତୀତ, ଗ୍ରହ ଏବଂ ନକ୍ଷତ୍ରର ଅଶୁଭ ପ୍ରଭାବରୁ ମୁକ୍ତି ମିଳିଥାଏ ଏବଂ ଭଗବାନ ଶିବଙ୍କ କୃପା ଦ୍ୱାରା ସମସ୍ତ ପ୍ରୟାସ ସଫଳ ହୁଏ। ଏହି ପବିତ୍ର ଦିନରେ ଶିବଲିଙ୍ଗଙ୍କୁ ସ୍ୱତନ୍ତ୍ର ଅଭିଷେକ ଏବଂ ଭୋଗ ଅର୍ପଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

# ମହାଶିବରାତ୍ରିର ଧାର୍ମିକ ମହତ୍ତ୍ୱ



*ଧାର୍ମିକ ବିଶ୍ୱାସ ଅନୁସାରେ ମହାଶିବରାତ୍ରିରେ ଭଗବାନ ଶିବ ଅତ୍ୟନ୍ତ ପ୍ରସନ୍ନ ହୁଅନ୍ତି। ହୃଦୟରେ କରାଯାଇଥିବା ପୂଜା ଶୀଘ୍ର ଫଳ ପ୍ରଦାନ କରେ। ଏହି ପୂଜା କେବଳ ପୂଜା ପାଇଁ ସୀମିତ ନୁହେଁ, ବରଂ ଆତ୍ମ-ଶୁଦ୍ଧି, ସଂଯମ ଏବଂ ଆଧ୍ୟାତ୍ମିକ ସାଧନାକୁ ପ୍ରତୀକ କରେ। କୁହାଯାଏ ଯେ ଏହି ଦିନରେ ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ଜୀବନର ଦୁଃଖ ଦୂର ହୁଏ ଏବଂ ମୋକ୍ଷର ପଥ ଖୋଲିଯାଏ। ମହାଶିବରାତ୍ରିରେ ସଠିକ୍ ପୂଜା କରିବା, ଉପଯୁକ୍ତ ନୈବେଦ୍ୟ ଅର୍ପଣ କରିବା ଏବଂ ନିର୍ଦ୍ଧାରିତ ରୀତିନୀତି ପାଳନ କରିବା ଦ୍ୱାରା ଭଗବାନ ଶିବଙ୍କ ବିଶେଷ ଆଶୀର୍ବାଦ ମିଳିଥାଏ। ଯାହା ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଥାଏ।*

## ମହାଶିବରାତ୍ରିର ଭୋଗ:

ମହାଶିବରାତ୍ରିରେ, ଆପଣ ଭଗବାନ ଶିବଙ୍କୁ ସରବତ ଅର୍ପଣ କରିପାରିବେ। ଭଗବାନ ଶିବ ସରବତକୁ ଭଲ ପାଆନ୍ତି, ଏବଂ ଏହା ଅନେକ ମନ୍ଦିରରେ ମହାଦେବଙ୍କୁ ଅର୍ପଣ କରାଯାଏ।

ମହାଶିବରାତ୍ରିରେ, ଆପଣ ମହାଦେବଙ୍କୁ ପ୍ରସାଦ ଭାବରେ ମଖାନାର କ୍ଷୀର ଅର୍ପଣ କରିପାରିବେ। ଭଗବାନ ଶିବଙ୍କୁ ମଖାନା କ୍ଷୀର ଅର୍ପଣ କରିବା ଦ୍ୱାରା ଜାତକରେ ଚନ୍ଦ୍ରର ଶୁଭ ସ୍ଥିତି ସୁନିଶ୍ଚିତ ହୁଏ ଏବଂ ଅନେକ ଗ୍ରହର ଅଶୁଭ ପ୍ରଭାବରୁ ମୁକ୍ତି ମିଳିଥାଏ।

ମହାଶିବରାତ୍ରିରେ, ଆପଣ ମହାଦେବଙ୍କୁ ଲସି ମଧ ଅର୍ପଣ କରିପାରିବେ। ଲସି ଅର୍ପଣ କରିବା ଦ୍ୱାରା ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିଥାଏ ଏବଂ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସିଥାଏ। ଏହା ସହ ଆପଣ ଲସିରେ ଟିକେ ଭାଙ୍ଗ ମିଶାଇ ପାରିବେ।

ଆପଣ ଭଗବାନ ଶିବଙ୍କୁ ମାଲପୁଆ ମଧ ଦେଇପାରିବେ। ଏହା କରିବା ଦ୍ୱାରା ଚାକିରି ଏବଂ ବ୍ୟବସାୟରେ ଚାଲିଥିବା ସମସ୍ୟା ଦୂର ହୁଏ ଏବଂ ପ୍ରଗତି ପାଇଁ ସୁଯୋଗ ମିଳେ।

ମହାଶିବରାତ୍ରିରେ ହାଲୱା, ଫଳ ଅର୍ପଣ କରିପାରିବେ। ଏହି ପବିତ୍ର ଦିନରେ, ସୁଜି କିମ୍ବା ବାଦାମ ଅଟାରେ ତିଆରି ହାଲୱା ପ୍ରସ୍ତୁତ କରି ଏହାକୁ ଅର୍ପଣ କରନ୍ତୁ। ଋତୁକାଳୀନ ଫଳ ଏବଂ ପାଉଁଶ କିମ୍ବା ବିଭୂତି ଅର୍ପଣ କରିବା ଦ୍ୱାରା ବିଚ୍ଛିନ୍ନତା ଏବଂ ଆଧ୍ୟାତ୍ମିକ ପ୍ରଗତି ପାଇଁ ପଥ ପ୍ରଶସ୍ତ ହୁଏ।

## ମହାଶିବରାତ୍ରିରେ କ'ଣ କରିବେ ?

- ଏହି ଦିନ ବ୍ରହ୍ମ ମୁହୂର୍ତ୍ତରେ ଉଠି ସ୍ନାନ କରନ୍ତୁ ଏବଂ ସଫା ପୋଷାକ ପିନ୍ଧନ୍ତୁ।
- ମହାଶିବରାତ୍ରିରେ ପୂଜା କରିବା ସମୟରେ, ଗୋଟିଏ ପରେ ଗୋଟିଏ ଜିନିଷ ଅର୍ପଣ କରନ୍ତୁ।
- କେବେବି ଦୁଇଟି ଜିନିଷ ଏକାଥରେ ଅର୍ପଣ କରନ୍ତୁ ନାହିଁ।
- ପଞ୍ଚାମୃତ (ଦୁଧ, ଦହି, ଘିଅ, ମହୁ ଏବଂ ଚିନି) ସହିତ ଶିବଲିଙ୍ଗରେ ଅଭିଷେକ କରନ୍ତୁ।
- ମହାଦେବଙ୍କ ଅଭିଷେକ କରିବା ସମୟରେ ସର୍ବଦା ଏକ ପାତ୍ର ବ୍ୟବହାର କରନ୍ତୁ।
- ଯଥାସମ୍ଭବ 'ଓମ୍ ନମଃ ଶିବାୟ' ମନ୍ତ୍ର ଜପ କରନ୍ତୁ।
- ଶିବ ପୁରାଣ କିମ୍ବା ଶିବ ସ୍ତୋତ୍ର ପାଠ କରନ୍ତୁ ।
- ଅଭାବୀ ଲୋକଙ୍କୁ ଖାଦ୍ୟ, ବସ୍ତ୍ର କିମ୍ବା ଟଙ୍କା ଦାନ କରନ୍ତୁ। ଯାହା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଏ।

## ମହାଶିବରାତ୍ରି କ'ଣ କରିବେ ନାହିଁ ?

- ମହାଶିବରାତ୍ରିରେ ବିବାଦରୁ ଦୂରରେ ରୁହନ୍ତୁ ଏବଂ ଘରେ ଶାନ୍ତି ବଜାୟ ରଖନ୍ତୁ।
- ମାଂସାହାରୀ ଖାଦ୍ୟ, ମଦ୍ୟପାନ ଏବଂ ପିଆଜ ଏବଂ ରସୁଣ ଖାଇବାରୁ ଦୂରେଇ ରୁହନ୍ତୁ।
- ପୂଜା ସମୟରେ ଶିବଲିଙ୍ଗଙ୍କୁ, ପଦ୍ମ ଏବଂ କେତକୀ ଫୁଲ ସହିତ ତୁଳସୀ ପତ୍ର ଅର୍ପଣ କରନ୍ତୁ ନାହିଁ, କାରଣ ଶିବ ପୂଜାରେ ତୁଳସୀକୁ ନିଷେଧ ବୋଲି ବିବେଚନା କରାଯାଏ।
- ମହାଶିବରାତ୍ରିରେ ଭୁଲରେ ମଧ ଶଙ୍ଖରେ ଶିବଲିଙ୍ଗଙ୍କୁ ଜଳ ଅର୍ପଣ କରନ୍ତୁ ନାହିଁ।
- ମିଛ କହିବା, କ୍ରୋଧ କରିବା କିମ୍ବା କାହାକୁ ଅପମାନ କରିବାରୁ ଦୂରେଇ ରୁହନ୍ତୁ।
- ପୂଜା ସମୟରେ ଭଙ୍ଗା ଫୁଲ, ବାସି ପ୍ରସାଦ, ମଇଳା ପୋଷାକ ବ୍ୟବହାର କରନ୍ତୁ ନାହିଁ।
- ମହାଶିବରାତ୍ରିରେ, ଆଳସ୍ୟ ଏବଂ ନକାରାତ୍ମକ ଚିନ୍ତାଧାରା ପରିହାର କରିବା ଉଚିତ।
- ମହାଶିବରାତ୍ରିରେ କଳା ରାଶି କିମ୍ବା ଭଙ୍ଗା ଚାଉଳ ଅର୍ପଣ କରନ୍ତୁ ନାହିଁ।
- ଚାରି ଘଣ୍ଟା ପୂଜା କରାଯାଉଥିବା ବେଳେ, ଶୋଇବା ପରିହାର କରନ୍ତୁ ଏବଂ ଏହି ରାତିରେ ପୂଜା କରନ୍ତୁ।




## କାହିଁକି ପାଳନ୍ତି ମହାଶିବରାତ୍ରି ?

ଉପବାସ ବ୍ରତ ପାଳି, ରାତି ଉଜାଗର ରହି ମହାଦେବଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ଜାଳି ନିଷ୍ଠାର ସହିତ ମହାପ୍ରଭୁଙ୍କୁ ସୁମରଣା କରିବାକୁ ଭକ୍ତଙ୍କ ମଧ୍ୟରେ ଏତେ ଉତ୍କଣ୍ଠା, ଉଦ୍ଦୀପନା କାହିଁକି ? ଏହା ପଛରେ ରହିଛି ଅନେକ ପୌରାଣିକ ଗାଥା । ସେଥିମଧ୍ୟରୁ ସର୍ବାଧିକ ପ୍ରଚଳିତ କାହାଣୀ ହେଉଛି ସମୁଦ୍ର ମନ୍ଥନ କାଳରେ ସଂହାରକର୍ତ୍ତାଙ୍କ ବିଶ୍ୱରକ୍ଷା ପ୍ରତି ଅବଦାନ । ମହାପ୍ରଭୁ ବିଷ୍ଣୁ କୂର୍ମ ଅବତାର ଗ୍ରହଣ କରି ମହାସମୁଦ୍ରରେ ଅବସ୍ଥାନ କରିଥାନ୍ତି । ସେଥିରେ ନାଗରାଜ ବାସୁକୀଙ୍କୁ ଦଉଡ଼ି ଭଳି ଗୁଡ଼ାଇ ମୁଖ ପଟେ ଦେବତା ଓ ଲାଞ୍ଜ ପଟେ ଅସୁର ରହି ସମୁଦ୍ରକୁ ଦଧିଭାଣ୍ଡ ଭଳି ମନ୍ଥନ କରୁଥାନ୍ତି । ଦିନରାତି ମନ୍ଥନ ଚାଲିଲା । ଫଳ ସ୍ୱରୂପ ମହାସମୁଦ୍ରରୁ ମହାଲକ୍ଷ୍ମୀ, ଅପସରା, ଅମୃତ ଭାଣ୍ଡ ଭଳି ଅନେକ ଅନନ୍ୟ ଜିନିଷ ଦେବତା ଓ ଅସୁରଙ୍କ ହସ୍ତଗତ ହେଲା । ୧୨ ଦିନ ଅବିରତ ମନ୍ଥନ ଚାଲିବା ଫଳରେ ଚାପ ସମ୍ଭାଳି ପାରିଲେନି ନାଗରାଜ ବାସୁକୀ । ତାଙ୍କ ମୁଖରୁ ଅନର୍ଗଳ ଭାବେ ହଳାହଳ ବିଷ ନିର୍ଗତ ହୋଇ ମାଟି, ପାଣି, ପବନକୁ ବିଷାକ୍ତ କରିଦେଲା । ଫଳରେ ବିଶ୍ୱରେ ଜୀବଜଗତ ପ୍ରତି ସଙ୍କଟ ଘୋଟି ଆସିଲା । ଏହି ସଙ୍କଟରୁ ପରିତ୍ରାଣ ପାଇଁ ଦେବତା, ମନୁଷ୍ୟ ଓ ଅସୁର ସମସ୍ତେ ମହାଦେବଙ୍କ ନିକଟରେ ଶରଣ ପଶିଲେ । ବିଷ ଦାଉରୁ ବିଶ୍ୱକୁ ରକ୍ଷା କରିବା ଲାଗି ମହାଦେବ ଶିବ ମନ୍ଥନସ୍ଥଳରେ ଆବିର୍ଭାବ ହେଲେ । ନାଗରାଜ ବାସୁକୀଙ୍କ ହଳାହଳ ବିଷକୁ ଆକଣ୍ଠ ପାନ କଲେ । ବିଷ ପ୍ରଭାବରେ ମହାଦେବଙ୍କ କଣ୍ଠ ନୀଳରଙ୍ଗ ହୋଇଗଲା । ପ୍ରଭୁ ଅଚେତ ହୋଇଗଲେ । ମହାପ୍ରଭୁଙ୍କୁ ସଚେତ କରିବା ଲାଗି ଦେବତା, ମନୁଷ୍ୟ ଓ ଅସୁର ସମାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହାଦେବଙ୍କୁ ଆକୁଳ କଣ୍ଠରେ ଡାକିଲେ । ଶେଷରେ ମହାପ୍ରଭୁ ବିଷ ପ୍ରଭାବରୁ ମୁକ୍ତ ହୋଇ ସମସ୍ତଙ୍କୁ ଦର୍ଶନ ଦେଇ ଆଶୀର୍ବାଦ ପ୍ରଦାନ କଲେ । ସେହିଦିନର ସନ୍ଧକ ଅନୁଯାୟୀ ଫଗୁଣ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ମହାଦେବଙ୍କୁ ଆରାଧନା କରି ସମଗ୍ର ମାନବ, ଦେବତା ଓ ଅସୁର ଆଶୀର୍ବାଦ ଲାଭ କରି ଆସୁଛନ୍ତି ।

ଦିନ ଥିଲା ମହାଶିବରାତ୍ରିର ୭ ଦିନ ପୂର୍ବରୁ ଶିବ ଉପାସନା ପାଇଁ ଅହୋରାତ୍ର ସଂକୀର୍ତ୍ତନ, ଖୋଳ କରତାଳରେ ପ୍ରକମ୍ପିତ ହେଉଥିଲା ଏକାମ୍ରକ୍ଷେତ୍ର । ମହାଶିବରାତ୍ରି ଦିନ ଲକ୍ଷ ଲକ୍ଷ ପ୍ରଦୀପ ପ୍ରଜ୍ୱଳନରେ ଝଲସି ଉଠୁଥିଲା ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ଏହାର ଚତୁର୍ଦ୍ଦିଗ । ମହାଦୀପ ଉଠିବା ପରେ ମଧ ଭକ୍ତ ଗଣ ରାତିତମାମ ଉଜାଗର ରହି ଦୀପ ଜାଳି ବସୁଥିଲେ । ଏବେ ସମୟ ବଦଳିଛି । ସାଜସଜ୍ଜାରେ ପ୍ରଦୀପର ସ୍ଥାନ ନେଇଛି ରଙ୍ଗିନ ବିଦ୍ୟୁତ ଆଲୋକମାଳା । ଲକ୍ଷାଧିକ ଲୋକେ ଦୀପ ଜାଳୁଛନ୍ତି ସତ, କିନ୍ତୁ ମହାଦୀପ ଉଠିବା ପରେ ପ୍ରାୟ ଭକ୍ତ ବ୍ରତ ସମାପନ କରି ଉଠି ଯାଉଛନ୍ତି । ସେହିଭଳି ସଂକୀର୍ତ୍ତନର ସ୍ଥାନ ନେଇଛି ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ । ସିଧା ସଳଖ ପ୍ରସାରଣରେ ଲୋକେ ଘରେ ବସି ଟେଲିଭିଜନରେ ଠାକୁରଙ୍କ ନୀତି ଓ ମହାଦୀପ ଦର୍ଶନ ଲାଭ କରି ପାରୁଛନ୍ତି ।



## ଗୃହସ୍ଥ



ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟ ପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା ତାଙ୍କ ପକ୍ଷେ ଉଚିତ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜି ହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା ।

## -ଚରିତ୍ର-



ଗୋଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ । ସେ ବେଦ ଏବଂ ଶାସ୍ତ୍ରରେ ପାରଙ୍ଗମ ହୋଇଥିଲେ ବି ତାଙ୍କ ନିକଟରେ ଧନର ଅଭାବ ରହିଥିଲା । ସେ ଭିକ୍ଷାଟନ କରି ପେଟ ପୋଷୁଥିଲେ । ଦିନେ ସେହି ପଣ୍ଡିତ ନିକଟସ୍ଥ ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଗଲେ । ସେ ଚିରାଫଟା ପୋଷାକ ପିନ୍ଧିଥିଲେ । ପଣ୍ଡିତ ସେହି ଗାଁର ଜଣେ ବ୍ୟକ୍ତିଙ୍କ କବାଟ ବାଡ଼େଇଲେ । ଶବ୍ଦ ଶୁଣି ଘର ଭିତରୁ ଜଣେ ବ୍ୟକ୍ତି ବାହାରି ଆସିଲେ । ସେ ଚିରାଫଟା ବସ୍ତ୍ର ପିନ୍ଧି ଛିଡ଼ା ହୋଇଥିବା ପଣ୍ଡିତଙ୍କୁ ଦେଖି ଘୃଣା କଲେ ଏବଂ ଧକ୍କା ମାରି ଘରୁ ବାହାର କରିଦେଲେ । ପଣ୍ଡିତ ସେଠାରୁ ଫେରିଆସି ରାସ୍ତାରେ ଆଗେଇ ଚାଲିଲେ । ଏହି ସମୟରେ ଜଣେ ଧନୀବ୍ୟକ୍ତି ତାଙ୍କୁ ଦେଖିଲେ । ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ । ବ୍ୟକ୍ତି ଜଣକ କବାଟ ଖୋଲି ବାହାରକୁ ଆସି ଦେଖିଲେ ଯେ ନୂତନ ବସ୍ତ୍ର ପିନ୍ଧି ପଣ୍ଡିତ ଜଣେ ଛିଡ଼ା ହୋଇଛନ୍ତି । ସେ ତାଙ୍କୁ ଭିତରକୁ ପାଛୋଟି ନେଲେ ଏବଂ ଭଲ ଭଲ ଜିନିଷ ଖାଇବାକୁ ଦେଲେ । ପଣ୍ଡିତ କିନ୍ତୁ ଥରେ ହେଲେ ସେହି ସବୁ ଜିନିଷ ଖାଇଲେ ନାହିଁ । ଓଲଟି ସବୁତକ ଖାଦ୍ୟ ଦ୍ରବ୍ୟ ନିଜ ନୂଆ କପଡ଼ାରେ ବୋଳିବାକୁ ଲାଗିଲେ । ଏହାଦେଖି ସେହି ବ୍ୟକ୍ତି ଜଣକ ଚକିତ ହୋଇପଡ଼ି ପଣ୍ଡିତଙ୍କୁ ଏହାର କାରଣ ପଚାରିଲେ । ପଣ୍ଡିତ କହିଲେ, କାଲି ତୁମେ ମୋତେ ଚିରାଫଟା ପୋଷାକରେ ଦେଖି ଧକ୍କା ମାରି ବାହାର କରିଦେଇଥିଲ । ଆଜି ତୁମେ ମୋର ନୂଆ ପୋଷାକ ଦେଖି ଖାଇବାକୁ ଦେଇଛ । ତେଣୁ ତୁମେ ମୋତେ ଏହି ଖାଦ୍ୟ ଦେଇନାହଁ, ମୋର ନୂଆ ପୋଷାକକୁ ଦେଇଛ । ଏଥର ବ୍ୟକ୍ତିଜଣକ ନିଜର ଭୁଲ୍ ବୁଝିପାରି ଲଜ୍ଜିତ ହେଲେ । ଏହି କଥାର ସାରମର୍ମ ହେଉଛି, ପୋଷାକ କୌଣସି ବ୍ୟକ୍ତି ପରିଚୟ କିମ୍ବା ସମ୍ମାନ ହୋଇନପାରେ । ବ୍ୟକ୍ତିର ଚରିତ୍ର ଏବଂ ଜ୍ଞାନ ହିଁ ତା'ର ପରିଚୟ ଏବଂ ସମ୍ମାନ ହେବା ଆବଶ୍ୟକ ।

## କାଶୀନଗର ଏନଏସିରେ ଓଡ୍ରାଫ ଟିମ ଦ୍ୱାରା ପହଁରା ପ୍ରଶିକ୍ଷଣ



କାଶୀନଗର(ନିପ୍ର):ଓଡିଶା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଓଡିଶାର ଯୁବ ବୟସ୍କଙ୍କ ପାଇଁ ନଦୀ, ବନ୍ଧ କିମ୍ବା ସମୁଦ୍ରରେ ବୁଡ଼ିବା ସମୟରେ କିପରି ନିଜକୁ ନିଜେ ରକ୍ଷା କରିପାରିବେ ସେହି କୌଶଳ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଓଡିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ)ଙ୍କ ଦ୍ୱାରା ପହଁରିବା ତାଲିମ କାଶୀନଗର ସହର ନିକଟରେ ଥିବା କରିନିଭାଦ୍ରା ବନ୍ଧରେ ଏହି ମାସ ନଅ ତାରିଖରୁ ପନ୍ଦର ତାରିଖ ଯାଏଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । କାଶୀନଗର ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧୀର କୁମାର ନନ୍ଦ କାଶୀନଗର ଠାରେ ଥିବା ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପନ୍ଦର ଜଣ ଛାତ୍ର ଓ ଜଗନ୍ନାଥ ଜୁନିଅର କଲେଜରୁ ପନ୍ଦର ଜଣ ଛାତ୍ର ଏପରି ୩୦ ଜଣଙ୍କୁ ଚୟନ କରାଯାଇ ଏହି ପହଁରା ପ୍ରଶିକ୍ଷଣ ଦିଆଯାଇଛି ବୋଲି ସୂଚନା ଦେଇଥିଲେ । ପ୍ରକାଶ ଥାଉ କି କାଶୀନଗର ଠାରେ ପ୍ରବାହିତ ହେଉଥିବା ବଂଶ ଧାରା ନଦୀ ପ୍ରତିବର୍ଷ କେହି ନା କେହି ଏହି ପହଁରା କୌଶଳ ନ ଜାଣି ବୁଡି ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

## ପରୀକ୍ଷାର୍ଥୀଙ୍କ ମୃତ୍ୟୁ: ୧୦ ଲକ୍ଷ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,(ନିପ୍ର): କନଷ୍ଟେବଲ ନିଯୁକ୍ତି ପରୀକ୍ଷା ସମୟରେ ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନାବାଧିକାର କମିଶନ(ଓଏଚ୍ଆରସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୦୧୭ରେ ୯ମ ବାଟାଲିଅନରେ ନିଯୁକ୍ତି ପରୀକ୍ଷା ବେଳେ ପରୀକ୍ଷାର୍ଥୀ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ଜାତୀୟ ବାନ୍ଦନା ପରବ - ୨୦୨୬ ପାଇଁ ପ୍ରସ୍ତୁତି

ବଡସାହି, (ନିପ୍ର): ବଡ଼ସାହି ବ୍ଲକସ୍ତରୀୟ ଆଗୁଆଡ ପଡ଼ିଆ ଠାରେ ଜାତୀୟ ବାନ୍ଦନା ପରବ -୨୦୨୬ ପାଇଁ ବଡ଼ସାହି ବ୍ଲକସ୍ତରୀୟ ଏକ ପ୍ରସ୍ତୁତି ବୈଠକ ବିବେକାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

## ବନ୍ଦେମାତରମ: ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ

ଆସିକା(ନିପ୍ର): ଗତ ଜାନୁଆରୀ ୧୦ରୁ ଆରମ୍ଭ ହୋଇ ଫେବୃଆରୀ ୧୧ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ବ୍ୟାପି ବନ୍ଦେମାତରମ ସଂଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆସିକା ବ୍ଲକ ତଥା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ଆସିକା ସହକାରୀ ବିଡ଼ିଓ ସୁଶାନ୍ତ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆସିକା ତହସିଲଦାର ସଂଗୀତା ସେଣ, ସିଡିପିଓ ଶାନ୍ତି କରସୁଧା ପଟ୍ଟନାୟକ,ଜିପିଡିଓ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୯ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ ୩ଜଣ, ଚିତ୍ରାଙ୍କନ ପ୍ରତିଯୋଗିତାରେ ୩ଜଣ, ପ୍ରବନ୍ଧ ପ୍ରତିଯୋଗିତାରେ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ।

## କୃଷ୍ଣପ୍ରସାଦ ଥାନାରେ ନୂତନ ଆଇଆଇସି



କୃଷ୍ଣପ୍ରସାଦ,(ନି ପ୍ର): କୃଷ୍ଣପ୍ରସାଦ ଥାନାରେ କାର୍ଯ୍ୟରତ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କର ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ନୂତନ ଆଇଆଇସି ଭାବେ ବିଚିତ୍ରାନନ୍ଦ ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି । ସେ ଏଥି ପୂର୍ବରୁ ଶ୍ରୀଯୁକ୍ତ ପ୍ରଧାନ ପୁରୀ ରିଜର୍ଭରେ କାର୍ଯ୍ୟ କରୁଥିଲେ । ନୂତନ ଥାନା ଅଧିକାରୀ କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ କର୍ମଚାରୀ ମାନେ ଥାନା ପରିସରରେ ତାଙ୍କୁ ସ୍ୱାଗତ କରିଥିଲେ । କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ନୂତନ ଥାନା ଅଧିକାରୀ ସହ କର୍ମଚାରୀ ମାନଙ୍କ ଠାରୁ ପଚାରି ବୁଝିଥିଲେ । କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ସହ ରାତ୍ର କାଳୀନ ପ୍ରାଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରାଯିବ ବୋଲି ଏକ ସାକ୍ଷତାକାରରେ ନୂତନ ଥାନା ଅଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

### ଶୀତଳ ଭଣ୍ଡାର ନିର୍ମାଣ ଭାଷଣରେ ସୀମିତ

# ଉଜୁଡ଼ିଲା ଫୁଲକୋବି ଚାଷ; ଚିନ୍ତାରେ ଚାଷୀ



ରମ୍ଭା(ନିପ୍ର): ଦକ୍ଷିଣ ଓଡ଼ିଶାର ଗଞ୍ଜାମ ବ୍ଲକର ପନିପରିବା , ଫଳମୂଳର ପେଣ୍ଠସ୍ଥଳି କୁହାଯାଉଥିବା ସାନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଡିଆଁଡେଇଁ, ଭାଇଆଡ଼ି ,ସାନ ରାମଚନ୍ଦ୍ରପୁର, ମଧୁରଚୁଆ ଗ୍ରାମର ଚାଷୀମାନେ ଚାଷକୁ ବେଉସା କରି ଜୀବିକାକୁ ଆପଣେଇ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ଅଲୋଡ଼ା ହୋଇଯାଇଛି ଫୁଲକୋବି । ଶାଗ ମାଛ ଦରରେ ବାଡ ମୁହଁରେ ୩ଟଙ୍କା ଦାମରେ ବିକ୍ରି ହେଉଥିବା ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି । ଉପରୋକ୍ତ ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ନିକଟରେ ଡବଲ ଇଞ୍ଜିନ ସରକାରଙ୍କ ଶୀତଳ ଭଣ୍ଡାର ନିର୍ମାଣ ପ୍ରତି ବ୍ଲକ ସ୍ତରରେ ସ୍ଥିର ହୋଇଥିବା ନେତାଙ୍କ ଭାଷଣ ବାଜିରେ ସୀମିତ ହୋଇ ରହିଯାଇଛି । ଗଞ୍ଜାମ କଲେଜର ଛାତ୍ର ତଥା ଡିଆଁଡେଇଁ ଗ୍ରାମର ସଞ୍ଜୟ ନାହାକ +୩ ସାରି ପର ମୂହୁର୍ତ୍ତରେ ଡିପ୍ଲୋମା କରି ପୋଥି ବାନ୍ଧି ରଖି ବାପା ଲୋକନାଥ ନାହାକଙ୍କର ୪ଏକର ଜମିରେ ଫୁଲକୋବି, ଟମାଟୋ, ପତ୍ରକୋବି, ଫଳକୋବି, ଗାଜର, ଧନିଆ, ବାଇଗଣ, ଲାଉ, କାକୁଡି, ଜାମୁ, କଲରା, କଖାରୁ, ବିଟ୍, ମିଠା ମକା, ଭେଣ୍ଡି ନିଜ କ୍ଷେତରେ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ନିଜର ଏକାଗ୍ରତା, ସମୟାନୁବର୍ତ୍ତିତା, କଠୋର ପରିଶ୍ରମ, ଜିଦଘୋର ମନୋବୃତ୍ତି ସାଉଁଟି ରଖିଛି । ଯୁବା ଅବସ୍ଥାରେ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟ, ସାଂସ୍କୃତିକ, ଆଧାତ୍ମିକ ତଥା ପର ମୂହୁର୍ତ୍ତରେ ବିବାହ ବନ୍ଧନରେ ବାନ୍ଧି ଦେଇ ଗୃହ କାର୍ଯ୍ୟରେ ଲିପ୍ତ ରହିଥିବାରୁ ନିଜ ଚାଷ ଜମି ନିଜ କର୍ମ ସଂସ୍ଥାନ ବୋଲି ଭାବି ନେଲେ । ଏପରି ସମୟରେ ଗଣମାଧ୍ୟମ ନିକଟରେ ନିଜର ସମୟ ଅଭାବରୁ ପ୍ରତିକ୍ରିୟା ଦେବା ପାଇଁ କୁଣ୍ଠା ପ୍ରକାଶ କରିଥିଲେ । ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନ ଥିବା, ବଜାର ସୃଷ୍ଟି ପାଇଁ ଉପାୟ ହୋଇ ନ ଥିବା ପର ମୂହୁର୍ତ୍ତରେ ଜାତୀୟ କରଣ ବ୍ୟାଙ୍କ ବାଲାଙ୍କର ଋଣଛାଟ ଚାଷୀଙ୍କୁ ପ୍ରହାର ସଦୃଶ୍ୟ ହେଉଛି । ଅମଳ ଦ୍ରବ୍ୟ ଯଦି ଶାଗମାଛ ଦ୍ୱାରା ବିକ୍ରି କରାଯାଏ ସବସିଡି ନ ମିଳେ ପରିଚୟ ସହ ଉତ୍ତମ ରୋଜଗାର କିପରି ପାଇବେ ବୋଲି ଜଣାଇଛନ୍ତି । ଆଜି ୪,୫୦୦ ଟଙ୍କାର ଔଷଧ ଆଣି କ୍ଷେତରେ ଛିଞ୍ଚନ କରିବା ସହ ପର ମୂହୁର୍ତ୍ତରେ ମହାଜନୀ ମାନଙ୍କୁ ଫୁଲକୋବି ୧କେଜି ୩ଟଙ୍କା, ପତ୍ରକୋବି ୧କିଲୋ ୫ଟଙ୍କା, ଫଳକୋବି ୧କିଲୋ ୨ଟଙ୍କା ରେ ବିକ୍ରି ହେଉଥିବା ଅଭିଯୋଗ ବାଢିଛନ୍ତି । ଚଳିତ ବର୍ଷ ଏକାଧିକ ଜମିରେ ଏତୋଧିକ ଚାଷୀ ଏକ ସମୟରେ ଏକା ପ୍ରକାର ପରିବା ଆଦାୟ କରନ୍ତି ତାହାହେଲେ ପ୍ରଭାବ ଭିନ୍ନ ପ୍ରକାର ବଜାର ସୃଷ୍ଟି କରିବ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି । ଆନୁଷଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ନିଶ୍ଚିତ ରୂପେ ଅଧିକା ଲାଭବାନ ହୋଇପାରନ୍ତେ ବୋଲି ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି ।କିନ୍ତୁ ବାଡ଼କୁ ପକା ରାସ୍ତା ନଥିବାରୁ ଯାତାୟାତ ରେ ଯାନବାହାନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଅଛି । ଏହାପ୍ରତି ସରକାର ବିହୀତ ପଦକ୍ଷେପ ଗ୍ରହଣ କରିଲେ ଅନେକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଅଭିଯୋଗ ବାଢିଛନ୍ତି ।

## ଲକ୍ଷ୍ମୀପୁର ବହୁମୁଖୀ ଆଶ୍ରୟ ସ୍ଥଳୀ ଏବେ ଆନ୍ଧ୍ର କପା ବ୍ୟବସାୟୀଙ୍କ କବ୍ଜାରେ !



କାଶୀନଗର(ନିପ୍ର):କାଶୀନଗର ବ୍ଲକ ଅନ୍ତର୍ଗତ ଗରିବନ୍ଧା ପଞ୍ଚାୟତ ଅଧୀନରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ଯାହାକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟବହାର ଯୋଗ୍ୟ । ସେହି ସ୍ଥାନକୁ କିଛି ଆନ୍ଧ୍ରର କପା ବ୍ୟବସାୟୀଙ୍କ ଗୋଦାମ ଗୃହ ବ୍ୟବହାର କରୁଥିବା ଦୃଷ୍ଟିକୁ ଆସିଛି । ସୂଚନାଯୋଗ୍ୟ ଯେ,ଗଜପତି ଜିଲ୍ଲାରେ କପା ମଣ୍ଡିର ସରକାରୀ ବ୍ୟବସ୍ଥା ନଥିବା କୁହାଯାଇଛି । ତା'ର ସୁଯୋଗ ନେଇ ଆନ୍ଧ୍ର ବ୍ୟବସାୟୀମାନେ ଶାଗ ମାଛ ଦରରେ ବହୁତ କମ ଦାମ ଦେଇ ନିରୀହ କପା ଚାଷୀ ମାନଙ୍କ ଠାରୁ କ୍ରୟ କରି ବେଶ ଲାଭବାନ ହେଉଥିବା ଦୃଷ୍ଟିକୁ ଆସିଛି । ବର୍ତ୍ତମାନ କପା ଦର କ୍ୟୁଣ୍ଟାଲ ପିଛା ୮୦୧୦ ଟଙ୍କାରୁ ଆରମ୍ଭ କରି ୮୧୧୦ ପର୍ଯ୍ୟନ୍ତ ସରକାର ଦେଉଥିବା ବେଳେ ଆନ୍ଧ୍ର ଦଲାଲିମାନେ କପାର ମାନ ଠିକ ଥିଲେ ମଧ୍ୟ ୫ ରୁ ୬ ହଜାର ମୂଲ୍ୟରେ କିଣି ଆନ୍ଧ୍ର ଚାଲାଣ କରୁଛନ୍ତି । ଗଜପତି ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସଭାପତି ପ୍ରଶାନ୍ତ ପାଳ ଗଜପତି ଜିଲ୍ଲାର କପା ଚାଷୀ ମାନେ ରାୟଗଡା ଜିଲ୍ଲା ର ଗୁମୁଡା କପା ମଣ୍ଡି ଉପରେ ନିର୍ଭର କରୁଥିବାରୁ ସେଠାକୁ କପାଚାଷୀମାନେ ଗଲେ ସେଠାରେ ନା ହଇରାଣ ହରକତ ହେବାକୁ ପଡୁଛି ବୋଲି ଦର୍ଶାଇ ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରିମାନେ ଶାଗ ମାଛ ଦରରେ କିଣି ବେଶ ଲାଭବାନ ହେଉଛନ୍ତି । ଆନ୍ଧ୍ରର ଏହି ବେପାରି ମାନେ କ୍ୟୁଣ୍ଟାଲ କ୍ୟୁଣ୍ଟଲ କପା ପ୍ରଶାସନକୁ ନ ପଚାରି ନ ବୁଝି ଲକ୍ଷ୍ମୀ ପୁର ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳୀକୁ ଅନାୟାସ ରେ ବ୍ୟବହାର କରି ସରକାରୀ ଭିତ୍ତି ଭୂମିକୁ ନଷ୍ଟ କରୁଥିବା ଅଭିଯୋଗ ହୋଇଛି ।

## ରାଜ୍ୟ ସରକାର ଶିକ୍ଷକ କର୍ମଚାରୀମାନଙ୍କର ସମସ୍ୟା ସମାଧାନ କରନ୍ତୁ: ଓଷ୍ଟା

କଟକ, (ନିପ୍ର): ମାଧ୍ୟମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକୁ ସରକାର ତୁରନ୍ତ ସମାଦାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ର ସାଧାରଣ ସଂପାଦକ ରଂଜନ ଦାଶ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି । ସୂଚନା ଥାଉକି, ଶିକ୍ଷକ କର୍ମଚାରୀମାନଙ୍କ ପ୍ରମୁଖ ସମସ୍ୟା ମଧ୍ୟରେ ଦୀର୍ଘ ବର୍ଷ ଧରି ନିଜ ଜୀବନକୁ ଜଳାଜଂଳି ଦେଇ ୩୦ ବର୍ଷ ବିନା ଦରମାରେ କାର୍ଯ୍ୟ କରି ଅନୁଦାନ ନିମନ୍ତେ ଅପେକ୍ଷାରତ ଯୋଗ୍ୟ ବିବେଚିତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ରିକ୍ତହସ୍ତରେ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ୧୯୮୧ ରୁଲ ଅନୁଯାୟୀ ପେନସନ, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ ଆଦି ବିଭିନ୍ନ ଦାବି ଓଷ୍ଟା ପକ୍ଷରୁ କରାଯାଇଛି । ଇତି ମଧ୍ୟରେ ନୂତନ ସରକାରଙ୍କ କାର୍ଯ୍ୟାଳ ଏକ ବର୍ଷ ୯ ମାସ ପହଁଚି ଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସମାଧାନ ନିମନ୍ତେ ଭିନ୍ନ ଭିନ୍ନ କମିଟି ମାନ ଗଠନ କରାଯାଇଛି । ଏହି କମିଟି ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ବର୍ତ୍ତମାନ ସରକାର ଜୁନିଅର ଏସଇଏସ ଶିକ୍ଷକମାନଙ୍କର ଏକ ଗ୍ରେଡ଼େସନ ତାଲିକା ପ୍ରକାଶ କରିଛନ୍ତି। ମାଟ୍ରିକ ପରୀକ୍ଷାର ଅବ୍ୟାବହିତ ପୂର୍ବରୁ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବାକୁ ଓଷ୍ଟା ପକ୍ଷରୁ ଦାବି କରାଯାଇଛି ।

## ଆଇସିୟୁ ବେଡ଼ରୁ ମହିଳା ରୋଗୀ ଖସି ପଡ଼ିବା ଘଟଣା: ତଦନ୍ତ କମିଟି ଗଠନ

କଟକ(ନିପ୍ର): ଏସସିବି ଆଇସିୟୁ ବେଡ଼ରୁ ମହିଳା ରୋଗୀ ଖସି ପଡ଼ିବା ଘଟଣାରେ ଏସସିବି ମେଡ଼ିକାଲ ତରଫରୁ ଅନୁଧ୍ୟାନ ପାଇଁ ତଦନ୍ତ କମିଟି ଗଠନ କରାଯାଇଛି । ମେଡ଼ିସିନ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ ତ୍ରିପାଠୀଙ୍କ ନେତୃତ୍ୱରେ ଗଠିତ କମିଟିରେ ୨ ଆସୋସିଏଟ ପ୍ରଫେସର, ୨ ଆସିଷ୍ଟାଣ୍ଟ ପ୍ରଫେସର ସାମିଲ ଅଛନ୍ତି । ଅପର ପକ୍ଷରେ ଏସସିବି ମେଡ଼ିସିନ ଆଇସିୟୁରେ ସାଂଘାତିକ ଅବ୍ୟବସ୍ଥାର ଭିଡ଼ିଓ ଭାଇରାଲ ପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଚି । ଆଇସିୟୁ ଦାୟିତ୍ୱରେ ଥିବା ପ୍ରଫେସର ଡାକ୍ତର ଶୁଭେନ୍ଦୁ ଆଚାର୍ଯ୍ୟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି । ଏହାଛଡ଼ା ୩ ଜଣ ନର୍ସିଂ ଅଫିସରଙ୍କୁ ମଧ୍ୟ ହଟାଇ ଦିଆଯାଇଛି । ମେଡ଼ିସିନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରମାଣ ପାଇବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ମହିଳା ରୋଗୀ ବିଷକ୍ରିୟା ଯୋଗୁ ଏସସବିର ମେଡ଼ିସିନ ଆଇସିୟୁରେ ଚିକିତ୍ସିତ ହେଉଥିଲେ । ତାଙ୍କ ହାତକୁ ଗଜ କପଡ଼ାରେ ବାନ୍ଧି ରଖାଯାଇଥିଲା । ଡ୍ୟୁଟିରେ ଥିବା ନର୍ସ ଏହି ସମୟରେ ଅନୁପସ୍ଥିତ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା । ନିକଟରେ ଥିବା ଜଣେ ବୃଦ୍ଧଙ୍କ ମୁହଁରୁ ଅକ୍ସିଜେନ ମାସ୍କ ବାହାରି ତଳେ ପଡ଼ି ଯାଇଥିଲା । ସେଠାରେ ବି ନର୍ସିଂ ଅଫିସର ଅନୁପସ୍ଥିତ ଥିଲେ । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇସିୟୁ ଇନଚାର୍ଜ ପ୍ରଫେସର ଜୟନ୍ତ ପଣ୍ଡା, ୨ ଆସୋସିଏଟ ପ୍ରଫେସର, ୨ ଆସିଷ୍ଟାଣ୍ଟ ପ୍ରଫେସର ଓ ନର୍ସିଂ ଅଫିସର ପ୍ରମୁଖ ଯୋଗ ଦେଇଥିଲେ । ରବିବାର ରାତିରେ ଡ୍ୟୁଟି କରୁଥିବା ଡାକ୍ତର, ନର୍ସିଂ ଅଫିସର, ଆଟେଣ୍ଡାଣ୍ଟ ଓ ସୁରକ୍ଷା କର୍ମୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା । ଭିଡ଼ିଓରେ ସତ୍ୟାସତ୍ୟ ପ୍ରମାଣ ମିଳିବା ପରେ ଏସସିବି ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ରାୟ ଡାକ୍ତର ଓ ନର୍ସିଂ ଅଫିସରଙ୍କ ବଦଳି ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ ।

## ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ

ପୁରୀ(ନିପ୍ର): ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଛନ୍ତି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଅଭିଯାନ । ଏହା ମାଧ୍ୟମରେ ଆମ କଳାକାର ଓ ଶିଳ୍ପୀମାନଙ୍କ ଉତ୍ପାଦ କୁ ପ୍ରଦର୍ଶନ ଓ ବିକ୍ରି ଦ୍ୱାରା ଶିଳ୍ପୀ ମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରିବ ବୋଲି କହିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ । ବୁଧବାର ସଂଧ୍ୟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ ଦିନିଆ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାକୁ ଉଦଘାଟନ କରି ଶ୍ରୀ ପଟ୍ଟନାୟକ ସରକାରଙ୍କ ଲକ୍ଷ୍ୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ ସମୃଦ୍ଧିରେ ସାମିଲ କରିବା । ୪ ବର୍ଗ ଯଥା କୃଷି, ଯୁବ, ମହିଳା ଓ ଗରିବଙ୍କ ବିକାଶ ହିଁ ବିକଶିତ ଭାରତର ମୂଳଦୁଆ । ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆଜି ସେମାନେ ଉନ୍ନତି ପଥରେ ସଫଳତା ଲାଭ କରିଛନ୍ତି । ଏହା ସେମାନଙ୍କ ଦକ୍ଷତା ପ୍ରଦର୍ଶନ ର ଏକ ଉପଯୁକ୍ତ ମଞ୍ଚ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଡିଏଫଓ ମଗର ଧନଜ ରାଓସୋ, ଆଇପିଏସ ପ୍ରୋବେସନର ଅନୋଖା କେ ବିଜୟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ସିଡିଭିଓ ଡା ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୦ ଆଇନଜୀବୀ ବରିଷ୍ଠ ମନୋନୀତ

କଟକ, (ନିପ୍ର): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କୋର୍ଟର ୧୦ଜଣ ଓକିଲଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତ କରିଥିବା ଜଣାପଡ଼ିଛି । ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ହାଇକୋର୍ଟ (ବରିଷ୍ଠ ଓକିଲଙ୍କ ପଦବୀ) ନିୟମ, ୨୦୨୫ ର ନିୟମ ୭(୧) ସହିତ ଓକିଲ ଆଇନ, ୧୯୬୧ର ଧାରା ୧୬ ଅନୁଯାୟୀ ଏବଂ ବିଜ୍ଞାପନ ସଂଖ୍ୟା ୦୧/୨୦୨୫ ଅନୁଯାୟୀ, ମୁଖ୍ୟ ବିଚାରପତି ନିମ୍ନଲିଖିତ ଓକିଲମାନଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତ କରିଛନ୍ତି । ସେମାନେ ହେଲେ ବିଜୟ କୁମାର ଦାଶ, ହରମୋହନ ଧଳ, ସୁଜାତା ଜେନା, ନିରୋଦ କୁମାର ସାହୁ, ସଂଜୀବ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ସାମଲ, ଲଲାଟେନ୍ଦୁ ସାମନ୍ତରାୟ, ଗୋପିନାଥ ମିଶ୍ର, ବିରଜା ପ୍ରସାଦ ତ୍ରିପାଠୀ ଓ ପ୍ରସନ୍ନ କୁମାର ପ୍ରହି ।

## ନୟାଗଡ଼ ଶିକ୍ଷା ବିଭାଗ ପକ୍ଷରୁ ମାଟ୍ରିକ ପରୀକ୍ଷା ପାଇଁ ବ୍ୟାପକ ପଦକ୍ଷେପ

ନୟାଗଡ଼,(ନିପ୍ର): ପରୀକ୍ଷା ପାଇଁ ନୟାଗଡ଼ ଜିଲ୍ଲାରେ ପ୍ରସ୍ତୁତି ପର୍ବ ଜୋରଦାର ଚାଲିଛି । ଫେବ୍ରୁଆରୀ ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ଜିଲ୍ଲାରେ ମୋଟ ୭୬ଟି ସେଣ୍ଟରରେ ୧୨ ହଜାର ୬୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଛନ୍ତି । ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଆୟୋଜନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି । ଜିଲ୍ଲାରେ ମୋଟ ୨୩୬ଟି ହାଇସ୍କୁଲ ଥିବାବେଳେ ଏହି ସବୁ ବିଦ୍ୟାଳୟରୁ ମୋଟ ୧୨ ହଜାର ୧୮୫ ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଛନ୍ତି । ଏକ ରେଗୁଲାର ୧୫ ଜଣ ରହିଛନ୍ତି । ଏହା ସହିତ ଜଣେ କରେସ୍ପୋଣ୍ଡେସ୍ କୋର୍ସର ଛାତ୍ର ମଧ୍ୟ ଫର୍ମ ଫିଲପ୍ କରିଛନ୍ତି । ଏହିଭଳି ମୋଟ ୧୨ ହଜାର ୨୦୧ ଛାତ୍ରଛାତ୍ରୀ ରହିଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ରେଗୁଲାର ୩୩ ଜଣ ଏବଂ ଏକ୍ସ-ରେଗୁଲାର ୩୭୦ ଜଣ ଅଛନ୍ତି । ସେମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ୧୨ ହଜାର ୬୦୪ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଛନ୍ତି । ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ନୟାଗଡ଼ ସହରସ୍ଥିତ ଏନ୍ଏସି ହାଇସ୍କୁଲ ସେଣ୍ଟର ହେବାକୁ ଥିବାବେଳେ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୭୫ଟି ସେଣ୍ଟର କରାଯାଇଛି । ସେହିଭଳି ଜିଲ୍ଲାରେ ପରୀକ୍ଷା ନିୟନ୍ତ୍ରଣ କରିବାକୁ ୬ଟି ନୋଡାଲ ସେଣ୍ଟର ମଧ୍ୟ ରହିଛି । ତେବେ ଭାପୁର ବ୍ଲକରେ ୮ଟି ସେଣ୍ଟରରେ ବ୍ଲକର ୨୪ଟି ବିଦ୍ୟାଳୟର ୧୨୫୩ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ଦଶପଲ୍ଲା ବ୍ଲକର ୯ଟି ସେଣ୍ଟରରେ ୨୭ଟି ବିଦ୍ୟାଳୟର ୧୪୪୩ ଜଣ, ଗଣିଆ ବ୍ଲକର ୩ଟି ସେଣ୍ଟରରେ ୮ଟି ବିଦ୍ୟାଳୟର ୪୨୫ ଜଣ, ଖଣ୍ଡପଡ଼ା ବ୍ଲକର ୯ଟି ସେଣ୍ଟରରେ ୨୮ଟି ବିଦ୍ୟାଳୟର ୧୩୦୩ ଜଣ, ନୟାଗଡ଼ ବ୍ଲକର ୧୫ଟି ସେଣ୍ଟରରେ ୪୦ଟି ବିଦ୍ୟାଳୟର ୨୫୮୮ ଜଣ, ନୂଆଗାଁ ବ୍ଲକର ୮ଟି ସେଣ୍ଟରରେ ୨୬ଟି ବିଦ୍ୟାଳୟର ୧୧୭୨ ଜଣ, ଓଡ଼ଗାଁ ବ୍ଲକର ୧୧ଟି ସେଣ୍ଟରରେ ୪୦ଟି ବିଦ୍ୟାଳୟର ୨୦୨୧ ଜଣ ଏବଂ ରଣପୁର ବ୍ଲକର ୧୩ଟି ସେଣ୍ଟରରେ ୪୪ଟି ବିଦ୍ୟାଳୟର ୨୩୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

## ଜେଏସଡବ୍ଲୁ ଫାଉଣ୍ଡେସନ, ପାରାଦୀପ ପକ୍ଷରୁ 'ସମର୍ଥ ଯୁବ ବିକାଶ କେନ୍ଦ୍ର'




ଭୁବନେଶ୍ୱର(ନିପ୍ର) : ଅକ୍ଟୋବର ୨୦୨୩ଠାରୁ ପାରାଦୀପ ଇନଟିଗ୍ରାଲ ଷ୍ଟିଲ ପରିଧି ଅଞ୍ଚଳର ନୂଆଗାଁରେ "ସମର୍ଥ ଯୁବ ବିକାଶ କେନ୍ଦ୍ର" ସ୍ଥାପନ କରାଯାଇଛି । ଏହି ପ୍ରୟାସର ଏକାଡେମିକ୍ ସହଭାଗୀ ଭାବେ ଏମଏସ ଗୁରୁକୁଳ ଫାଉଂଡେସନ କାର୍ଯ୍ୟ କରୁଛି । ଜଗତସିଂହପୁର ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ନୂଆଗାଁର ଏକ ବନ୍ଦ ପ୍ରାଥମିକ ବିଦ୍ୟାଳୟ ଭବନ କେନ୍ଦ୍ର ପାଇଁ ଆବଣ୍ଟନ କରାଯାଇଥିଲା, ଯାହାକୁ ଯେ, ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ସମ୍ପୂର୍ଣ୍ଣ ପୁନର୍ନିର୍ମାଣ କରି କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପ ଅନ୍ତର୍ଗତ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଅଟେକ୍ନିକାଲ୍ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତି, କମ୍ପ୍ୟୁଟର ଶିକ୍ଷା, ପ୍ରାକ୍ଟିସ୍ ଟେଷ୍ଟ ଏବଂ ବ୍ୟକ୍ତିତ୍ୱ ବିକାଶ ପ୍ରଶିକ୍ଷଣ ଦିଆଯାଉଛି । ପ୍ରତ୍ୟେକ ୬ ମାସର ବ୍ୟାଚରେ ସର୍ବାଧିକ ୬୦ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରନ୍ତି । ଏହି କେନ୍ଦ୍ରରେ ଗ୍ରାମୀଣ ଯୁବମାନଙ୍କୁ ସମ୍ପୂର୍ଣ୍ଣ ନିଶୁଳ୍କ କୋଚିଂ ଦିଆଯାଉଛି, ଯାହା ସହର ସ୍ତରର ସୁବିଧା ସହିତ ସମାନ । କ୍ଲାସରୁମ୍ ପାଠପଢା, ପାଠ୍ୟସାମଗ୍ରୀ, ମକ୍ ଟେଷ୍ଟ, କମ୍ପ୍ୟୁଟର ସୁବିଧା, ଏକାଡେମିକ୍ ମେଣ୍ଟରିଂ ଏବଂ ସଂଗଠିତ ମାର୍ଗଦର୍ଶନ ଯୋଗାଯାଉଛି । ବ୍ୟକ୍ତିତ୍ୱ ବିକାଶ, ଯୋଗାଯୋଗ କୌଶଳ, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ଭାଇଭା-ଭୋସେ/ଇଣ୍ଟରଭ୍ୟୁ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ୫ମ ବ୍ୟାଚ୍ ଚାଲୁଛି । ଗତ ଦୁଇ ବର୍ଷରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରକଳ୍ପରୁ ଲାଭାନ୍ୱିତ ହୋଇଛନ୍ତି । ୨୧ ଜଣ ସରକାରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ତାଙ୍କ ମଧ୍ୟରୁ ୩ ଜଣ ବିଭିନ୍ନ ସରକାରୀ ସଂସ୍ଥାରେ କାର୍ଯ୍ୟରତ, ଯାହାରେ ଗଡକୁଜାଙ୍ଗର ଜଣେ ଛାତ୍ର ଓପିଏସସି ମାଧ୍ୟମରେ ଓଏସ୍‌ରେ ଚୟନିତ ହୋଇଛନ୍ତି । କେନ୍ଦ୍ରର ୨ ଜଣ ଶିକ୍ଷକ ମଧ୍ୟ ଓଏସ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ପ୍ରୋବେସନରେ ଅଛନ୍ତି । ୭୦ରୁ ଅଧିକ ଛାତ୍ର ଓଡ଼ିଶା ଏବଂ ବାହାରେ ନିଯୁକ୍ତି ପାଇଛନ୍ତି । ଜେଏସ ଫାଉଣ୍ଡେସନ ବ୍ୟାଚ୍ ସମାପ୍ତି ପରେ ମଧ୍ୟ ଛାତ୍ରମାନଙ୍କ ଅଗ୍ରଗତି ଉପରେ ନିୟମିତ ନଜର ରଖୁଛି । ସ୍ୱୟଂଅଧ୍ୟୟନ ପାଇଁ କେନ୍ଦ୍ରର ଲାଇବ୍ରେରୀ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି । ଆରମ୍ଭରେ କେବଳ ଆଇପିଏସ, ଡିଆଇଜି ଗାଁଗୁଡିକରୁ ଭର୍ତ୍ତି ହେଉଥିଲେ ମଧ୍ୟ, ବର୍ତ୍ତମାନ ଆଇଆଇଜେଏଡ଼ ଅଞ୍ଚଳରୁ ମଧ୍ୟ ଛାତ୍ରଛାତ୍ରୀ ଆସୁଛନ୍ତି । ବର୍ତ୍ତମାନ ପ୍ରାୟ ୨୫% ଛାତ୍ର ୧୫ କି.ମି. ଦୂରରୁ ଆସୁଛନ୍ତି, କେହି ୪୫ କି.ମି. ଦୂରରୁ ନୂଆଗାଁରେ ରହି ପଢୁଛନ୍ତି । ଏହି କେନ୍ଦ୍ର ମହିଳା ଛାତ୍ରୀମାନଙ୍କ ପାଇଁ ବିଶେଷ ଉପକାରୀ ହୋଇଛି । ପ୍ରତ୍ୟେକ ବ୍ୟାଚରେ ୬୫–୭୦% ଝିଅ ଛାତ୍ରୀ ଅଛନ୍ତି । ଏହା ସମୁଦାୟର ମନୋଭାବରେ ପରିବର୍ତ୍ତନକୁ ପ୍ରତିଫଳିତ କରେ । ଦୂରଦୂରାନ୍ତରୁ ଆସୁଥିବା ଛାତ୍ରମାନେ ଭଡାଘରେ ରହିବାରୁ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି ହେଉଛି, ଦୋକାନ ଓ ସେବା ପ୍ରଦାନକାରୀମାନେ ମଧ୍ୟ ଲାଭାନ୍ୱିତ ହେଉଛନ୍ତି । ନୂଆଗାଁର ସଫଳତାରୁ ପ୍ରେରିତ ହୋଇ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଅନ୍ୟାନ୍ୟ ବଡ଼ କମ୍ପାନୀମାନେ ଏପରି ନିଶୁଳ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସମର୍ଥ ଯୁବ ବିକାଶ କେନ୍ଦ୍ରକୁ ଜେଏସଡବ୍ଲୁ ଫାଉଣ୍ଡେସନ ପାଇଁ ଏକ ଅଗ୍ରଣୀ ସିଏସଆର ପ୍ରୟାସ ଭାବେ ଦେଖାଯାଉଛି ।

ତିଥି :(ଦଶମୀ): (ଜ୍ୟେଷ୍ଠ, ବିଛା ଚନ୍ଦ୍ର)

ଅମୃତ ବେଳା:ରାତ୍ରୀ ଘ ୧୨।୫୦ ଗତେ ଘ ୩।୧୪ ମଧ୍ୟେ

## ଆଜିର ଅନୁଚିନ୍ତନ

ନିଜେ ନିଜର ଉଦ୍ଧାର କର, ନିଜର ପତନ କର ନାହିଁ,
କାରଣ ନିଜେ ହିଁ ନିଜର ମିତ୍ର ଏବଂ ନିଜେ ହିଁ ନିଜର ଶତ୍ରୁ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଏଆଇ ପାଲଟୁଛି ଭସ୍ମାସୁର !

ଆର୍ଟିଫିସିଆଲ ଇଣ୍ଟେଲିଜେନସ ବା କୃତ୍ରିମ ବୁଦ୍ଧିମତ୍ତା ସଂକ୍ଷେପରେ ପରିଚିତି ହେଉଛି ଏଆଇ। ଏହାର ଉଦ୍ଦେଶ୍ୟ ଯନ୍ତ୍ର ମାଧ୍ୟମରେ ମଣିଷର ବୁଦ୍ଧିମତ୍ତାକୁ ଅନୁକରଣ। ଏହି ଅନୁକରଣ ମଧ୍ୟରେ ରହିଛି ଶିକ୍ଷଣ, ଯୁକ୍ତି କରିବା ସାମର୍ଥ୍ୟ,ସମସ୍ୟା ସମାଧାନ,ଅନୁଭବ,ଏପରିକି ମଣିଷର ସାମର୍ଥ୍ୟ ବାହାରେ ନିଷ୍ପତ୍ତି ନେବାର ଅଦଭୂତ କାର୍ଯ୍ୟ। ମଣିଷର ଦୈନନ୍ଦିନ କାର୍ଯ୍ୟରେ ବହୁ ଆବଶ୍ୟକ କାର୍ଯ୍ୟ ତାହାକୁ ସ୍ୱୟଂଚାଳିତ କରିବାରେ ଏହା ସାମର୍ଥ୍ୟ ରଖେ। ଏହାର 'ଧର୍ମପିତା' ଜେଫ୍ରି ହିଣ୍ଟନ ଓ 'ଧର୍ମମାତା' ହେଉଛନ୍ତି ଫେଇଫେଇ ଲି। ଗୁଗୁଲ୍ କଂପାନୀରୁ ୨୦୨୩ରେ ଇସ୍ତଫା ଦେବା ପରେ ନିଜ ଦ୍ୱାରା ଉଦ୍ଭାବିତ ସୃଷ୍ଟି ସଂପର୍କରେ ହିଣ୍ଟନ ଯାହା ମନ୍ତବ୍ୟ ଦେଇଥିଲେ ତାହା ବିଚାରବିମର୍ଶର ବିଷୟ। ମର୍ମାର୍ଥଟି ହେଉଛି, 'ଏଆଇ ପ୍ରଯୁକ୍ତି ସଂଘଟିତ ହେଉଥିବା ଦ୍ରୁତ ପ୍ରଗତି ବହୁ ବିପଦକୁ ଆମନ୍ତ୍ରଣ କରିବା ଆଶଙ୍କା ରଖେ। ସାଇବର ଅପରାଧୀମାନେ ଏହାକୁ ଫିସିଂ ଆକ୍ରମଣ ଲାଗି ପ୍ରୟୋଗ କରୁଛନ୍ତି। ଏପରିକି କୌଣସି ସ୍ୱାର୍ଥପର କଂପାନୀ ଏହା ଜରିଆରେ ଘାତକ ଅସ୍ତ୍ରଶସ୍ତ୍ର ସୃଷ୍ଟି ପୂର୍ବକ ପ୍ରୟୋଗ କରିପାରନ୍ତି। ସୁତରାଂ ଏଆଇର ସୁରକ୍ଷାଗତ ସମସ୍ୟା ସଂପର୍କରେ ମୋର ବହୁ ଆଗରୁ ଚିନ୍ତା କରିବାର ଥିଲା।'

ଏହା ଉଲ୍ଲେଖ କରିବାର କାରଣ ଯେ ନିକଟରେ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ପାଇଁ ଆଣିଥିବା ନୂଆ ଆଇଟି ନିୟମରେ କହିଛନ୍ତି, ଏଆଇ ଉପଯୋଗ ପୂର୍ବକ ପ୍ରସ୍ତୁତ ହେଉଥିବା ଆପତ୍ତିଜନକ ତଥ୍ୟ, ଡିପ୍‌ଫେକ (ଅତିନକଲି) ଫଟୋ, ଭିଡ଼ିଓ, ଅଡ଼ିଓ ଆଦିକୁ ଫେସବୁକ୍,ଇନଷ୍ଟାଗ୍ରାମ, ହ୍ୱାଟସଆପ୍, ଏକ୍ସ ଆଦିରୁ ୩ ଘଣ୍ଟା ମଧ୍ୟରେ ଡିଲିଟ୍ ବା ହଟାଇବାକୁ ବାଧ୍ୟ ଏବଂ ଏହି ନିୟମ ୨୦୨୬ ଫେବୃଆରୀ ୨୦ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ନିୟମ ଜାରିରୁ ଜଣାପଡୁଛି ଯେ ବିଳମ୍ବରେ ହେଉ ପଛେ କେନ୍ଦ୍ର ସରକାର ଉପଲବ୍ଧି କରିଛନ୍ତି ଏଆଇର ଦୁରୁପଯୋଗ ପୂର୍ବକ ଡିପଫେକ୍ ପ୍ରସ୍ତୁତ କରାଯାଉଛି ଏବଂ ଏକ ବା ଏକାଧିକଙ୍କୁ ନିର୍ଯାତନା ଦେବାରେ ଏହାକୁ ପ୍ରୟୋଗ କରାଯାଉଛି। ପୁଣି ମିଥ୍ୟା ତଥ୍ୟର ପ୍ରଚାରପ୍ରସାର ପୂର୍ବକ ସାଧାରଣ ଜନତାଙ୍କୁ ବିଭ୍ରାନ୍ତି ଭିତରକୁ ଠେଲି ଦିଆଯାଉଛି। ଏ ସଂକ୍ରାନ୍ତରେ ଦୃଷ୍ଟାନ୍ତମାନ ସାମ୍ନା କରିବା ପରେ ଦୁରୁପଯୋଗ ରୋକିବା ଲାଗି ସରକାରଙ୍କ ଏହା ହେଉଛି ନୂଆ ନିୟମ। ତେଣୁ ସ୍ୱାଗତଯୋଗ୍ୟ ।

ଏଠାରେ ସ୍ମରଣ କରାଯାଇପାରେ ଯେ ଚାଟ୍ ଜିପିଟିର ସିଇଓ ଏ.ସିୟର ଏକଦା ମନ୍ତବ୍ୟ ଦେଇଥିଲେ ଯାହାର ନିର୍ଯାସଟି ବିଚାର୍ଯ୍ୟର ବିଷୟ। ତାହା ହେଉଛି , ଏଆଇ ଓ ମଣିଷ ଭିତରେ ସହଯୋଗୀ ସଂପର୍କ ଗଠନ କରାଯିବା ଆବଶ୍ୟକ। ସିୟରଙ୍କ ଏହି ମନ୍ତବ୍ୟ ସ୍ପଷ୍ଟ କରେ ଯେ ଏଣିକି ଏଆଇ ସୁରକ୍ଷା ବିଷୟରେ ଗବେଷଣା ଏଭଳି କରାଯାଉ ଯାହାଦ୍ୱାରା ଦୁଷ୍ଟ ପ୍ରକୃତିର ମଣିଷଙ୍କ ଦୁରୁପଯୋଗରୁ ଏହା ବର୍ତ୍ତିପାରିବ । ଯଦି ଏ ଦିଗରେ ପଦକ୍ଷେପ ନ ନିଆଯାଏ ତେବେ ଏହି ପ୍ରଯୁକ୍ତି ହିଁ ଭସ୍ମାସୁର ପାଲଟିବ। ଏହା ପରୋକ୍ଷରେ ଦର୍ଶାଇଦିଏ ଯେ ମଣିଷର ଉଦାର ଅଭିମୁଖୀ ସୃଜନଶୀଳତା, ବିବେକିତା ଓ ବିଚାରଶୀଳତା ମାନବ ଜାତି ପାଇଁ ସର୍ବାଦୌ ଆବଶ୍ୟକ। ଯାହା ଜୀବନକୁ ନିର୍ମଳ ସୁନ୍ଦରତାରେ ଭରିଦେବାକୁ ସମର୍ଥ।


# ପ୍ରେମ ଏବେ ଆତ୍ମାର ନୁହେଁ, ଶରୀରର ଆବଶ୍ୟକତା !

**ଅସିତ କୁମାର ରାଉତ**

ଇଏ ପ୍ରେମ ନୁହେଁ,ଶରୀର ତୃପ୍ତିର ଉତ୍ସବ,ଏଠି ପ୍ରେମ ଅଛି... କିନ୍ତୁ ସେ ପ୍ରେମରେ ଆତ୍ମା ନାହିଁ ସତେ ଯେମିତି ଦେହର ଭୋକ ଆଗରେ ହୃଦୟ ଆଜି ଅନାଥ ହେଇଯାଇଛି। ଆଜିର ଯୁବପିଢ଼ି ପ୍ରେମକୁ ଦେଖୁଛନ୍ତି ଏକ ଅନୁଭବ ନୁହେଁ,ଏକ 'ଅନୁଭୂତିକ ଖେଳ' ଭାବରେ। ପ୍ରେମ ସପ୍ତାହ ଆସିଲେ, ଅନେକ ପ୍ରେମୀ ଯୁଗଳ ହୋଟେଲ ରୁମରେ ରାତି କାଟନ୍ତି । ଭାବନା ନୁହେଁ, ଶାରୀରିକ ସନ୍ତୁଷ୍ଟିରେ ପ୍ରେମ ଖୋଜନ୍ତି। ଭାଲେଣ୍ଟାଇନ୍ ଡେ ମାନେ ଏବେ ହେଉଛି ହୋଟେଲ ବୁକିଂ, ଗିଫ୍ଟ ଓ 'ଦେହର ଭୋକ ମେଣ୍ଟାଇବର'ରାତି ।ଯୁବପିଢ଼ି ଭାବୁଛନ୍ତି ଏହା ହେଉଛି ଆଧୁନିକ ମନୋଭାବ, କିନ୍ତୁ ଅସଲରେ ଏହା ହେଉଛି ସତ୍ୟ ପ୍ରେମର ମୃତ୍ୟୁ। ଶରୀରର ଭୋକ ଆଗରେ ହୃଦୟର ଭାବନା ଏଠି ନିଇତି ମରୁଛି। ଯେଉଁଠି ପୂର୍ବେ ଦେଖା ହେଉଥିଲା ଆତ୍ମାର, ସେଠି ଏବେ ଚର୍ଚ୍ଚା ହେଉଛି ଶରୀରର। ଯେଉଁଠି ଆଗେ ହୃଦୟ ମିଶୁଥିଲେ ସେଠି ଏବେ ଶରୀର ମିଶୁଛି।

ପ୍ରେମର ଆତ୍ମା ମୃତ,କିନ୍ତୁ ଆବେଗ ଜୀବନ୍ତ ଏମିତି ଲାଗୁଛି ଶରୀରର ଭୋକ ଏଠି ପ୍ରେମର ଭାବନାକୁ ଗିଳିଦେଉଛି। ସୋସିଆଲ ମିଡିଆରେ "I love you" ଲେଖିଲେ ପ୍ରେମ ହେଉଛି ବୋଲି ଭାବିବା ଏହା ହେଉଛି ଆଜିର ମନୋଭାବ ।ଏବେର ପ୍ରେମରେ ଲୋକେ ଦେଖୁଛନ୍ତି ଦେହକୁ, ଶୁଣୁଛନ୍ତି ସ୍ୱରକୁ,କିନ୍ତୁ ଅନୁଭବ କରୁନାହାନ୍ତି ନିରୀହ ହୃଦୟକୁ।

ଫେବୃଆରୀ ମାସରେ ଯେତେବେଳେ 'ପ୍ରେମ ସପ୍ତାହ' ଆସେ, ସମାଜ ଲାଲ ରଙ୍ଗରେ ଭିଜିଯାଏ। ସୋସିଆଲ ମିଡିଆରେ ହୃଦୟ, ଗୋଲାପ ଓ ଭାଲପାଇବାର ଇମୋଜିରେ ଭରିଯାଏ ଟାଇମଲାଇନ୍। ଦେଖିବାକୁ ଲାଗେ ଯେପରି ସବୁଜହୃଦୟ ମାତିଛି ପ୍ରେମରେ। କିନ୍ତୁ ଏହି ଚକଚକିଆ ଚିତ୍ରର ଭିତରେ ଥାଏ ଏକ ନିରାଟ ସତ୍ୟ ,ଆଜିର ପ୍ରେମରେ ଭାବନା ହାରିଯାଇଛି, ଶରୀର ଜିତିଯାଇଛି ।ପୂର୍ବେ ଯେଉଁଠି ଭାଲପାଇବା ହେଉଥିଲା ଦୁଇ ହୃଦୟର ମିଳନ, ଏବେ ସେହି ପ୍ରେମ ହେଉଛି ଦୁଇଟି ଶରୀରର ସମ୍ପର୍କ। ଭାବନାର ସ୍ଥାନ ନେଇଛି ଆକାଂକ୍ଷା, ନିଷ୍ଠାର ସ୍ଥାନ ନେଇଛି ସନ୍ତୁଷ୍ଟି। ପ୍ରେମ ଏବେ ହେଉଛି ଏକ "ଟ୍ରେଣ୍ଡ" ଯାହା ଆସେ ଓ ଯାଏ ରିଲ୍ ଓ ପୋଷ୍ଟ ସହିତ। ସମାଜ ମଧ୍ୟ ବଦଳିଯାଇଛି। ଗତିଶୀଳ ଜୀବନ,ଡିଜିଟାଲ ମିଡିଆ ଯେପରି ୟୁଟ୍ୟୁବ, ଫେସବୁକ, ଇନଷ୍ଟାଗ୍ରାମର



ଯୁଗରେ ଏବେ ପ୍ରେମ ଅର୍ଥ "ସହଜ ଉପଲବ୍ଧତା" । ଯୁବପିଢ଼ି ଆଜିକାଲି ପ୍ରେମ କରୁଛନ୍ତି ହୃଦୟ ଦେଉଛନ୍ତି ହେଲେ ଏହି ପ୍ରେମକୁ ଅଧିକ ସୁଦୃଢ ଏବଂ ଶକ୍ତ କରିବା ପାଇଁ ତାଙ୍କ ପାଖରେ ସମୟ ନାହିଁ। ଆଜିକାଲି ମନ ଭାବେ ନୁହେଁ, ମୋବାଇଲ ଭାବେ ଚାଲୁଛି ପ୍ରେମ ।ଏବେ ପ୍ରେମରେ ଆସିଯାଇଛି ଲେନଦେନର ଭାବ 'ତୁମେ ମୋତେ ଦେଲ, ମୁଁ ତୁମକୁ ଦେଲି' ।

ଯେଉଁଠି ଭଲପାଇବା ହେଉଛି ଏକ ସମଝୋତା, ନୁହେଁ ଏକ ସମର୍ପଣ ।ଏହି ପରିସ୍ଥିତି ସମାଜ ପାଇଁ ମନୋବିଜ୍ଞାନିକ ସତର୍କ ସଙ୍କେତ। ଯେଉଁ ସମାଜରେ ପ୍ରେମର ଆତ୍ମା ମୃତ, ସେଠାରେ ମାନବିକତା ଦୀର୍ଘ ଦିନ ରହିପାରେନି। ପ୍ରେମ ଯେଉଁଠି ଆତ୍ମା ନୁହେଁ, ଶରୀର; ଭାବନା ନୁହେଁ, ଆକାଂକ୍ଷା ସେଠାରେ ଅସଲରେ ପ୍ରେମ କେଉଁଠି ରହିଲା ? ତଥାପି ଆଶା ରହିଛି। ଏହି ସମାଜ ମଧ୍ୟରେ ଅନେକ ମନ ଅଛି ଯେଉଁଠି ପ୍ରେମ ଅଛି ଶୁଦ୍ଧ, ସାଧା ଓ ସତ୍ୟ। ଯେଉଁଠି ଆଜି ମଧ୍ୟ ଜଣେ ମଣିଷ ଅନ୍ୟ ଜଣଙ୍କ ଆଖି ଦେଖି କହିପାରେ "ମୁଁ ତୁମକୁ ଭଲପାଏ, ତୁମ ଆତ୍ମାକୁ ,ନୁହେଁ ତୁମ ଦେହକୁ, ।" ପ୍ରେମ ଏକ ଶାଶ୍ୱତ ଭାବନା, ଯାହାକୁ ଟେକ୍ନୋଲୋଜି ବା ଟ୍ରେଣ୍ଡ ଶିଖାଇପାରେନି। ଯଦି ଆମେ ଆଉଥରେ ସେହି ନିଷ୍ଠା, ସେହି ସତ୍ୟତା ଓ ସେହି ଆତ୍ମିକତାକୁ ଫେରାଇପାରୁ ତେବେ ମାତ୍ର ପ୍ରେମ ସପ୍ତାହ ନୁହେଁ, ସମଗ୍ର ଜୀବନ ହେବ ଏକ ସତ୍ୟ ପ୍ରେମର ଉତ୍ସବ।

ମୋ- ୯୯୩୭୬୯୦୭୨୦ (ସାମ୍ବାଦିକ)

# ଏପଷ୍ଟିନ୍ ମାମଲା: ଆଧୁନିକ ଅପରାଧ ଏବଂ କ୍ଷମତାର ସନ୍ଧି !

**ଅସିତ ମହାନ୍ତି**

**"ପ୍ରଥମ ଥର ପାଇଁ ୨୦୦୫ ମସିହାରେ ଏପଷ୍ଟିନ୍ ବିଷୟରେ ଗମ୍ଭୀର ତଦନ୍ତ ଆରମ୍ଭ ହୋଇଥିଲା। ଅନେକ ପୀଡିତା ଏପଷ୍ଟିନ ଫାଶରେ ଫସାଇବାକୁ ପ୍ରଲୋଭିତ ଏବଂ ଧମକ ଦିଆଯାଇଥିବା ଅଭିଯୋଗ କରିଥିଲେ। ତାଙ୍କୁ ୨୦୦୮ ମସିହାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା, କିନ୍ତୁ ତାଙ୍କୁ ମାତ୍ର ୧୩ ମାସର ନରମ ଦଣ୍ଡ ଏବଂ ଜେଲରେ ସୁବିଧା ମିଳିଥିଲା। ଏହା ନ୍ୟାୟ ବ୍ୟବସ୍ଥାର ଦୁର୍ବଳତା ଏବଂ କ୍ଷମତା ନିକଟରେ ଆତ୍ମସମର୍ପଣର ଉଦାହରଣ ଥିଲା।**

ଜେଫ୍ରି ଏପଷ୍ଟିନ୍ ଇତିହାସ ହେଉଛି ଆଧୁନିକ ଅପରାଧ ଏବଂ ଶକ୍ତିର ସମ୍ପର୍କର ସବୁଠାରୁ ଭୟଙ୍କର କାହାଣୀ ମଧ୍ୟରୁ ଗୋଟିଏ। ଜେଫ୍ରି ଏପଷ୍ଟିନ୍ ଜାନୁଆରୀ ୨୦,୧୯୫୩ ରେ ନ୍ୟୁୟର୍କର ବ୍ରୁକଲିନ୍ରେ ଜନ୍ମଗ୍ରହଣ କରିଥିଲେ। ସେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। କିନ୍ତୁ କଲେଜ ସମାପ୍ତ କରିନଥିଲେ। ସେ କିଛି ସମୟ ପାଇଁ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ ଆର୍ଥିକ ଜଗତରେ ପ୍ରବେଶ କରିଥିଲେ। ୧୯୭୦ ଦଶକର ଶେଷ ଭାଗରେ, ସେ ବିୟର ଷ୍ଟର୍ନ୍ସ ନିବେଶ କମ୍ପାନୀରେ କାମ କରିଥିଲେ, ଯାହା ଦ୍ୱାରା ଆର୍ଥିକ ଜଗତରେ ତାଙ୍କର ପ୍ରସିଦ୍ଧି ପ୍ରତିଷ୍ଠା ହୋଇଥିଲା। ୧୯୮୮ ମସିହାରେ, ସେ ନିଜର ଆର୍ଥିକ ପରିଚାଳନା କମ୍ପାନୀ, ଜେ. ଏପଷ୍ଟାଇନ୍ ଆଣ୍ଡ କୋ. ପ୍ରତିଷ୍ଠା କରିଥିଲେ, ଯାହା ମାଧ୍ୟମରେ ସେ ଧନୀ ଏବଂ ପ୍ରଭାବଶାଳୀ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ଏହି ନେଟୱାର୍କ ତାଙ୍କୁ ଅସାଧାରଣ ଶକ୍ତି ଏବଂ ପ୍ରବେଶ ପ୍ରଦାନ କରିଥିଲା। ୧୯୯୦ ଦଶକରେ, ଏପଷ୍ଟିନ୍ ଆମେରିକାର ଭର୍ଜିନ୍ ଦ୍ୱୀପପୁଞ୍ଜରେ ଲିଟିଲ୍ ସେଣ୍ଟ ଜେମ୍ସ ନାମକ ଏକ ଘରୋଇ ଦ୍ୱୀପ କିଣିଥିଲେ। ନାବାଳିକା ଝିଅମାନଙ୍କ ଯୌନ ନିର୍ଯାତନାର ଅଭିଯୋଗ ଯୋଗୁଁ ଏହି ସ୍ଥାନଟି ପରେ 'ପିଡୋଫାଇଲ୍ ଦ୍ୱୀପ' ଭାବରେ କୁଖ୍ୟାତ ହୋଇଥିଲା। ଏହି ସମୟ ମଧ୍ୟରେ, ତାଙ୍କର ଘନିଷ୍ଠ ସହଯୋଗୀ ଘିସଲେନ୍ ମ୍ୟାକ୍ସୱେଲ୍ ଅଭିଯୋଗ କରିଛନ୍ତି ଯେ, ଝିଅମାନଙ୍କୁ ଏପଷ୍ଟିନ୍ ପାଇଁ ନିଯୁକ୍ତି ଦେଇଥିଲେ ଏବଂ ବାଧ୍ୟ କରିଥିଲେ।

ପ୍ରଥମ ଥର ପାଇଁ ୨୦୦୫ ମସିହାରେ ଏପଷ୍ଟିନ୍ ବିଷୟରେ ଗମ୍ଭୀର ତଦନ୍ତ ଆରମ୍ଭ ହୋଇଥିଲା। ଅନେକ ପୀଡିତା ଏପଷ୍ଟିନ୍ଙ୍କୁ ଫାଶରେ ଫସାଇବାକୁ ପ୍ରଲୋଭିତ ଏବଂ ଧମକ ଦିଆଯାଇଥିବା ଅଭିଯୋଗ କରିଥିଲେ। ତାଙ୍କୁ ୨୦୦୮ ମସିହାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା, କିନ୍ତୁ ତାଙ୍କୁ ମାତ୍ର ୧୩ ମାସର ନରମ ଦଣ୍ଡ ଏବଂ ଜେଲରେ ସୁବିଧା ମିଳିଥିଲା। ଏହା ନ୍ୟାୟ ବ୍ୟବସ୍ଥାର ଦୁର୍ବଳତା ଏବଂ କ୍ଷମତା ନିକଟରେ ଆତ୍ମସମର୍ପଣର ଉଦାହରଣ ଥିଲା।

୨୦୧୯ ମସିହାରେ ଏପଷ୍ଟିନ୍ ପୁଣି ଗିରଫ କରାଯାଇଥିଲା। ଏଥର, ତାଙ୍କ ବିରୁଦ୍ଧରେ ନାବାଳିକା ଝିଅମାନଙ୍କର ଚାଲାଣ ଏବଂ ଯୌନ ଶୋଷଣର ବ୍ୟାପକ ପ୍ରମାଣ ମିଳିଥିଲା। ତଥାପି, ବିଚାର ପୂର୍ବରୁ, ଅଗଷ୍ଟ ୨୦୧୯ରେ ନ୍ୟୁୟର୍କ ଜେଲରେ ତାଙ୍କର ରହସ୍ୟମୟ ମୃତ୍ୟୁ ହୋଇଥିଲା। ଆନୁଷ୍ଠାନିକ ଭାବରେ, ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲା, କିନ୍ତୁ ଅନେକ ବିଶ୍ୱାସ କରନ୍ତି ଯେ ଏହା ଏକ ଷଡ଼ଯନ୍ତ୍ର ଥିଲା। ଏହା ସନ୍ଦେହକୁ ଆହୁରି ଘନିଷ୍ଠ କରିଥିଲା ଯେ ଏପଷ୍ଟିନ୍ଙ୍କ ସମ୍ପର୍କରେ ସମ୍ପୃକ୍ତ ଶକ୍ତିଶାଳୀ ଲୋକମାନେ ସେମାନଙ୍କ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ତାଙ୍କ ମୃତ୍ୟୁରେ ଭୂମିକା ଗ୍ରହଣ କରିଥାଇପାରନ୍ତି।

ଜେଫ୍ରି ଏପଷ୍ଟିନ୍ ମାମଲା କେବଳ ଅପରାଧର କାହାଣୀ ନୁହେଁ, ବରଂ ଆଧୁନିକ ସମାଜ ଏବଂ ରାଜନୀତିର ଗଭୀର ବିଫଳତାର ପ୍ରତୀକ। ଏହା ସେହି ବ୍ୟବସ୍ଥାକୁ ପର୍ଦ୍ଦାଫାସ୍ କରେ ଯେଉଁଥିରେ ଅର୍ଥ, କ୍ଷମତା ଏବଂ ପ୍ରଭାବର ସମ୍ପର୍କ ନ୍ୟାୟ ଏବଂ ନୈତିକତାକୁ ପଛରେ ପକାଇଥାଏ। ଏପଷ୍ଟିନ୍ ତାଙ୍କ ଆର୍ଥିକ ସାମ୍ରାଜ୍ୟ ଏବଂ ଉଚ୍ଚସ୍ତରୀୟ ସମ୍ପର୍କ ବ୍ୟବହାର କରି ନାବାଳିକା ଝିଅମାନଙ୍କୁ ଶୋଷଣ କରିଥିଲେ। କିନ୍ତୁ ପ୍ରକୃତ ଭୟଙ୍କର କଥା ହେଉଛି ଯେ ତାଙ୍କ କାର୍ଯ୍ୟକଳାପକୁ ଏତେ ଦିନ ଧରି ଅଣଦେଖା, ଦମନ କିମ୍ବା ଜାଣିଶୁଣି ଅଣଦେଖା କରାଯାଇଥିଲା। ଏହା କେବଳ ଏକ ବ୍ୟକ୍ତିଗତ ଅପରାଧ ନଥିଲା, ବରଂ ସାଂଗଠନିକ ସହଯୋଗର ଫଳାଫଳ ଥିଲା। ଏହି ମାମଲା ଦର୍ଶାଇଥିଲା ଯେ ନ୍ୟାୟ ବ୍ୟବସ୍ଥା କିପରି ଶକ୍ତିଶାଳୀଙ୍କ ପ୍ରତି ଆଗ୍ରହ ପ୍ରକାଶ କରେ। ୨୦୦୮ ମସିହାରେ ଏପଷ୍ଟିନ୍ଙ୍କ କୋମଳ ଦଣ୍ଡ ପ୍ରମାଣ କରିଥିଲା ଯେ ଧନ ଏବଂ ପ୍ରଭାବ ଥିବା ଲୋକମାନେ ଆଇନକୁ ଏଡାଇ ପାରିବେ। ଏହି ଘଟଣା ଆମେରିକୀୟ ନ୍ୟାୟ ବ୍ୟବସ୍ଥା ବିଷୟରେ ଗଭୀର ପ୍ରଶ୍ନ ଉଠାଇଥାଏ - ନ୍ୟାୟ କ'ଣ ସମସ୍ତଙ୍କ ପାଇଁ ସମାନ ନା କେବଳ କ୍ଷମତା ଏବଂ ସମ୍ପତ୍ତିର ଶୀର୍ଷରେ ଥିବା ଲୋକଙ୍କ ପାଇଁ? ଏପଷ୍ଟିନ୍ଙ୍କ ଗିରଫଦାରି ଏବଂ ଜେଲରେ ପରବର୍ତ୍ତୀ ରହସ୍ୟମୟ ମୃତ୍ୟୁ ଏହି ସନ୍ଦେହକୁ ଆହୁରି ଘନିଷ୍ଠ କରିଥିଲା। ଅନେକ ବିଶ୍ୱାସ କରନ୍ତି ଯେ ତାଙ୍କ ମୃତ୍ୟୁ ଶକ୍ତିଶାଳୀ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବାର ଏକ ମାଧ୍ୟମ ଥିଲା ଯାହାଙ୍କ ନାମ ପର୍ଦ୍ଦାଫାସ୍ ହେବାକୁ ଯାଉଥିଲା। ଏହି ସନ୍ଦେହ ଏହି ଧାରଣାକୁ ଦୃଢ଼ କରେ ଯେ ଅପରାଧ କେବଳ ବ୍ୟକ୍ତିଗତ ନୁହେଁ, ବରଂ କ୍ଷମତା ଏବଂ ଟଙ୍କାର ଏକ ସଂଗଠିତ ଖେଳ ଥିଲା।

ସାମାଜିକ ଦୃଷ୍ଟିକୋଣରୁ, ଏହି ମାମଲା ଆମକୁ ଏହା ବିଚାର କରିବାକୁ ବାଧ କରେ ଯେ ଯେତେବେଳେ ସମାଜ ପୀଡିତଙ୍କ ସ୍ୱରକୁ ଦମନ କରେ, ଯେତେବେଳେ ଗଣମାଧ୍ୟମ ଚାପରେ ନୀରବ ହୋଇଯାଏ, ଏବଂ ଯେତେବେଳେ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଦାୟିତ୍ୱ ପରିହାର କରନ୍ତି, ଅପରାଧୀମାନେ ଆହୁରି ଶକ୍ତିଶାଳୀ ହୋଇଯାଆନ୍ତି। ଏପଷ୍ଟିନ୍ଙ୍କ ଅପରାଧ ଦର୍ଶାଇଥିଲା ଯେ ନିର୍ଦ୍ଦୋଷଙ୍କ ଶୋଷଣ କେବଳ ଶାରୀରିକ ନୁହେଁ, ବରଂ ମାନସିକ ଏବଂ ସାମାଜିକ ଭାବରେ ମଧ ଘଟେ। ସେମାନଙ୍କ ଆତ୍ମା, ସେମାନଙ୍କର ଭବିଷ୍ୟତ ଏବଂ ସେମାନଙ୍କର ଆତ୍ମସମ୍ମାନ ଲୁଟି ନିଆଯାଇଥିଲା। ଏହି ଅପରାଧ ମାନବିକ ମର୍ଯ୍ୟାଦା ଉପରେ ଏକ ସିଧାସଳଖ ଆକ୍ରମଣ ଥିଲା।

ରାଜନୈତିକ ଦୃଷ୍ଟିକୋଣରୁ, ଏପଷ୍ଟିନ୍ଙ୍କ ମାମଲା କ୍ଷମତାର ଅନ୍ଧକାର ପାର୍ଶ୍ୱକୁ ପ୍ରକାଶ କରେ। ତାଙ୍କ ସମ୍ପର୍କ ଅନେକ ପ୍ରମୁଖ ରାଜନେତା, ଶିଳ୍ପପତି ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିଥିଲା। ପ୍ରଶ୍ନ ଉଠେ କି ଏହି ଲୋକମାନେ କେବଳ ଦର୍ଶକ ଥିଲେ କିମ୍ବା କୌଣସି ପ୍ରକାରେ ଏହି ଅପରାଧରେ ସମ୍ପୃକ୍ତ ଥିଲେ। ଏହି ମାମଲା ଆମକୁ ବିଚାର କରିବାକୁ ବାଧ କରେ ଯେ କିପରି ରାଜନୈତିକ ଏବଂ କ୍ଷମତା ଗଠନ ଅପରାଧୀଙ୍କୁ ସୁରକ୍ଷା ଦେବା ଏବଂ ପୀଡିତମାନଙ୍କୁ ଦମନ କରିବା ପାଇଁ କାର୍ଯ୍ୟ କରେ। ଯେତେବେଳେ କ୍ଷମତା ଏବଂ ଟଙ୍କାର ସମ୍ପର୍କ ନ୍ୟାୟକୁ ଦୁର୍ବଳ କରେ, ଗଣତନ୍ତ୍ରର ମୂଳଦୁଆ ଦୋହଲିଯାଏ।



ଏପଷ୍ଟିନ୍ ମାମଲା ଆଧୁନିକ ଇତିହାସର ସବୁଠାରୁ ବଡ଼ ଅପରାଧ ମଧ୍ୟରୁ ଗୋଟିଏ କାରଣ ଏହା କେବଳ ଶୋଷଣ ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ସମାଜ ଏବଂ ବ୍ୟବସ୍ଥାର ବିଫଳତାକୁ ପ୍ରକାଶ କରିଥିଲା। ଏହା ଆମକୁ ଚେତାବନୀ ଦେଉଛି ଯେ ଯଦି ଆମେ ନ୍ୟାୟ, ସ୍ୱଚ୍ଛତା ଏବଂ ମାନବିକ ମର୍ଯ୍ୟାଦାକୁ ସୁରକ୍ଷା ନ ଦେଉ, ତେବେ ଏପରି ଅପରାଧୀମାନେ ବାରମ୍ବାର ଜନ୍ମ ନେବେ। ଏହି ମାମଲା ଆମକୁ ଏହା ମଧ ଶିକ୍ଷା ଦିଏ ଯେ ପୀଡିତଙ୍କ ସ୍ୱର ଶୁଣିବା ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ହେଉଛି ସଭ୍ୟତାର ପ୍ରକୃତ ପରୀକ୍ଷା। ଏପଷ୍ଟିନ୍ଙ୍କ ନାମ ଏବେ ଅପରାଧ ଏବଂ ଅମାନବତାର ସମାର୍ଥକ ହୋଇଯାଇଛି, ଏବଂ ତାଙ୍କ ମାମଲା ଭବିଷ୍ୟତ ପିଢ଼ି ପାଇଁ ଏକ ଶିକ୍ଷା ଯେ କ୍ଷମତା ଏବଂ ଟଙ୍କା ସମ୍ମୁଖରେ ସତ୍ୟ କହିବା ହେଉଛି ସବୁଠାରୁ ବଡ଼ ସାହସ।

ଏହି ରିପୋର୍ଟ ପଢ଼ିବା ପରେ ଏହା ସ୍ପଷ୍ଟ ହୋଇଯାଏ ଯେ ଏପଷ୍ଟିନ୍ଙ୍କ ଅପରାଧ କେବଳ ବ୍ୟକ୍ତିଗତ ନୁହେଁ, ବରଂ ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ଗଭୀର ବିଫଳତାର ପ୍ରତୀକ ଥିଲା। ଏହା ଆମକୁ ଭାବିବାକୁ ବାଧ କରେ ଯେ ଆମେ କ'ଣ ଏପରି ଏକ ସମାଜରେ ରହୁଛୁ ଯେଉଁଠାରେ ନ୍ୟାୟ କେବଳ ଶକ୍ତିଶାଳୀଙ୍କ ପାଇଁ। ଯଦି ହଁ, ତେବେ ଏହା ଆଧୁନିକ ସଭ୍ୟତାର ସବୁଠାରୁ ବଡ଼ ଦୁଃଖଦ ଘଟଣା।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ଏମ୍ଏସ୍ଏମ୍ଇ ଓଡ଼ିଶାର ନିଯୁକ୍ତିର ମୂଳଶକ୍ତି ହୋଇପାରିବ କି ?

**ମନସିଜ ଦାସ**

ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କ, ଅସ୍ଥିର ସୁନା, ରୁପା ମୂଲ୍ୟ, ମୁଦ୍ରା ଓ ଷ୍ଟକ ବଜାରକୁ ନେଇ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସଂସ୍କାରଧର୍ମୀ ବଜେଟ ଉପସ୍ଥାପନ କରିଛନ୍ତି। ଚିରଚରିତ ଭାବେ ଲୋକଙ୍କ ଖୁସି କରିବା ପାଇଁ ଲୋଭନୀୟ ଘୋଷଣା କରିବା ପରିବର୍ତ୍ତେ ଅର୍ଥନୀତିକୁ ବଳ ଦେବା ଲାଗି ବଜେଟ ୨୦୨୬-୨୭ରେ ପ୍ରୟାସ କରାଯାଇଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମୂଳଦୁଆ ପଡ଼ିଛି। ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବା, ପ୍ରତିଟି ନାଗରିକଙ୍କୁ ବିକାଶିତ ଭାରତ ଗଠନର ସଂକଳ୍ପ ନେଇ ୫୩,୪.୩୧୫ କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ବୈଶ୍ୱିକ ଅନିଶ୍ଚିତତା, ଭୂ-ରାଜନୈତିକ ଉତ୍ତେଜନା, ମୁଦ୍ରାସ୍ଫୀତି ଓ ବାଣିଜ୍ୟ ଚାପ ମଧ୍ୟରେ ପ୍ରସ୍ତୁତ ଏହି ବଜେଟ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା, ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଓ ସାମାଜିକ ଅନ୍ତର୍ଭୁକ୍ତକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅଣାଯାଇଛି। ସରକାରଙ୍କ ସଂକଳ୍ପ ହେଲା ଗରିବ ଓ ଅବହେଳିତ ବର୍ଗର ଲୋକଙ୍କୁ ଧ୍ୟାନ ରଖି କାର୍ଯ୍ୟ କରିବା। ଏହି ସଂକଳ୍ପକୁ କାର୍ଯ୍ୟକାରୀ କରିବା ଏବଂ ପ୍ରଥମ ଥର ପାଇଁ କର୍ତ୍ତବ୍ୟ ଭବନରେ ବଜେଟ ପ୍ରସ୍ତୁତ ହୋଇଥିବାରୁ ତିନିଟି କର୍ତ୍ତବ୍ୟ ଦ୍ୱାରା ବଜେଟ ଅନୁପ୍ରାଣୀତ ହୋଇଛି। ପ୍ରଥମ କର୍ତ୍ତବ୍ୟ ହେଲା ଅର୍ଥନୀତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ତାହାକୁ ବଜାୟ ରଖିବା। ଉତ୍ପାଦକତା ଓ ପ୍ରତିଯୋଗିତା କ୍ଷମତା ବଢ଼ାଇବା ସହିତ ବିଶ୍ୱର ଅସ୍ଥିର ସ୍ଥିତି ପରିପ୍ରେକ୍ଷୀରେ ଅର୍ଥନୀତିକୁ ଦୃଢ଼ କରିବା। ସେହିଭଳି ଦ୍ୱିତୀୟ କର୍ତ୍ତବ୍ୟ ହେଲା ଲୋକଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ଦକ୍ଷତା ବଢ଼ାଇବା। ତୃତୀୟ କର୍ତ୍ତବ୍ୟ ସରକାରଙ୍କ ସବ୍‌କା ସାଥ, ସବ୍‌କା ବିକାଶ ଲକ୍ଷ୍ୟ ସହ ଜଡ଼ିତ। ଦେଶର ପ୍ରତ୍ୟେକ ପରିବାର, ସମୁଦାୟ ଅଞ୍ଚଳ ଓ କ୍ଷେତ୍ର ଯେଭଳି ସମ୍ବଳ, ସୁବିଧା ଓ ସୁଯୋଗ ଗୁଡ଼ିକୁ ପାଇବେ ତାହାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଏହି ତିନି କର୍ତ୍ତବ୍ୟର ଲକ୍ଷ୍ୟ ହାସଲ ପାଇଁ ଏକ ଭଲ ପରିବେଶ ଆବଶ୍ୟକ। ପ୍ରଥମ ଆବଶ୍ୟକତା ହେଉଛି ଢ଼ାଞ୍ଚାଗତ ସଂସ୍କାରର ଗତିକୁ ବଜାୟ ରଖିବା। ଦ୍ୱିତୀୟ ହେଉଛି ଏକ ବଳିଷ୍ଠ ଓ ଦୃଢ଼ ଆର୍ଥିକ କ୍ଷେତ୍ରର ବିକାଶ କରିବା ଏବଂ ତୃତୀୟ ହେଉଛି ଏଆଇ ପ୍ରୟୋଗ ସମେତ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର। ସରକାର ଅତୀତରେ ଅନେକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଗାଁରୁ ସହରକୁ ପ୍ରବାସ ଆଜି ଓଡ଼ିଶାର ଅର୍ଥନୀତି ଓ ସମାଜ ଜୀବନର ଏକ ବଡ଼ ସତ୍ୟ। ପ୍ରତିବର୍ଷ ନିୟମିତ ଧାରାରେ ହଜାର ହଜାର ଯୁବକ ଯୁବତୀ ଭଲ ଆୟର ଆଶାରେ ଘରଦ୍ୱାର ଛାଡ଼ି ସୁରତ୍, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ଭାରତର ଅନ୍ୟ ବଡ଼ ବଡ଼ ସହରକୁ ଦାଦନ ପାଇଁ ଯାଇଥାନ୍ତି। ଏହି ପ୍ରବାସ କେବଳ ଚାକିରୀ କ୍ଷେତ୍ରରେ ନୁହେଁ ଏହା ପଛରେ ଆଉ ଏକ ବଡ଼ କାରଣ ମଧ୍ୟ ରହିଛି। ବଡ଼ କାରଣଟି ହେଉଛି ଏହି ଦାଦନ ଦୁଃଖ ସହିତ ଯୌଥ ପରିବାରର ବନ୍ଧନୀ ଭାଙ୍ଗିବା ସହ ବୃଦ୍ଧ ନିର୍ଭରଶୀଳ ପିତାମାତାଙ୍କ ଏକାକୀପଣ ଓ ଗାଁର ଶୂନ୍ୟତା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଆମ ଯୁବ ବର୍ଗମାନେ ଘର ପାଖରେ ରୋଜଗାର ପାଇଲେ ସେମାନେ ବାହାରକୁ ଯିବା ପାଇଁ କାହିଁକି ଇଛା କରନ୍ତି। ଏହିପରି କ୍ଷେତ୍ରରେ ଆମେ ଆଲୋଚନା କରୁଥିବା ଏମଏସଏମଇ - ସୂକ୍ଷ୍ମ, ଛୋଟ ଓ ମଧ୍ୟମ ଉଦ୍ୟମ ଯାହାକି ଏକ ନୂଆ ଆଶାର ଆଲୋକ ଓ ସମ୍ଭାବନା ଦେଖାଇଛି।

ଓଡ଼ିଶାରେ ଦାଦନ ବା ପ୍ରବାସର ପ୍ରମୁଖ କାରଣଟି ହେଉଛି, ଏହା ସମସ୍ତେ ଜାଣନ୍ତି ଆମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭରଶୀଳ। କିନ୍ତୁ ଚାଷବାସ କାମ ଋତୁ ଆଧାରିତ ହୋଇଥିବାରୁ ଏଥିରେ ଲାଭ କମ ଏବଂ ଆୟ ମଧ୍ୟ ଅନିଶ୍ଚିତ ରହିଥାଏ। ଦରଦାମ ଓ ପ୍ରାକୃତିକ ବିପର୍ଯ୍ୟୟ, ଉନ୍ନତ ବଜାର ନ ମିଳିବାରୁ ଏହିପରି ଅନେକ ସମସ୍ୟା ପ୍ରାୟତଃ ରହିଥାଏ। ଏହାସହିତ ଭାରତର ଛୋଟ ଛୋଟ ସହରରେ ଶିଳ୍ପ ଓ ବ୍ୟବସାୟ ସୁଯୋଗର ଯେଉଁ ବ୍ୟାପକ ଅଭାବ ରହୁଛି ଏହା ଯୁବପିଢ଼ିଙ୍କୁ ବାଧ କରୁଛି ବାହାରକୁ ଯିବା ପାଇଁ। ଯାହାଦ୍ୱାରା ଗାଁରେ ଦକ୍ଷ ଶ୍ରମଶକ୍ତି କମୁଛି ଏବଂ ସ୍ଥାନୀୟ ଅର୍ଥନୀତି ଦୁର୍ବଳ ହେବାସହ ସହରରେ କିନ୍ତୁ ଅତ୍ୟଧିକ ଚାପ ବଢ଼ିଯାଉଛି ଯାହାର ଫଳସ୍ୱରୂପ ରାଜ୍ୟର ପ୍ରଗତିରେ ଏହା ବଡ଼ ବାଧକ ମଧ୍ୟ ସାଜୁଛି।

ଆମ ଆଲୋଚନାରେ ଏମ୍ଏସ୍ଏମ୍ଇ କାହିଁକି ଏକ ବ୍ୟବହାରିକ ସମାଧାନ ? ଏହାର ସହଜ, ସରଳ ଓ ସ୍ପଷ୍ଟ ଉତ୍ତର ହେଉଛି ବଡ଼ କାରଖାନା କିମ୍ବା ମେଗା ଇଣ୍ଡଷ୍ଟ୍ରି ସବୁଠାରୁ ସ୍ଥାପିତ କରିବା ସମ୍ଭବ ହୋଇନଥାଏ। କିନ୍ତୁ ଏମ୍ଏସ୍ଏମ୍ଇ ବ୍ୟବସ୍ଥାରେ କମ ପୁଞ୍ଜିରେ ଗାଁ ଓ ଛୋଟ ସହରରେ ଏକ ଉଦ୍ୟୋଗ ଗଢ଼ା ଯାଇପାରେ। ଏହାର ବଡ଼ ଲାଭାର୍ଥୀ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହୋଇଥାଏ ଯେଉଁଥିରେ ମହିଳା ଓ ଯୁବ ବର୍ଗ ଅଧିକରୁ ଅଧିକ ସାମିଲ ହୋଇଥାନ୍ତି। ଛୋଟ ପୁଞ୍ଜିରେ





ବଡ଼ ପ୍ରଭାବ ଗ୍ରାମ୍ୟ ଅର୍ଥନୀତିର ବେଗକୁ ଆହୁରି ତ୍ୱରାନ୍ୱିତ କରିଥାଏ। ସବୁଠାରୁ ବଡ଼ କଥା ହେଉଛି ହସ୍ତ ଶିଳ୍ପ ଠାରୁ ମାଛଚାଷ, ହ୍ୟାଣ୍ଡଲୁମ ଠାରୁ ଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ବ୍ୟବସାୟ ଠାରୁ ସର୍ଭିସ ସେକ୍ଟର ସବୁ କ୍ଷେତ୍ରରେ ଏମଏସଏମଇର ଭରପୂର ସମ୍ଭାବନା ରହିଛି। ନୂତନ କେନ୍ଦ୍ରୀୟ ବଜେଟରେ ଏକ ସକରାତ୍ମକ ସଂକେତ ରହିଛି। ଏଥରକ ବଜେଟରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦଶହଜାର କୋଟିର ଏମଏସଏମଇ ବୃଦ୍ଧି ବ୍ୟବସ୍ଥା ହୋଇଛି ଯାହାକି ଛୋଟ ଛୋଟ ଉଦ୍ୟୋଗକୁ ବଡ଼ ପ୍ରୋତ୍ସାହନ ଯୋଗାଇବ ଏହା ସହିତ ସହଜ ଋଣ ଓ କାର୍ଯ୍ୟ ପୁଞ୍ଜି ଉପଲବ୍ଧତା ହେବାସହ ସରକାରୀ ସଂସ୍ଥା ମାନଙ୍କ ପକ୍ଷରୁ ଶୀଘ୍ର ପେମେଣ୍ଟ ବ୍ୟବସ୍ଥା ରହିଛି। ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏମଏସଏମଇ ଗୁଡ଼ିକୁ ଦକ୍ଷ କରିବା ଲାଗି ବଜେଟରେ ପଦକ୍ଷେପ ଘୋଷଣା କରାଯାଇଛି। ଏଥିପାଇଁ ତିନି ସୂତ୍ରୀ ଯୋଜନା ପ୍ରସ୍ତୁତ ହୋଇଛି। ତାହା ହେଉଛି ଇକ୍ୱିଟି ସହାୟତା, ନଗଦ ରାଶି ସହାୟତା ଓ ପେସାଦାର ସହାୟତା। ଇକ୍ୱିଟି ସହାୟତାରେ ୧୦,୦୦୦ କୋଟି ଟଙ୍କାର ଉତ୍ସର୍ଗୀକୃତ ଏସଏମଇ ଗ୍ରୋଥ ଫଣ୍ଡ ଗଠନ କରାଯିବ। ଆତ୍ମନିର୍ଭର ଭାରତ ପାଣ୍ଠିକୁ ୨୦୦୦ କୋଟି ଟଙ୍କା ଦିଆଯିବ। ଦେଶର ତୃତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଥିବା ଏମଏସଏମଇ ଗୁଡ଼ିକୁ ନିୟମ ପାଳନରେ ସହଯୋଗ କରିବା ଲାଗି ପେସାଦାର ଅନୁଷ୍ଠାନଗୁଡ଼ିକ ସହଯୋଗରେ 'କର୍ପୋରେଟ ମିତ୍ର' ବିକାଶ କରାଯିବ। କେନ୍ଦ୍ରୀୟ ପିଏସୟୁ ଗୁଡ଼ିକ ଏମଏସଏମଇ ସହ କରୁଥିବା ସବୁ କାରବାର ଟିଆରଇଡିଏସ ଜରିଆରେ ହେବ। ଟିଆରଇଡିଏସରେ ଇନଭଏସ ରିହାତି ପାଇଁ ଏକ କ୍ରେଡିଟ ଗ୍ୟାରେଣ୍ଟି ସହାୟତା ବ୍ୟବସ୍ଥା ଆରମ୍ଭ କରାଯିବ। ସୁଲଭ ଓ ଶୀଘ୍ର ଫାଇନାନ୍ସ ସୁବିଧା ପାଇଁ ଜିଇଏମ ଓ ଟିଆରଇଡିଏସକୁ ମିଶାଇ ଦିଆଯିବ।

ନିୟମିତ ଦକ୍ଷତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଏମଏସଏମଇ ଉଦ୍ୟୋଗୀ ମାନଙ୍କୁ କେବଳ ଆର୍ଥିକ ଭାବେ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା ପାଇଁ ବିଶେଷକରି ଏଥିନିମିତ୍ତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ପାଣ୍ଠି ସହ ସମ୍ବଲପୁର, ବରଗଡ଼ର ହ୍ୟାଣ୍ଡଲୁମ, କୋରାପୁଟ କନ୍ଧମାଳର ଖାଦ୍ୟ ପ୍ରସ୍ତୁତି ଓ ଛୋଟ କ୍ଷୁଦ୍ର ବ୍ୟବସାୟ ନିମିତ୍ତ ସରକାର ଏହି କ୍ଲଷ୍ଟର ଗୁଡ଼ିକୁ ଆର୍ଥିକ ସହାୟତାର ବ୍ୟବସ୍ଥା ରଖିବା ସହ ବଜାର ଯୋଗାଯୋଗ ଓ ଢ଼ାଞ୍ଚାଗତ ସୁବିଧା ବ୍ୟବସ୍ଥା ରଖିଛନ୍ତି। ଏହି ଉଦ୍ୟମ ନିଶ୍ଚିନ୍ତ ଭାବରେ ଅନେକ କର୍ମ ସଂସ୍ଥାନ ସୃଷ୍ଟି କରିବ। ତେବେ କାଗଜ କଲମରେ ଯୋଜନାରେ ସୀମିତ ନରହି ତୃଣମୂଳ ସ୍ତରରୁ ଏଥିନିମିତ୍ତ ବ୍ୟାପକ ଓ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ ଦରକାର। ଏମଏସଏମଇ ନିମିତ୍ତ ସହଜ ଋଣ, ଦୁର୍ନୀତିମୁକ୍ତ ପ୍ରକ୍ରିୟା, ଦକ୍ଷତା ଉନ୍ନୟନ ଓ ବଜାର ସୁଯୋଗ ଏସବୁ ନିଶ୍ଚିନ୍ତ ହେବା ଜରୁରୀ। ଯଦି ଆମେ ଗାଁରେ ରୋଜଗାର ସୃଷ୍ଟି କରିପାରୁ ତେବେ ଯୁବ ବର୍ଗମାନେ ଦାଦନ ମୁହାଁ ହେବେ ନାହିଁ। ପ୍ରବାସ ନୁହେଁ ସ୍ଥାନୀୟ ଉନ୍ନତିକୁ ନୀତିର କେନ୍ଦ୍ର ବିନ୍ଦୁ କରିବା ଜରୁରୀ। ଏମଏସଏମଇ ଅର୍ଥାତ ଅଣକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିଶ୍ଚିନ୍ତ ଭାବେ ଦେଶର ଉଜ୍ଜ୍ୱଳ ଅର୍ଥନୀତି ଭବିଷ୍ୟତ ଗଠନ ନିମନ୍ତେ ମୂଳଦୁଆକୁ ଦୃଢ଼ କରିବା ସହ ଏହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଉଚ୍ଚତର ଏବଂ ଦ୍ରୁତତର ଉଡ଼ାଣ ଏଥିପାଇଁ ସମୟ, ସାଧନ ଓ ଶ୍ରମର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ଖୁସିର କଥା ସରକାରୀ ଭାବେ ଏହି କ୍ଷେତ୍ର ନିମିତ୍ତ କେବଳ ସୁଚିନ୍ତିତ ଯୋଜନାମାନ ପ୍ରସ୍ତୁତ କରାଯାଇ ନାହିଁ ବରଂ ନିର୍ଣ୍ଣାୟକ ନେତୃତ୍ୱ ସହିତ ଆଗାମୀ ଦିନରେ ଯୁବ ବର୍ଗ ଏଥିରୁ କିପରି ଅଧିକ ସୁବିଧା ପାଇପାରିବେ ଏବଂ ଗ୍ରାମୀଣ ଅର୍ଥନୀତି କିପରି ବେଗବାନ ହୋଇପାରିବ ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ରାୟପୁର-ବିଶାଖାପାଟଣା କରିଡର ଓଡ଼ିଶାର ଆଞ୍ଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ

ଦାମନଯୋଡିକୋରାପୁଟ,୧୧।୨(ନିପ୍ର): ଗ୍ରୀନଫିଲ୍ଡ ପ୍ରବେଶ ନିୟନ୍ତ୍ରିତ ଛଅ ଥାକିଆ ରାୟପୁର ଠାରୁ ବିଶାଖାପାଟନମ ଆର୍ଥିକ କରିଡୋର ଓଡ଼ିଶାରେ ସଂଯୋଗତା ଓ ଆଞ୍ଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ। ଭାରତ ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦ୍ୱାରା ଭାରତମାଳା ପରିଯୋଜନା ଅନ୍ତର୍ଗତ ଦେଶର ସବୁଠାରୁ ପ୍ରତିଷ୍ଠିତ ହାଇୱେ ଢାଞ୍ଚାଗତ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ଛଅ-ଲେନ,ଗ୍ରୀନଫିଲ୍ଡ ପ୍ରବେଶ ନିୟନ୍ତ୍ରିତ (ଗ୍ରିନଫିଲ୍ଡ, ଆକ୍ସେସ୍-କଣ୍ଟ୍ରୋଲ୍ଡ) ରାୟପୁର-ବିଶାଖାପଟନମ ଆର୍ଥିକ କରିଡୋର ନିର୍ମାଣ କରାଯାଉଛି । ପ୍ରାୟ ୪୬୫ କି.ମି. ଲମ୍ବା ଏହି କରିଡୋର ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ମାଧ୍ୟମରେ ରାୟପୁର ନିକଟସ୍ଥ ଅଭନପୁର ଠାରୁ ବିଶାଖାପଟନମ ନିକଟସ୍ଥ ସବାବରମ ପର୍ଯ୍ୟନ୍ତ ସଂଯୋଗ ସୃଷ୍ଟି କରିବ। ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ଆଞ୍ଚଳିକ ଯାତାୟାତ ଓ ମାଲବାହନକୁ ଦ୍ରୁତ,ସହଜ ଓ କ୍ଷମତାଶୀଳ କରିବା । ପୂର୍ବଘାଟ ପର୍ବତମାଳା ପରି କଠିନ ଭୂପୃଷ୍ଠ ଅଞ୍ଚଳ ମାଧ୍ୟମରେ ଯାଉଥିବା ଏହି କରିଡୋରକୁ ସମତଳ ଅଞ୍ଚଳରେ ଘଣ୍ଟା ପ୍ରତି ୧୦୦ କି.ମି. ଓ ପାହାଡ଼ିଆ ଅଞ୍ଚଳରେ ଘଣ୍ଟା ପ୍ରତି ୮୦ କି.ମି. ଗତି ପାଇଁ ଡିଜାଇନ୍ କରାଯାଇଛି। ଯାହା ସାର୍ବିକ ସଂଯୋଗତା ଓ ଆର୍ଥିକ କାର୍ଯ୍ୟକଳାପକୁ ଉନ୍ନତ



କରିବ । ଏହି କରିଡୋର ଛତିଶଗଡ଼ର ରାୟପୁର,ଧମତରୀ ଓ କାଙ୍କେର, ଓଡ଼ିଶାର ନବରଙ୍ଗପୁର ଓ କୋରାପୁଟ ଏବଂ ଆନ୍ଧ୍ରପ୍ରଦେଶର ବିଜୟନଗରମ ଓ ବିଶାଖାପାଟଣା ଜିଲ୍ଲା ଦେଇ ଯାଉଛି। ପ୍ରକଳ୍ପ ସମାପ୍ତି ପରେ, ବର୍ତ୍ତମାନର ୫୯୪ କି.ମି. ରାୟପୁର-ବିଶାଖାପଟନମ ଯାତ୍ରା ଦୂରତା ପ୍ରାୟ ୭୦ କି.ମି. କମିବ ଏବଂ ଯାତ୍ରା ସମୟ ୧୪ ଘଣ୍ଟା ଠାରୁ କମି ୫-୬ ଘଣ୍ଟା ହେବ, ଯାହା ଯାତ୍ରୀ ଓ ଭାରୀ ମାଲବାହୀ ଯାନ ପାଇଁ ବିଶେଷ ସୁବିଧା ଉପଲବ୍ଧ ହେବ । ଏହି ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ମଡେଲ ଅଧୀନରେ ୧୫ଟି ପ୍ୟାକେଜ୍ ଭାଗ ଭିତ୍ତିରେ ନିର୍ମାଣ କରାଯାଉଛି ,ତନ୍ମଧ୍ୟରୁ ଛତିଶଗଡ଼ରେ ୩ଟି , ଓଡ଼ିଶାରେ ୮ଟି ଓ ଆନ୍ଧ୍ରପ୍ରଦେଶରେ ୪ଟି ପ୍ୟାକେଜ୍ ରହିଛି। ଏହା ସହିତ ମୋଟ ୩ଟି ଟନେଲ୍ (ଛତିଶଗଡ଼ରେ ୧ଟି ଓ ଓଡ଼ିଶାରେ ୨ଟି) ନିର୍ମାଣ ହେଉଛି। ସମସ୍ତ ପ୍ୟାକେଜ୍‌ର କାମ ଉନ୍ନତ ପର୍ଯ୍ୟାୟରେ ଅଛି ଏବଂ ଓଡ଼ିଶା ଅଂଶ ଜୁନ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି ।କୋରାପୁଟ ଜିଲ୍ଲାରେ ୭ଟି ଇଣ୍ଟରଚେଞ୍ଜ (ପ୍ରବେଶ/ପ୍ରସ୍ଥାନ ସ୍ଥାନ) ରହିଛି । ସ୍ଥାନୀୟ ସଂଯୋଗତାକୁ ସୁଦୃଢ଼ କରିବା ପାଇଁ କୋରାପୁଟ ଜିଲ୍ଲାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ୭ଟି ଇଣ୍ଟରଚେଞ୍ଜ ପ୍ରସ୍ତାବିତ ଯଥା - ୧) କି.ମି.୨୪୭.୭ ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ କାଳିଆଗୁଡ଼ା ଗ୍ରାମ ଜାତୀୟ ରାଜପଥ ୨୬ ସହିତ ସଂଯୋଗ,୨) କି.ମି. ୨୬୦.୪ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ ବେନାସୁର ଗ୍ରାମ ମେଜର ଡିଷ୍ଟ୍ରିକ୍ଟ ରୋଡ ସହିତ ସଂଯୋଗ,୩) କି.ମି.୨୯୦.୨ ନିକଟରେ, କୋରାପୁଟ ତହସିଲ୍ ଅନ୍ତର୍ଗତ ତାଳା ଗ୍ରାମ ଜାତୀୟ ରାଜପଥ ୩୨୬ ସହିତ ସଂଯୋଗ, ୪) କି.ମି.୩୧୦.୬ ନିକଟରେ ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ ନାଲକୋ ଛକ ନିକଟସ୍ଥ ଲୁଙ୍ଗୁରୀ ଗ୍ରାମ ଜାତୀୟ ରାଜପଥ ୨୬ ସହିତ ସଂଯୋଗ, ୫) କି.ମି.୩୧୯.୫ ନିକଟରେ, ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ କୁଣ୍ଡୁଳି ଗ୍ରାମ ଜାତୀୟ ରାଜପଥ ୨୬ ସହିତ ସଂଯୋଗ, ୬) କି.ମି.୩୩୭.୧ ନିକଟରେ, ପଟାଙ୍ଗୀ ତହସିଲ୍ ଅନ୍ତର୍ଗତ ବରାଜା ଗ୍ରାମ —ମେଜର ଡିଷ୍ଟ୍ରିକ ରୋଡ ସହିତ ସଂଯୋଗ, ୭) କି.ମି. ୩୫୨.୮ ନିକଟରେ, ପଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଅମ୍ବାବାଲି ନିକଟସ୍ଥ ତଳଗୋଲାରୀ ଗ୍ରାମ।

## ଆସିକା ବ୍ଲକ ଠାରେ ୩୯୩ ଜଣଙ୍କୁ ଭତ୍ତା ବଣ୍ଟନ

ଆସିକା,୧୧।୨ (ନିପ୍ର); ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶ କ୍ରମେ ଆସିକା ବ୍ଲକ ପରିସରରେ ଆସିକା ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ।ଆଜିକାର ଏହି ସଭାକୁ ଏ ବିଡ଼ିଓ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ଆଜିକାର ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଆସିକା ବ୍ଲକର ଆଲିପୁର ପଞ୍ଚାୟତରେ ୧୨ ଜଣ , ବାବନପୁର ପଞ୍ଚାୟତରେ ୧୬ଜଣ ,ବଡଖୋଲି ପଞ୍ଚାୟତରେ ୩୦ଜଣ,ବାଲିଛାଇ ପଞ୍ଚାୟତରେ ୫ଜଣ, ବାଲିଶିରା ପଞ୍ଚାୟତରେ ୨୦ ଜଣ, ବାଙ୍ଗରଡ଼ା ପଞ୍ଚାୟତରେ୧୮ ଜଣ,ଭେଟନଇ ପଞ୍ଚାୟତରେ ୧୨ ଜଣ, ବରଗାଁ ପଞ୍ଚାୟତରେ ୧୬ ଜଣ,ବେଣାପାଟ ୧୩ ଜଣ ଚଢ଼େୟାପଲ୍ଲୀ ପଞ୍ଚାୟତରେ ୧୪ଜଣ, ଦେବଭୂମି ପଞ୍ଚାୟତରେ ୨୩ଜଣ,ଗହଙ୍ଗୁ ପଞ୍ଚାୟତରେ ୧୨ଜଣ, ଗାଙ୍ଗପୁର ପଞ୍ଚାୟତରେ୧୫ ଜଣ, ଗୁଣ୍ଡପଡା ପଞ୍ଚାୟତରେ ୧୩ ଜଣ, ହରିଡ଼ାପଦର ପଞ୍ଚାୟତରେ ୧୮ଜଣ, ଜୟପୁର ପଞ୍ଚାୟତରେ ୧୫ଜଣ,କାଳକଣ୍ଠେପୁର ପଞ୍ଚାୟତରେ ୧୭ଜଣ,କେନ୍ଦୁପଦର ପଞ୍ଚାୟତରେ ୯ଜଣ, କମାଗଡ଼ ୫ଜଣ ଖଣ୍ଡଦେଉଳି ପଞ୍ଚାୟତରେ ୧୨ଜଣ,ଖାରିଆ ପଞ୍ଚାୟତରେ ୨୬ଜଣ, ମଙ୍ଗଳପୁର ପଞ୍ଚାୟତରେ ୧୩ଜଣ, ମୁନିଗାଡ଼ି ପଞ୍ଚାୟତରେ ୧୧ଜଣ,ନଳବଣ୍ଟା ପଞ୍ଚାୟତରେ ୧୧ଜଣ, ନିମିନା ପଞ୍ଚାୟତରେ ୧୪ଜଣ,ପାଣ୍ଡିଆପଥର ପଞ୍ଚାୟତରେ ୧୨ଜଣ,ସିଦ୍ଧନଇ ପଞ୍ଚାୟତରେ ୧୧ଜଣଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଛି । ଏଥି ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧୧୫ ଜଣଙ୍କୁ, ବିଧବା ଭତ୍ତା ବାବଦକୁ ୨୦୭ ଜଣଙ୍କୁ, ଭିନ୍ନକ୍ଷମ ଭତ୍ତା ବାବଦକୁ ୫୯ ଜଣଙ୍କୁ, ଅବିବାହିତ ଭତ୍ତା ବାବଦକୁ ୫ଜଣଙ୍କୁ, ଛାଡ଼ପତ୍ର ଭତ୍ତା ବାବଦକୁ ୭ଜଣଙ୍କୁ ପ୍ରଦାନ କରାଯାଇଛି । ଏହି ସଭାରେ ଜଣେ ଦୁଇଜଣ ସରପଞ୍ଚଙ୍କୁ ଛାଡିଦେଲେ କୌଣସି ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲା ପରିଷଦ ଉପସ୍ଥିତ ନଥିଲେ।

## ଭୂୟାଁ ରୋଇଡା ପଞ୍ଚାୟତ ଗ୍ରାମବାସୀଙ୍କ ପୁରୀଧାମ ଯାତ୍ରା

ଯୋଡା,୧୧/୨ (ନିପ୍ର); ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଆସି ଜଗନ୍ନାଥଙ୍କୁ ଦର୍ଶନ କରି ଫେରିଯାଉଥିବା କାହାକୁ ଅଛପା ନାହିଁ । ସେହିପରି ଭାବେ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଭୂୟାଁରୋଇଡା ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ତୁଳସୀ ବବଙ୍ଗାଙ୍କ ଏକ ମହତ କାର୍ଯ୍ୟ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଜୀବନକାଳ ମଧ୍ୟରେ ପୁରୀ ଯାଇନଥିବା ଓ କିଛି ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ଗୁରୁତ୍ୱ ଦେବାକୁ ଯାଇ ସରପଞ୍ଚ ନିଜସ୍ୱ ଉଦ୍ୟମରେ ଓ ନିଜସ୍ୱ ଖର୍ଚ୍ଚରେ ଭୂୟାଁରୋଇଡା ପଞ୍ଚାୟତର ଭୂୟାଁରୋଇଡା,କୁନ୍ଦୁରୁପାଣି,ମୁଣ୍ଡା ବସ୍ତି,ଡି-ବ୍ଲକ,କ୍ୟାମ୍ପ ହଟିଂ,ରୋଇଡା କ୍ୟାମ୍ପ,କ୍ୟାଥ ହଟିଂ ଭଳି ଗ୍ରାମରୁ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱର୍ ପୁରୁଷ ଓ ମହିଳା ଭକ୍ତଙ୍କୁ ଟ୍ରେନ ଯୋଗେ ପୁରୀ ନେବାର ସୁବନ୍ଦୋବସ୍ତ କରାଇବା ପରେ ଗ୍ରାମବାସୀମାନଙ୍କ ମଧ୍ୟରେ ଖୁସି କହିଲେ ନସରେ । ଏହି ୪ ଦିନିଆ ଯାତ୍ରାରେ ପୁରୀଧାମ ସହିତ କୋଣାର୍କ,ଚନ୍ଦ୍ରଭାଗା,ଲିଙ୍ଗରାଜ ମନ୍ଦିର,ଖଣ୍ଡଗିରି,ଉଦୟଗିରି,ନନ୍ଦନକାନନ,ଧଉଳି ଆଦି ବୁଲିବାର କାର୍ଯ୍ୟକ୍ରମ ରହିଛି । ଜୟ ଜଗନ୍ନାଥ ଧ୍ୱନି ଦେଇ ବାଂଶପାଣି ରେଳ ଷ୍ଟେସନରୁ ବଡବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରେଳ ଯୋଗେ ବୁଧବାର ମଧ୍ୟାହ୍ନରେ ପୁରୀ ଯାତ୍ରା ଆରମ୍ଭ କରିଥିଲେ । ଏହି ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଯାତାୟତ,ରହଣୀ ଏବଂ ଖାଇବାର ସମସ୍ତ ଖର୍ଚ୍ଚ ସରପଞ୍ଚ ବହନ କରିବେ । ତେବେ ଶନିବାର ଏହି ଯାତ୍ରୀ ପୁନର୍ବାର ଇଣ୍ଟରସିଟି ରେଳ ଯୋଗେ ବାଂଶପାଣି ରେଳ ଷ୍ଟେସନରେ ପହଞ୍ଚିବେ ବୋଲି ଜଣାପଡିଛି ।

## ପିଏମଶ୍ରୀ ମାଲୁସାନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଦାମନଯୋଡି,୧୧/୨(ନିପ୍ର): ମାଥାଲପୁଟ ସ୍ଥିତ ପି.ଏମ.ଶ୍ରୀ ମାଲୁସାନ୍ତା ସରକାରୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ କୋରାପୁଟ ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ, କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ, ଓ ବିଧାୟକ ପଟାଙ୍ଗୀଙ୍କ ପ୍ରତିନିଧି ସାଣ୍ଡ୍ରା ସିସା, ସରପଞ୍ଚ ମାଥାଲପୁଟ ରଞ୍ଜିତା ଗୁରୁନା, ଜିଲ୍ଲା ପରିଷଦ ଜୋନ୍-୨ ସଭ୍ୟ ମିହିର




କୁଳଦୀପ, ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ପାତ୍ର, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବର୍ଗରୀ, ଏସ ଏମ ସି ସଭାପତି ମନୋଜ ଖୋସଲା, ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ତୋଷ ନନ୍ଦ, ପ୍ରଧାନ ଶିକ୍ଷକ ଶ୍ରୀ ପଟ୍ଟନାୟକ, ବିଜୟ ସାହୁ, ରବୀନ୍ଦ୍ର କୁମାର ସାଉ, ଦୀପଶିଖା ବେହେରା ଆଦି ମାନ୍ୟଗଣ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ୨୦୨୪-୨୫ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଓମ୍ ପ୍ରକାଶ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦର୍ଶନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ବର୍ଗରେ ପ୍ରାୟ ୧୮୦ ଜଣ ଛାତ୍ର ଛାତ୍ରୀଙ୍କୁ ପରସ୍କୃତ କରାଯାଇଥିଲା ।

## ମାଣିକାଗୋଡ଼ା ସେବା ସମବାୟ ସମିତି ତରଫରୁ ଧାନ ମଣ୍ଡି ଉଦ୍‌ଘାଟିତ

ବୋଲଗଡ,୧୧।୨ (ନିପ୍ର): ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା ସମବାୟ ସମିତି ସମ୍ପାଦକ ବିରଞ୍ଚି କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ବାରଦିନ ସେବା ସମବାୟ ସମିତି ପରିସରରେ ଷଷ୍ଠ ପର୍ଯ୍ୟାୟ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ଗୋପାଳ ଚନ୍ଦ୍ର ପ୍ରଧାନ,ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିୟନ୍ତ୍ରିତ ବଜାର କମିଟିର ଧାନ ନିରୀକ୍ଷକ ରାଜେନ୍ଦ୍ର ପରିଡା ଓ ଡାଟା ଏଣ୍ଟ୍ରି ଅପେରଟର ହୃଦାନନ୍ଦ ସୁବୁଦ୍ଧିଙ୍କ ସମେତ ବହୁ ଚାଷୀମାନେ ଉପସ୍ଥିତ ରହି ଏହାକୁ ଶୁଭ ଉଦଘାଟନ କରିଥିଲେ । ମାଣିକାଗୋଡ଼ା ସେବା ସମବାୟ ସମିତିରେ ୫୧୬ ଜଣ ଚାଷୀମାନଙ୍କର ନାମ ପଞ୍ଜୀକରଣ ହୋଇଥିଲାବେଳେ ଉଦଘାଟନୀ ଦିବସରେ ୩ଜଣ ଚାଷୀ, ଦ୍ୱିତୀୟ ପର୍ଯ୍ୟାୟରେ ୨୮ଜଣ ଚାଷୀ,ତୃତୀୟ ପର୍ଯ୍ୟାୟରେ ୪୮ଜଣ ଚାଷୀ, ୪ର୍ଥ ପର୍ଯ୍ୟାୟରେ ୩୫ଜଣ ଚାଷୀ, ୫ମ ପର୍ଯ୍ୟାୟରେ ୪୧ଜଣ ଚାଷୀ ଓ ଷଷ୍ଠ ପର୍ଯ୍ୟାୟରେ ଆଜି ୩୫ଜଣ ଚାଷୀଙ୍କଠାରୁ ୧୨୦୦ କ୍ୱିଣ୍ଟାଲ ଧାନ କ୍ରୟ ସମିତି ପକ୍ଷରୁ କରାଯାଇଥିଲା । ମାଣିକାଗୋଡ଼ା ସେବା ସମବାୟ ସମିତି ଲିଃର ଚାଷୀମାନଙ୍କୁ ଉପଯୁକ୍ତ ଧାନର ପ୍ରାପ୍ୟ ୩୧୦୦ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ 'ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଧାନ କ୍ରୟ କରିବାକୁ ପ୍ରସ୍ତୁତ ଅଛୁ ବୋଲି ସଭାପତି ଗୋପାଳ ଚନ୍ଦ୍ର ପ୍ରଧାନ ପରାମର୍ଶ ଦେଇଥିଲେ । ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଟୋକନ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସମ୍ପାଦକ ବୀରଞ୍ଚି କୁମାର ପ୍ରଧାନ ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ରାଜସୁନାଖଳାସ୍ଥିତ ଶିବାନୀ ଫୁଡ୍ସ ଆଣ୍ଡ ରାଇସ ମିଲ ଆଣ୍ଡ କମ୍ପାନୀ ମାଣିକାଗୋଡ଼ା ସେବା ସମବାୟ ସମିତିରୁ ୩୫ଜଣ ଚାଷୀଙ୍କଠାରୁ ୧୨୦୦କ୍ୱିଣ୍ଟାଲ ଧାନ କ୍ରୟ କରିଥିଲେ ।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏ.ପି ତପସ୍ୟା କୃତକାର୍ଯ୍ୟ

ବାଲିଚନ୍ଦ୍ରପୁର,୧୧।୨ (ନିପ୍ର); ବଡଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ବାଲିଚନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଚଳିତ ବର୍ଷର ପଞ୍ଚମ ଶ୍ରେଣୀର ଛାତ୍ରୀ ଏ.ପି ତପସ୍ୟା ସାମଲ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ବଡଚଣା ବ୍ଲକ ଜଗନ୍ନାଥପୁର ଗ୍ରାମର ଆଶୁତୋଷ ସାମଲ ଓ ପ୍ରଣତୀ ନାୟକଙ୍କର ଏକମାତ୍ର ଝିଅ । ଏହି ସଫଳତା ପାଇଁ ବାପାମାଙ୍କ ସହିତ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦିଅନ୍ତି । ଏହି ସଫଳତାରେ ସ୍ଥାନୀୟ ଅଞ୍ଚଳରେ ଅଭିଭାବକ ଅଭିଭାବିକା ଶିକ୍ଷାନୁଷ୍ଠାନର ଶୁଭେଚ୍ଛୁଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି । ଅନୁଷ୍ଠାନର ଗୁରୁଜୀ ଗୁରୁମା ବୃତ୍ତି ଛାତ୍ରୀକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



## ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ସଚେତନତା ଶିବିର

ବ୍ରହ୍ମପୁର ,୧୧।୨(ନିପ୍ର) ସ୍ୱତନ୍ତ୍ର କୋଷାଗାର କାର୍ଯ୍ୟାଳୟ, ବ୍ରହ୍ମପୁର ଆନୁକୂଲ୍ୟରେ ଏମ.କେ.ସି.ଜି. ମେଡ଼ିକାଲ କଲେଜ କନଫେରେନ୍ସ ହଲ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ ହୋଇଯାଇଛି । ଏହି ଶିବିରରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଏନ ପି ଏସ ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱରରୁ ମନୋରଞ୍ଜନ ସାହୁ, ହିସାବ ଅଧିକାରୀ ଓ ଅରବିନ୍ଦ ସାହୁ, ହିସାବ ଅଧିକାରୀ ଉପସ୍ଥିତ ରହି ଏନ ପି ଏସ ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏନ ପି ଏସ ଖାତା ଖୋଲିବା, ଅଂଶଧନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ସ୍ପଷ୍ଟ ବ୍ୟାଖ୍ୟା ଦେଇଥିଲେ। ଶିବିରରେ ହରୀଶ ଚନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର କୋଷାଗାର ଅଧିକାରୀ, ଶ୍ରୀମତୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଅତିରିକ୍ତ କୋଷାଗାର ଅଧିକାରୀ, ଅଶାନ୍ତ କୁମାର ସ୍ୱାଇଁ, ହିସାବ ରକ୍ଷକ, ଟି ସୌଜନ୍ୟା ରାଓ, ବରିଷ୍ଠ ସହାୟକ,ପ୍ରକାଶ ଚନ୍ଦ୍ର କହଂର, ହିସାବ ରକ୍ଷକ, ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ହିସାବ ରକ୍ଷକବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ ଏନ ପି ଏସ ଅନ୍ତର୍ଗତକର୍ମଚାରୀମାନଙ୍କସହିତସ୍ୱତନ୍ତ୍ର କୋଷାଗାର କାର୍ଯ୍ୟାଳୟ, ବ୍ରହ୍ମପୁରର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀମାନେ ନିଜ-ନିଜ ଏନ ପି ଏସ ସମ୍ବନ୍ଧିତ ସମସ୍ୟା ଉପସ୍ଥାପନ କରିଥିବା ବେଳେ ହିସାବ ରକ୍ଷକ ଅଶାନ୍ତ କୁମାର ସ୍ୱାଇଁ ଓ ବରିଷ୍ଠ ସହାୟକ ଟିସୌଜନ୍ୟା ରାଓ ତଥା ନିର୍ଦ୍ଦେଶାଳୟରୁ ଆସିଥିବା ବିଶେଷଜ୍ଞମାନେ ସେଗୁଡ଼ିକର ସମାଧାନ ସମ୍ପର୍କରେ ଯଥାଯଥ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ହିସାବ ରକ୍ଷକ, ଅଶାନ୍ତ କୁମାର ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିର ଶେଷରେ ଏପରି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ମତ ପ୍ରକାଶ ପାଇଥିଲା।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ରାଜ୍ୟର ଦମ୍ପତି

ପାରଳାଖେମୁଣ୍ଡି,୧୧।୨ (ନିପ୍ର): ଗଜପତି ଜିଲ୍ଲାରୁ ୭୭ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନଗା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତ୍ତି ଶାରୀରିକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ।

## ମାନସିଂହ ସାହିତ୍ୟ ସଂସଦର ବସନ୍ତ ଆସର

କୃଷ୍ଣପ୍ରସାଦ,୧୧।୨ (ନିପ୍ର): ବସନ୍ତର ନୈସର୍ଗିକ ଅନୁଭବକୁ ସ୍ୱାଗତ କରିବାକୁ ଯାଇ ମାନସିଂହ ସାହିତ୍ୟ ସଂସଦ,ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମରେ ୬୨ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ରାଞ୍ଚିରୁ ବରିଷ୍ଠ କବି ତଥା ଅନୁବାଦକ ସଂଘମିତ୍ରା ରାଏଗୁରୁ ଯୋଗଦେଇ ଆଧୁନିକ କବିତାରେ ବସନ୍ତ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ମୁଖ୍ୟ ଉପଦେଷ୍ଟା ଡ଼ ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ପ୍ରାରମ୍ଭିକ ଭଜନ ପାଠ କରିଥିଲେ। ନୟାଗଡ଼ରୁ କବି ସସ୍ମିତା ବେହେରାଙ୍କ ଚମତ୍କାର ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର, ବିଜୟ ମିଶ୍ର, ଧୋବେଇ ବେହେରା,ଚିନ୍ମୟୀ ପ୍ରଧାନ, ସମୀର ନାୟକ,ସୁଶାନ୍ତ କୁମାର ଦଳେଇ,ବନ ବିହାରୀ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ଜେନା, ପ୍ରବୀଣା ଦାସ, ସମେତ ପ୍ରାୟ ୪୯ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆସନ୍ତା କବିତା ଆସର ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ହେବା ପାଇଁ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ହରିହର ଭେଟ ପାଇଁ ପ୍ରସ୍ତୁତି

ଭଦ୍ରକ,୧୧।୨ (ନିପ୍ର); ଭଦ୍ରକସ୍ଥ ଶ୍ରୀ ବାଳଗୋପାଳ ମନ୍ଦିର ପରିସରରେ 'ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ର ଏକ ବୈଠକ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ୍ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିପାଠ ପୂର୍ବକ ବାର୍ଷିକ ପ୍ରତିଷ୍ଠା ସମାରୋହର ଆୟବ୍ୟୟ ପାଠ କରାଯାଇ ଗୃହୀତ ହୋଇଥିଲା। ଏଥିରେ ଆସନ୍ତା ୧୫.୦୨.୨୦୨୬ ରିଖ ମହାଶିବରାତ୍ରୀ ଜାଗର ସମାରୋହରେ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀ ଶ୍ରୀଆଖଣ୍ଡଳମଣୀ ପୀଠରେ ପତ୍ର ସମିତି ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ହରିହରଙ୍କ ସ୍ତୁତୀ, ଭଜନ, କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟ ଏକ ପ୍ରସ୍ତାବରେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ଅନଲାଇନ ମାଧ୍ୟମରେ ବିକ୍ରି କରାଯାଉଥିବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବାରୁ ସମିତି ପକ୍ଷରୁ ଏହାକୁ ଘୋର ବିରୋଧ କରାଯିବା ସଂଗେ ସଂଗେ ଏ ସଂପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ସଭାପତି ଠାକୁର ରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ



ଦେବ ମହାରାଜ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହା ବ୍ୟତିତ ଶ୍ରୀମନ୍ଦିର ନିସିଦ୍ଧା ଅଞ୍ଚଳରେ ଡ୍ରୋନ ଉଡ଼ିବା, ମୋବାଇଲ ବ୍ୟବହାର କରା ନଯିବାକୁ ଦୃଢ଼ଦାବୀ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଆବାହକ ଶରତ କୁମାର କର, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ କାଳନ୍ଦିଚରଣ ପାଣିଗ୍ରାହୀ, ବାବୁଲାଲ ଦାସ ସମେତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ

ରାୟଗଡା,୧୧।୨ (ନିପ୍ର): ରାୟଗଡ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ରେ ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଭି ସରୋଜିନୀ ଦେବୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ବରାହୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୁମା ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ୍ତ କୁମାର ସୁବୁଦ୍ଧି , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ, ଏବଂ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜାରାମ ସମେତ ସ୍ୱାସ୍ଥ୍ୟ ବିଭାଗ ର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜାତୀୟ କୃମିନାଶକ ଦିବସ ବର୍ଷକୁ ଦୁଇଥର ଫେବୃଆରୀ ଓ ଅଗଷ୍ଟ ମାସରେ ପାଳନ ହୁଏ। ୧ ରୁ ୧୯ ବର୍ଷ ବୟସର ସମସ୍ତ ପିଲାମାନେ ଫେବୃଆରୀ ୧୦ ତାରିଖ ଦିନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କୃମିନଶକ ବଟିକା ଖାଆନ୍ତି ଏବଂ ଅଣ ପଞ୍ଜୀକୃତ ଏବଂ ବିଦ୍ୟାଳୟ ଯାଉ ନଥିବା ପିଲାମାନେ ଏବଂ ୨୦-୨୪ ବର୍ଷ ର ପ୍ରଜନନ କ୍ଷମ ମହିଳା ମାନେ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ କୃମି ବଟିକା ଖାଇବେ। ଯେଉଁ ପିଲାମାନେ କୌଣସି କାରଣ ବଶତଃ କୃମୀନାଶକ ଦିବସ ରେ ଏହି ବଟିକା ଖାଇପାରି ନ ଥାଆନ୍ତି, ସେମାନେ ଚଳିତ ମାସର ୧୭ ତାରିଖ ଦିନ ବା ମପ ଅପ୍ ଦିବସ ରେ ବଟିକା ସେବନ କରିବେ । ବିଦ୍ୟାଳୟ ଏବଂ ଅଙ୍ଗନବାଡିଭିତ୍ତିକ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ନିରାପଦ। ଏହି କାର୍ଯ୍ୟକ୍ରମ ଦ୍ୱାରା ଏହି ସ୍ୱାସ୍ଥ୍ୟ ସେବା ପ୍ରତି ପିଲାଙ୍କ ନିକଟରେ ପହଞ୍ଚିପାରୁଛି। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ହେବା ଦ୍ୱାରା ବିଦ୍ୟାଳୟରେ ଅନୁପସ୍ଥିତି ହ୍ରାସ ହେବା ସହିତ ଏହା ପିଲାମାନଙ୍କୁ ଏକ ସୁସ୍ଥ, ପୁଷ୍ଟିକର ପରିବେଶ ପ୍ରଦାନ କରିବାରେ ସହାୟକ ହେଉଛି। ପିଲାମାନଙ୍କୁ କୃମି ସଂକ୍ରମଣରୁ ରକ୍ଷା କରିବା ନିମନ୍ତେ ଆଲବେଣ୍ଡାଜୋଲ ବଟିକା ବେଶ ଲାଭଦାୟକ ହେଉଛି ଏବଂ ଏହା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବେଶ୍ ପ୍ରଭାବଶାଳୀ । ଆହୁରି ମଧ୍ୟ ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି ସେମାନେ ପୁଷ୍ଟି ହୀନତା ଓ ରକ୍ତ ହୀନତା ଯୋଗୁଁ ସର୍ବଦା କ୍ଳାନ୍ତ ଅନୁଭବ କରନ୍ତି, ଏବଂ ତାଙ୍କର ଶାରୀରିକ, ମାନସିକ, ଓ ବୌଧିକ ବିକାଶରେ ବାଧା ପ୍ରାପ୍ତ ହୋଇଥାଏ ।

## ରାୟଗଡ଼ା ଜିଲ୍ଲାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ

ରାୟଗଡ଼ା,୧୧।୨ (ନିପ୍ର): "ସ୍ମାର୍ଟ ଟେକ୍, ସୁରକ୍ଷିତ ଚୟନ – କୃତ୍ରିମ ବୁଦ୍ଧିମତାର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର" ଥିମ୍‌ରେ ରାୟଗଡ଼ା ଜିଲ୍ଲାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ-୨୦୨୬ ଉପଲକ୍ଷେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଆଇଟିଆଇ, ରାୟଗଡ଼ା ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ସଭାଗୁଡ଼ିକୁ ଗୁଣ ସେଖର ନେଥେଟି, ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (ଡିଆଇଓ), ଏନଆଇସି, ରାୟଗଡ଼ାଙ୍କ ନେତୃତ୍ୱରେ ଶ୍ରୀ ନବୀନ, ଏ.ଡି.ଆଇ.ଓ, ଏନଆଇସି, ରାୟଗଡ଼ା ଏବଂ ନରେନ୍ଦ୍ର ସସ୍ମଲ, ଜିଲ୍ଲା ସମନ୍ୱୟକ, ସିଏମଜିଆଇ, ରାୟଗଡ଼ା ସହଯୋଗ କରିଥିଲେ।

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଣ୍ଟରନେଟ୍‌ର ସୁବିଧା ଓ ଅସୁବିଧା, ସମ୍ଭାବ୍ୟ ସାଇବର ଆକ୍ରମଣ ଓ ଝୁମକି, ସାଧାରଣ ଅନଲାଇନ୍ ଠକେଇ, ସାଇବର ଠକେଇରୁ ସୁରକ୍ଷା, ମୋବାଇଲ୍ ଆପ୍ ସୁରକ୍ଷା, ସାଇବର ବୁଲିଂ, କୃତ୍ରିମ ବୁଦ୍ଧିମତାର ମୂଳ ଧାରଣା, ଏଆଇର ସୁରକ୍ଷିତ ବ୍ୟବହାର, ସୋସିଆଲ୍ ମିଡିଆ ସଚେତନତା, ସାଇବର ନୀତି ଏବଂ ଅନଲାଇନ୍ ସୁରକ୍ଷା ପାଇଁ ଉତ୍ତମ ପ୍ରଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୋଟ ୨୧୩ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## 'ରାଜନୀତି ସାମାଜିକ ସେବାର ଏକ ମାଧ୍ୟମ'

ବ୍ରହ୍ମପୁର, ୧୧/୨ (ନିପ୍ର): : ମହାନ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମଗ୍ର ଦେଶରେ ଏହାକୁ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ବକ୍ତା ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ତାଙ୍କ ସହ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟବକ୍ତା ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ପଥ ପ୍ରଦର୍ଶକ ହିସାବରେ ରହିଆସିଛନ୍ତି । ରାଜନୀତି କେବଳ କ୍ଷମତା ଦଖଲ କରିବା ନୁହେଁ ବରଂ ସାମାଜିକ ସେବାର ଏକ ମାଧ୍ୟମ ଏବଂ ସମାଜର ବିକାଶ କେବଳ ଶେଷ ଧାଡ଼ିର ମଣିଷର ଉତଥାନ ଦ୍ୱାରା ମାପ କରାଯିବା ଉଚିତ ବୋଲି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଥିଲେ । ଏକାତ୍ମମାନବ ଦର୍ଶନ ଭାରତକୁ ଦେଇଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅନ୍ତୋଦୟର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ ।

ତାଙ୍କର ବିଚାର ଏବଂ ଆଦର୍ଶକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ କଲ୍ୟାଣ ଯୋଜନା ସାରା ଦେଶରେ କାର୍ଯ୍ୟକାରୀ କରୁଛନ୍ତି । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଆମକୁ ଦେଶାନୁକୂଳ ଏବଂ ଯୁଗାନୁକୂଳ ବିଧିବ୍ୟବସ୍ଥା ରଚନା ପାଇଁ ମାର୍ଗ ଦର୍ଶନ କରିଯାଇଛନ୍ତି । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ ଦର୍ଶନକୁ ଅନୁସରଣ କରି ଭାରତୀୟ ଜନତା ପାର୍ଟି ଦେଶ ଗଠନ କାର୍ଯ୍ୟରେ ମନୋନିବେଶ କରିଛି । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ହେଉଛି ସବକା ସାଥ ସବକା ବିକାଶ ସବକା ପ୍ରୟାସ ସବକା ବିଶ୍ୱାସ ଓ ଏକ ଭାରତ ଶ୍ରେଷ୍ଠ ଭାରତ ଜ୍ୱଳନ୍ତ ଉଦାହରଣ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ । ଏହି ସମର୍ପଣ ଦିବସ କାର୍ଯ୍ୟକ୍ରମର ସଂଯୋଜକ ଭାବେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି,ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର,ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ ଦାୟୀତ୍ୱରେ ଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା କୁଞ୍ଜବିହାରୀ ପାଣିଗ୍ରାହୀ,ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ପାର୍ଥ ଦଳେଇ,ସୁରେଶ ପାଢ଼ୀ,ନାରାୟଣ ପଣ୍ଡା, ସୁନିଲ କୁମାର ସାହୁ,ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା,ସିଦ୍ଧାନ୍ତ ଗଙ୍ଗଦେବ,ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ,ମୀନା ଦ୍ୟାନସାମନ୍ତରା,ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡ୍ଡୀ,ବସନ୍ତ ବେହେରା,ସମ୍ପାଦିକା ତଥା କର୍ପୋରେଟର ସବିତା ସାହୁ,ବନିତା ସାହୁ,ସ୍ମିତାଲି ସ୍ମୃତି ସ୍ନିଗ୍ଧା ପାତ୍ର,ଅମୁଲ୍ୟ ଚୌଧୁରୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର,ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ନାୟକ,ଗୋପିନାଥ ପଣ୍ଡା, ରବିନ୍ଦ୍ର ସାହୁ,ରାମ ପ୍ରସାଦ ସାମଲ,ଶରତ ପଟ୍ଟନାୟକ,ସୂର୍ଯ୍ୟ ନାରାୟଣ ଦାସ,ଚଣ୍ଡୀ ଚରଣ ସାହୁ,ଶିବ ପାତ୍ର, ପ୍ରେମଶିଳା ନନ୍ଦ,ନିବେଦିତା ପାଢ଼ୀ,ଉଷାରାଣୀ ମହାପାତ୍ର,ମମତା ରଣା,ରୀତା ସେଠୀ,ସୁଶିଳା ମଲ୍ଲିକ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଲୋକସଭାରେ ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ

# ଆମେରିକାର ସର୍ତ୍ତ ଉପରେ ଚୁକ୍ତି ଲଜ୍ଜାଜନକ

ନୂଆଦିଲ୍ଲୀ,୧୧।୨: ଆଜି ବଜେଟ ଅଧିବେଶନର ଦଶମ ଦିନ। ଲୋକସଭା କାର୍ଯ୍ୟକାଳ ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭାଷଣ ଆରମ୍ଭ ହୋଇଛି। ରାହୁଲ କହିଛନ୍ତି, 'ବଜେଟରେ ଆଜିର ସମସ୍ୟା ବିଷୟରେ କୌଣସି ଆଲୋଚନା ହୋଇନି। ବଜେଟରେ ଏଆଇ ଏବଂ ଡାଟା ବିଷୟରେ କିଛି ନାହିଁ। ଆଜିର ସମୟରେ ଏଆଇ ଖୁବ୍ ଗୁରୁତ୍ୱପୂର୍ଣ୍ଣ।'ରାହୁଲ କହିଛନ୍ତି, ଆମେ ଯୁଦ୍ଧର ସମୟରେ ବଞ୍ଚୁଛୁ। ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି। ଚୀନ୍ ଆମେରିକାକୁ ଚ୍ୟାଲେଞ୍ଜ କରୁଛି। ବର୍ତ୍ତମାନର ଏହି ଯୁଗରେ ଶକ୍ତି ଏବଂ ଅର୍ଥ ଅସ୍ତ୍ର ପାଲଟିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ 'ଅପରେସନ୍ ସିନ୍ଦୁର' ମଧ୍ୟ ଚାଲିଛି। ବିଶ୍ୱରେ ଚାଲିଥିବା ସଂଘର୍ଷର ମୁକାବିଲା କରିବା ପାଇଁ ଆମ ବଜେଟରେ କିଛି ନାହିଁ। ଆମେରିକା ପାଇଁ ଭାରତୀୟ ଡାଟା ବହୁତ ଗୁରୁତ୍ୱପୂର୍ଣ୍ଣ। ଆମର ଜନସଂଖ୍ୟା ଏକ ବଡ଼ ଶକ୍ତି, କିନ୍ତୁ ଏହା କେବଳ ସେତେବେଳେ ଘଟିବ ଯଦି ଆପଣ ଏହାକୁ ବୁଝିପାରନ୍ତି। ଯଦି ଇଣ୍ଡିଆ ବ୍ଲକର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ଆଲୋଚନା କରୁଥାନ୍ତା, ତେବେ ଆମେ କହିଥାନ୍ତୁ ଯେ ଏହି ଚୁକ୍ତିରେ ଭାରତୀୟ ଡାଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।' ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ରାହୁଲ କହିଛନ୍ତି, ଟ୍ରେଡ୍ ଡିଲ୍ ବା 'ବାଣିଜ୍ୟ ଚୁକ୍ତି' ମାଧ୍ୟମରେ ସରକାର ଗରିବ ଚାଷୀମାନଙ୍କୁ ଚାପି ଦେବାର ରାସ୍ତା ଖୋଲି ଦେଇଛନ୍ତି। ଦେଶର କୌଣସି ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ କରିନାହାଁନ୍ତି। ଆମର ଚାଷୀ ପ୍ରଥମ ଥର ପାଇଁ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଆମେରିକାର ଆମଦାନୀ ୪୬ ବିଲିୟନ ଡଲାରରୁ ବୃଦ୍ଧି ପାଇଁ୧୪୬ ବିଲିୟନ ଡଲାରକୁ ବୃଦ୍ଧି ପାଇବ।



ଭାରତ ଉପରେ ଟାରିଫ୍ ୩%ରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି, ଏବଂ ସେମାନଙ୍କର ଶୁଳ୍କ ୧୬ ପ୍ରତିଶତରୁ ଶୂନ୍ୟକୁ ହ୍ରାସ ପାଇଛି।' ତେବେ ରାହୁଲ କହିଛନ୍ତି, ମୁଁ କହୁଛି ଯେ ଆପଣ ଦେଶକୁ ବିକ୍ରି କରିଦେଇଛନ୍ତି। ଭାରତକୁ ବିକ୍ରି କରିବାରେ ଆପଣଙ୍କୁ ଲଜ୍ଜା ଲାଗୁନାହିଁ କି? ଆପଣ ଆମର ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି। ମୁଁ ଆର୍ଥିକ ସର୍ବେକ୍ଷଣକୁ ଦେଖିଥିଲି ଓ ମୋତେ ଦୁଇଟି କଥା ଦେଖିବାକୁ ମିଳିଛି। ପ୍ରଥମ କଥା ଏଭଳି ଏକ ଦୁନିଆରେ ରହିବା,ଯେଉଁଠି ଭୂ-ରାଜନୈତିକ ସଂଘର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆମେରିକାର ପ୍ରାଧାନ୍ୟକୁ ଚୀନ୍, ରୁଷ ଏବଂ ଅନ୍ୟାନ୍ୟ ଶକ୍ତି ଦ୍ୱାରା ଚ୍ୟାଲେଞ୍ଜ କରାଯାଉଛି। ଏହା ବ୍ୟତୀତ, ଏକ ଗମ୍ଭୀର କଥା ହେଉଛି ଯେ ଆମେ ଶକ୍ତି ଏବଂ ଅର୍ଥର ଅସ୍ତ୍ରୀକରଣର ଦୁନିଆରେ ରହୁଛୁ। ପ୍ରଧାନମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା କିଛି ସମୟ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଥିଲେ, ଯୁଦ୍ଧର ଯୁଗ ଶେଷ ହୋଇଛି। ପ୍ରକୃତରେ, ଆମେ ଯୁଦ୍ଧର ଯୁଗରେ ପ୍ରବେଶ କରୁଛୁ। ଆପଣ ଦେଖିପାରିବେ ଯେ ୟୁକ୍ରେନରେ ଯୁଦ୍ଧ ଚାଲିଛି, ଗାଜାରେ ଯୁଦ୍ଧ ଚାଲିଛି, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଛି ଏବଂ ଇରାନରେ ଯୁଦ୍ଧର ବିପଦ ଅଛି। ମୁଁ ସରକାରଙ୍କୁ ଏଆଇର ପରିଣାମ ବିଷୟରେ ଚେତାବନୀ ଦେବାକୁ ଚାହୁଁଛି। ସଫ୍ଟୱେର୍ ଇଞ୍ଜିନିୟର ହେବାର ଭାରତରେ ଯେଉଁ ଲୋକପ୍ରିୟତା ରହିଛି,ତାକୁ ଚ୍ୟାଲେଞ୍ଜ ମିଳିବାକୁ ଯାଉଛି। ଯେତେବେଳେ ଆପଣ ଏକ ବିପଜ୍ଜନକ ଦୁନିଆରେ ପ୍ରବେଶ କରନ୍ତି, ପ୍ରଥମେ ଆପଣଙ୍କୁ ବୁଝିବାକୁ ପଡିବ ଯେ ଏକ ବ୍ୟକ୍ତି ଏବଂ ଏକ ରାଷ୍ଟ୍ର ଭାବରେ ଆପଣଙ୍କର ଶକ୍ତି କ'ଣ ।

## ଭିତ୍ତିହୀନ ବୟାନ ପାଇଁ ରାହୁଲଙ୍କ ବିରୋଧରେ ନୋଟିସ ଆଗତ କରାଯିବ: କିରନ ରିଜିଜୁ



ନୂଆଦିଲ୍ଲୀ,୧୧।୨: ଭିତ୍ତିହୀନ ବୟାନ ଦେବା ପାଇଁ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଶେଷାଧିକାର ନୋଟିସ ଆଗତ କରାଯିବ । ଏନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବୁଧବାର କହିଛନ୍ତି ଯେ, ସରକାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଗୃହକୁ ବିଭ୍ରାନ୍ତ କରିବା ଏବଂ ଭିତ୍ତିହୀନ ଅଭିଯୋଗ ଆଣିବା ପାଇଁ ଏକ ବିଶେଷାଧିକାର ନୋଟିସ ଆଗତ କରାଯିବ । ଆମେରିକା ସହିତ ସଦ୍ୟ ଚୂଡାନ୍ତ ବାଣିଜ୍ୟ ଚୁକ୍ତିକୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିବା ପରେ ଏହା ଆସିଛି । ବଜେଟ ଆଲୋଚନା ସମୟରେ ରାହୁଲ ଗାନ୍ଧୀଙ୍କ ଭାଷଣକୁ ଉଲ୍ଲେଖ କରି , ଆମେ ଗୃହକୁ ବିଭ୍ରାନ୍ତ ରଖିବା ଏବଂ ଭିତ୍ତିହୀନ ବୟାନ ଦେବା ପାଇଁ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଏକ ବିଶେଷାଧିକାର ନୋଟିସ ଦାଖଲ କରିବାକୁ ଯାଉଛୁ । ଯେତେବେଳେ ଜଣେ ସଦସ୍ୟ ଅନ୍ୟ ଜଣେ ସଦସ୍ୟଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିବାକୁ ଚାହାଁନ୍ତି , ସେତେବେଳ ଆପଣଙ୍କୁ ନୋଟିସ ଦେବାକୁ ପଡିବ । ଏବଂ ଅଭିଯୋଗକୁ ପ୍ରମାଣିତ କରିବାକୁ ପଡିବ । ରିଜିଜୁ ଆହୁରି କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ଗୃହର ମହଲାକୁ ଆସି ତାଙ୍କ ଭାଷଣ ସମୟରେ କରାଯାଇଥିବା ଦାବିଗୁଡିକ ପ୍ରମାଣିତ କରନ୍ତୁ । ରାହୁଲ ଗାନ୍ଧୀ ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଅବାର୍ଥ ଏବଂ ମିଥ୍ୟା ଅଭିଯୋଗ ଆଣିଛନ୍ତି । ସେ ଦାବି କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଭାରତ ଏବଂ ଭାରତୀୟ ସ୍ୱାର୍ଥକୁ ବିକ୍ରି କରିଛନ୍ତି । ରିଜିଜୁ ଆହୁରି କହିଛନ୍ତି, କଂଗ୍ରେସ ନେତା ପ୍ରମାଣ, ଯୁକ୍ତି କିମ୍ବା ପ୍ରକ୍ରିୟାଗତ ନୋଟିସ ବିନା ଅଭିଯୋଗ ଆଣିଛନ୍ତି ।

## ଦୁଇ ବର୍ଷରେ ୨୧୪ ଲକ୍ଷ କୋଟିକୁ ଛୁଇଁବ ଭାରତର ଋଣ

ନୂଆଦିଲ୍ଲୀ,୧୧।୨: ନିକଟରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଦେଶର ଆର୍ଥିକ ସ୍ଥିତି ଓ ଋଣ ଭାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ମୋଟ ଦେଣଦେଣ ପରିମାଣ ପ୍ରାୟ ୧୭.୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇବାକୁ ଯାଉଛି। ଯଦି ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟର ଋଣକୁ ମିଶାଯାଏ, ତେବେ ଏହା ଜିଡିପିର ପ୍ରାୟ ୮୨% ହେବ। ରିପୋର୍ଟ ଅନୁଯାୟୀ ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ଭାରତର ମୋଟ ଆନୁମାନିକ ଋଣ ୨୧୪,୮୨,୦୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହି ସମୟରେ ଆଭ୍ୟନ୍ତରୀଣ ଋଣ ପ୍ରାୟ ୨୦୭.୭ ଲକ୍ଷ କୋଟି ଟଙ୍କା ଏବଂ ବୈଦେଶିକ ଋଣ ପ୍ରାୟ ୭.୧୧ ଲକ୍ଷ କୋଟି ଟଙ୍କା ରହିବ। ସରକାରଙ୍କ ମୋଟ ଋଣର ସିଂହଭାଗ ହେଉଛି ଆଭ୍ୟନ୍ତରୀଣ, ଯାହା ବଣ୍ଡ୍ ଏବଂ ଟ୍ରେଜେରୀ ବିଲ୍ ମାଧ୍ୟମରେ ଘରୋଇ ବଜାରରୁ ସଂଗ୍ରହ କରାଯାଇଥାଏ। ତେବେ ଋଣର ପରିମାଣ ଅଧିକ ଜଣାପଡୁଥିଲେ ମଧ୍ୟ ଜିଡିପି ତୁଳନାରେ ଏଥିରେ ସାମାନ୍ୟ ସୁଧାର ଆସିଛି। ଋଣ-ଜିଡିପି ଅନୁପାତ ୨୦୨୬-୨୭ ବର୍ଷ ପାଇଁ ଏହା ୫୫.୬% ରହିବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ (୫୬.୧%) ତୁଳନାରେ କମ୍। ସରକାର ୨୦୩୦ ସୁଦ୍ଧା ଏହି ଅନୁପାତକୁ ୫୦%କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅର୍ଥନୀତିଜ୍ଞଙ୍କ ମତରେ ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଋଣ ଏକ ଅପରିହାର୍ଯ୍ୟ ସାଧନ। ହାଇୱେ, ରେଳପଥ, ବନ୍ଦର, ଡିଜିଟାଲ୍ ଭିତ୍ତିଭୂମି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ବଡ଼ ଧରଣର ପୁଞ୍ଜି ନିବେଶ ପାଇଁ ଏହି ଋଣ ବ୍ୟବହାର କରାଯାଉଛି, ଯାହା ଭବିଷ୍ୟତରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

## 'ଅପରେସନ୍ ସିନ୍ଦୂରର ହିରୋ ଥିଲା ରାଫେଲ୍'



ନୂଆଦିଲ୍ଲୀ,୧୧।୨: ଅପରେସନ୍ ସିନ୍ଦୂର ସମୟରେ ସାରା ବିଶ୍ୱ ଦେଖିଛି ଭାରତର ଶକ୍ତି। ଭାରତ ପ୍ରମାଣ କରି ଦେଖାଇଛି ଯେ ସେ ତାର ଶତ୍ରୁକୁ ବିନାଶ କରିବା ପାଇଁ ଶତ୍ରୁର ଘରେ ପଶିକି ବି ଆକ୍ରମଣ କରିପାରେ। ଅପରେସନ୍ ସିନ୍ଦୂରରେ ପାକିସ୍ତାନ ସୀମା ଭିତରେ ଥିବା ଅନେକ ଆତଙ୍କୀ ଆଡ୍ଡାକୁ ନଷ୍ଟ କରିବା ସହ, ଶହ ଶହ ଆତଙ୍କୀଙ୍କୁ ନିପାତ କରିଥିଲା ଭାରତୀୟ ବାୟୁସେନା, ଯାଗାକୁ ନେଇ ଏବେ ବିଶ୍ୱବ୍ୟାପି ପ୍ରଶଂସା କରାଯାଉଛି। ଏକ ପ୍ରେସ୍ କନଫରେନ୍ସରେ, ଭାରତୀୟ ବାୟୁସେନାର ଉପାଧ୍ୟକ୍ଷ ଏୟାର ମାର୍ଶାଲ ନାଗେଶ କପୁର ଏହି ଅପରେସନର ହିରୋମାନଙ୍କ ବିଷୟରେ କହିଥିଲେ। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, 'ରାଫେଲ ଅପରେସନ ସିନ୍ଦୂରର ହିରୋ ଥିଲେ।' ନାଗେଶ କପୁରଙ୍କ ଏହି ବୟାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ପାକିସ୍ତାନ ବାରମ୍ବାର ଭାରତର ରାଫେଲକୁ ଖସାଇ ଦେଇଥିବା ଦାବି କରିଛି, ଯାହାକି ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ପ୍ରେସ୍ ବ୍ରିଫରେ ଏହା ମଧ୍ୟ କୁହାଯାଇଛି ଯେ ଭାରତୀୟ ବାୟୁସେନା ୨୭ ଫେବୃଆରୀ, ୨୦୨୬ରେ ରାଜସ୍ଥାନର ପୋଖରାନ ଫାୟାରିଂ ରେଞ୍ଜରେ ମେଗା ଏକ୍ସରସାଇଜ୍ ବାୟୁ ଶକ୍ତି ୨୦୨୬ ପରିଚାଳନା କରିବ। ଏହି ଯୁଦ୍ଧାଭ୍ୟାସର ଲକ୍ଷ୍ୟ ହେଉଛି ଦେଶକୁ ବାୟୁସେନାର ଶକ୍ତି ପ୍ରଦର୍ଶନ କରିବା, ଯୁଦ୍ଧ ପ୍ରସ୍ତୁତି ପ୍ରଦର୍ଶନ କରିବା ଓ ଯୁବପିଢ଼ିଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ପ୍ରେରଣା ଦେବା। ଏହି ଯୁଦ୍ଧାଅଭ୍ୟାସ ସମୟରେ ରାଫେଲ ଓ ତେଜସ ଅଂଶଗ୍ରହଣ କରିବେ ଏବଂ ଅପରେସନ ସିନ୍ଦୂରରେ ବାୟୁସେନାର ସଫଳ ଭୂମିକା ପ୍ରଦର୍ଶନ କରିବେ। ବାୟୁସେନାର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ବିମାନ, ହେଲିକପ୍ଟର ଏବଂ ପରିବହନ ବିମାନ ସମେତ ୧୨୦ ରୁ ଅଧିକ ବିମାନ ଏହି ଅଭ୍ୟାସରେ ଅଂଶଗ୍ରହଣ କରିବେ।

## ମର୍ମନ୍ତୁଦ ଦୁର୍ଘଟଣା: ୬ ମୃତ

ଜୟପୁର,୧୧।୨: ରାଜସ୍ଥାନର ଦୈସାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣ ବନ୍ଧୁଙ୍କର ମୃତ୍ୟୁ ହୋଇଛି। ଏକ ବିବାହ ଉତ୍ସବରୁ ଫେରୁଥିବାବେଳେ ଏମାନେ ଦୁର୍ଘଟଣାର ଶିକାର ହୋଇଥିଲେ। କାରଟି ଦ୍ରୁତ ଗତିରେ ଆସୁଥିବା ସମୟରେ ଜୟପୁର-ଆଗ୍ରା ଜାତୀୟ ରାଜପଥ ନିକଟରେ ନିୟନ୍ତ୍ରଣ ହରାଇ ଡିଭାଇଡର ଡେଇଁ ଅନ୍ୟ ଲେନ୍ (ଧାଡ଼ି)ରେ ଆସୁଥିବା ଟ୍ରେଲରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ, କାରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଦୁର୍ଘଟଣା ଖବର ପାଇ ସିକନ୍ଦରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। କ୍ରେନ୍ ସାହାଯ୍ୟରେ ଟ୍ରେଲରଠାରୁ କାରକୁ ଅଲଗା କରାଯାଥିଲା। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ସିକନ୍ଦରା ହସ୍ପିଟାଲରେ ଡାକ୍ତର ଚାରି ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ବିନାଶ ଚେତାବନୀ ଦେଲା ଚୀନ୍

# ସୀମାରେ ଆମେରିକା କ୍ଷେପଣାସ୍ତ୍ର ମୁତୟନ କଲା ତାଇୱାନ



ନୂଆଦିଲ୍ଲୀ,୧୧।୨: ତାଇୱାନ ଓ ଚୀନ୍ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି। କାରଣ ତାଇୱାନ ନିଜର ସୁରକ୍ଷା ପାଇଁ ଆମେରିକାରୁ ପ୍ରାପ୍ତ ଘାତକ କ୍ଷେପଣାସ୍ତ୍ର ନିୟୋଜିତ କରିଛି। ଏହି ପଦକ୍ଷେପରେ କ୍ରୋଧିତ ହୋଇ ଚୀନ୍ ସିଧାସଳଖ ତାଇୱାନକୁ ବିନାଶ ଚେତାବନୀ ଦେଇଛି ଓ ଏଭଳି କାର୍ଯ୍ୟ ଚୀନର ସାର୍ବଭୌମତ୍ୱ ପ୍ରତି ଏକ ବଡ଼ ବିପଦ ବୋଲି କହିଛି। ବେଜିଂର ଯେକୌଣସି ସମ୍ଭାବ୍ୟ ଆକ୍ରମଣର କଡ଼ା ଜବାବ ଦେବାକୁ ତାଇୱାନ ନିରନ୍ତର ନିଜର ସାମରିକ ଶକ୍ତି ବୃଦ୍ଧି କରୁଛି। ଦୁଇ ଦେଶ ମଧ୍ୟରେ ଏହି ବଢୁଥିବା ସାମରିକ ସ୍ଥିତି ଆଗାମୀ ସମୟରେ ଏକ ବଡ଼ ବିଶ୍ୱ ସଂଘର୍ଷ ଆଡ଼କୁ ଇଙ୍ଗିତ କରୁଛି। ଚୀନ୍ ସାମରିକ ମୁଖପାତ୍ର ଜିଆଙ୍ଗ୍ ବିନ୍ ସ୍ପଷ୍ଟ ଭାବରେ କହିଛନ୍ତି, ତାଇୱାନର ସ୍ୱାଧୀନତା ପାଇଁ ଯେକୌଣସି ପ୍ରୟାସ ଅତ୍ୟନ୍ତ ବିପଜ୍ଜନକ ପରିଣାମ ଆଣିବ। ସେ ସ୍ପଷ୍ଟ କରିଛନ୍ତି, ମୁଖ୍ୟଭୂମି ଚୀନ୍ ଉପରେ ଆକ୍ରମଣ କରିବା ପାଇଁ ଆମେରିକୀୟ ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଏକ ବୋକାମି ଓ ଅତ୍ୟଧିକ ଆତ୍ମବିଶ୍ୱାସୀ ଚିନ୍ତାଧାରା। ଚୀନ୍ ଚେତାବନୀ ଦେଇଛି, ଯଦି ଯୁଦ୍ଧ ହୁଏ, ତେବେ ତାଇୱାନର ବିନାଶ ହେବ। ତାଇୱାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ। ତାଇୱାନ ୧୧.୧ ବିଲିୟନ ଡଲାର ମୂଲ୍ୟର ଏକ ମେଗା ଡିଲ୍ ଅନ୍ତର୍ଗତ ଆମେରିକାଠାରୁ ୮୨ଟି ୧୪୨ ହିମାର୍ସ ଲଞ୍ଚର୍ ତଥା ୪୨୦ଟି ଆଟାକମ୍ସ ମିସାଇଲ୍ ଅର୍ଡର କରିଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ରହିଛି। ଏହି ମିସାଇଲଗୁଡ଼ିକ ସହଜରେ ଚୀନର ଉପକୂଳବର୍ତ୍ତୀ ନୌସେନା ଘାଟିଗୁଡ଼ିକୁ ଟାର୍ଗେଟ କରିପାରିବ। ପେଙ୍ଗୁ ଓ ଡୋଙ୍ଗିନ୍ ଭଳି ଦ୍ୱୀପପୁଞ୍ଜରେ ମିସାଇଲ୍ ନିୟୋଜିତ ହେବା ଦ୍ୱାରା ଫୁଜିଆନ୍ ଓ ଝେଜିୟାଙ୍ଗ ପ୍ରଦେଶରେ ଥିବା ଚୀନ୍ର ବାୟୁସେନା ଘାଟି ତାଇୱାନର ଲକ୍ଷ୍ୟଭେଦ କ୍ଷମତା ପରିସର ମଧ୍ୟରେ ରହିବ। ହିମାର୍ସ ସିଷ୍ଟମ ଏହାର ସୁଟ୍-ଏଣ୍ଡ-ସ୍କୁଟ୍ ପ୍ରଯୁକ୍ତିବିଦ୍ୟା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଯାହା ଆକ୍ରମଣ ପରେ ଲଞ୍ଚରକୁ ଶୀଘ୍ର ପୁନଃସ୍ଥାପନ କରିବାକୁ ଅନୁମତି ଦେଇଥାଏ। ଲକହିଡ୍ ମାର୍ଟିନ୍ ଦ୍ୱାରା ବିକଶିତ, ଏହି ସିଷ୍ଟମରେ ତିନି ଜଣିଆ କ୍ରୁ ଆବଶ୍ୟକ। ଯାହା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତ୍ୟନ୍ତ ଗତିଶୀଳ କରିଥାଏ।

## ବେଲୁଚିସ୍ତାନର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ


# ପାକିସ୍ତାନ ପାଖରେ ଅଛି କେବଳ ଗୋଟିଏ ରାସ୍ତା

ନୂଆଦିଲ୍ଲୀ,୧୧।୨: ପାକିସ୍ତାନ ସରକାର ଓ ସେନା ବେଲୁଚିସ୍ତାନରେ ଚାଲିଥିବା ସଶସ୍ତ୍ର ବିଦ୍ରୋହ ଉପରେ ସବୁଦିନ ଅଦ୍ଭୁତ ବୟାନ ଦେବାରେ ଲାଗିଛି। ତାକୁ ଭାରତ ସହ ମଧ୍ୟ ଯୋଡୁଛି, କିନ୍ତୁ ବଲୁଚିସ୍ତାନ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବେଲୁଚିସ୍ତାନର ନ୍ୟାସନାଲିଷ୍ଟ ପାର୍ଟି(ବିଏନପି) ମୁଖ୍ୟ ସର୍ଦ୍ଦାର ଅଖତର ମେଙ୍ଗଲ ଗତ ସୋମବାର କହିଥିଲେ ବଲୁଚିସ୍ତାନରେ ରକ୍ତାକ୍ତ ସଂଘର୍ଷ ରୋକିବା ପାଇଁ ଏବେ କେବଳ ଗୋଟିଏ ବିକଳ୍ପ ରହିଛି। ବଲୁଚିସ୍ତାନର ସ୍ୱାଧୀନତା ଓ ସବୁ କିଛି ହାତରୁ ଖସି ସାରିଛି। ବଲୁଚିସ୍ତାନ ଓ ପାକିସ୍ତାନ ଏକାଠି ରହିପାରିବେନି। ଜଣେ ପଡୋଶୀ ଭାବରେ ଶାନ୍ତ ରହିବା ଜରୁରୀ।' ୯



ଫେବୃଆରୀରେ ଲାହୋରରେ ଆୟୋଜିତ ଆସମା ଜାହାଙ୍ଗୀର କନଫେନ୍ସରେ ଅଖତର ମେଙ୍ଗଲ କହିଛନ୍ତି, ବେଲୁଚିସ୍ତାନର ପାକିସ୍ତାନରେ ବିଲୟ ବେଳେ ମହମ୍ମଦ ଅଲ୍ଲୀ ଜିନ୍ନା ବେଲୁଚିସ୍ତାନ ଜନତାଙ୍କୁ ବିଭିନ୍ନ ପ୍ରତିଶୃତି ଦେଇଥିଲେ। ହେଲେ ୭୦ ବର୍ଷ ପରେ ସେହି ପ୍ରତିଶୃତି ପାଳନ ହେଲାନି। ବରଂ ଲୋକଙ୍କୁ ଘରୁ ଉଠାଇ ନେଇ ମାରି ଦିଆଗଲା। ୩୧ ଜାନୁଆରୀରେ ଯେତେବେଳେ ବଲୁଚ ଯୋଦ୍ଧା ଏକାଠି ବଲୁଚିସ୍ତାନର ବହୁ ସହରରେ ଥିବା ସେନା ଆଡ୍ଡାକୁ ଟାର୍ଗେଟ କରିଥିଲେ,ସାଧାରଣ ଲୋକ ଘରୁ ବାହାରି ସେଲଫି ନେଇଥିଲେ। ମହିଳାମାନେ ପୁରୁଣା କପଡାରେ ପୁରାଇ ତାଙ୍କୁ ଖାଦ୍ୟ ଦେଇଥିଲେ। କାରଣ ବଲୁଚିସ୍ତାନର ଜନତାଙ୍କୁ ଲାଗୁଛି ବଲୁଚ ଯୋଦ୍ଧା ତାଙ୍କୁ ଅତ୍ୟାଚାରରୁ ବଞ୍ଚାଇ ପାରିବେ। ଯେତେବେଳେ କି ପାକିସ୍ତାନୀ ସେନା ଯାଆନ୍ତି ଲୋକେ ତାଙ୍କୁ ଦେଖି ଲୁଚି ଯାଆନ୍ତି। ବଲୁଚିସ୍ତାନରେ ରକ୍ତପାତ ରୋକିବା ପାଇଁ ବର୍ତ୍ତମାନ ସମାନ ନୀତି ଗ୍ରହଣ କରିବାକୁ ପଡିବ।

## ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼, ୩୪ ମୃତ



ଥାଇଲ୍ୟାଣ୍ଡ,୧୧।୨: ଥାଇଲ୍ୟାଣ୍ଡର ସୋଙ୍ଗଖଲାରେ ଜଣେ ବନ୍ଧୁକଧାରୀ ଯୁବକର ନାରକୀୟ କାଣ୍ଡ ଦେଖିବାକୁ ମିଳିଛି। ଏକ ସ୍କୁଲରେ ପଶି ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୪ ଜଣଙ୍କ ଜୀବନ ଚାଲିଯାଇଛି। ସ୍ଥାନୀୟ ଗଣମାଧମ ଅନୁଯାୟୀ, ଜଣେ ୧୮ ବର୍ଷୀୟ ଯୁବକ ଏକ 'ଏମ୍-୪' ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲେ। ପୁଲିସ ଏବେ ଘଟଣାର ତଦନ୍ତ କରୁଛି। ସ୍କୁଲକୁ ସିଲ୍ କରାଯିବା ସହ ସେହି ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଉକ୍ତ ଯୁବକର ଭଉଣୀ ସେହି ସ୍କୁଲରେ ପଢୁଥିଲେ। ବନ୍ଧୁକ ଧରି ସଶସ୍ତ୍ର ଯୁବକ ଜଣକ ସେହି ଶିକ୍ଷକଙ୍କୁ ଖୋଜୁଥିଲା ଯିଏ କିଛି ଦିନ ପୂର୍ବରୁ ତାଙ୍କ ଭଉଣୀଙ୍କୁ ପାଠ ପଢ଼ାକୁ ନେଇ ମାଡ଼ ମାରିଥିଲେ। ଭଉଣୀକୁ ମାଡ଼ ମରା ଘଟଣା ନେଇ ଯୁବତ ଜଣକ ଏପରି କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେପଟେ, ଗୁଳିକାଣ୍ଡ ପରେ ଆକ୍ରମଣକାରୀ ଅନେକ ପିଲା ଓ ଶିକ୍ଷକଙ୍କୁ ବନ୍ଧକ କରିନେଇଛି। ସ୍କୁଲ ଭିତରେ ଏବେ ବି ଅନେକ ଛାତ୍ର ଫସି ରହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱତନ୍ତ୍ର ବାହିନୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସମଗ୍ର ସ୍କୁଲକୁ ଘେରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ଆକ୍ରମଣକାରୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତଦନ୍ତ କରୁଛି, ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

## ସ୍କୁଲରେ ଗୁଳିକାଣ୍ଡ: ୧୦ ଜଣଙ୍କ ମୃତ୍ୟୁ

ଟମ୍ବଲର ରିଜ୍ (ବ୍ରିଟିଶ କଲମ୍ବିଆ), ୧୧।୨:କାନାଡାରେ ବ୍ରିଟିଶ କଲମ୍ବିଆର ଟମ୍ବଲର ରିଜ୍ ଏକ ମାଧ୍ୟମିକ ସ୍କୁଲରେ ଗୁଳିକାଣ୍ଡରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ଏକ ଘରୁ ଦୁଇ ଜଣଙ୍କ ମୃତଦେହ ମଧ୍ୟ ମିଳିଛି। ସେମାନେ ଗୁଳିକାଣ୍ଡ ସହିତ ଜଡିତ ବୋଲି ବିଶ୍ୱାସ କରାଯାଉଛି। ରୟାଲ୍ କାନାଡିଆନ୍ ମାଉଣ୍ଟେଡ୍ ପୋଲିସ (ଆରସିଏମପି) ମଙ୍ଗଳବାର ଏହା ଘୋଷଣା କରିଛି ।କାନାଡିଆନ୍ ପ୍ରେସ୍ ଅନୁଯାୟୀ, ଆରସିଏମପି କହିଛି ଯେ ଗୁଳିକାଣ୍ଡରେ ୨୫ ରୁ ଅଧିକ ଲୋକ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ ଆଘାତ ଲାଗିଛି। ପୋଲିସ ଅପରାହ୍ନ ୧:୨୦ ସମୟରେ ଗୁଳିକାଣ୍ଡର ରିପୋର୍ଟ ପାଇଥିଲା। ପହଞ୍ଚିବା ପରେ, ସେମାନେ ସ୍କୁଲ ଭିତରେ ଛଅ ଜଣ ଏବଂ ସନ୍ଦିଗ୍ଧ ଗୁଳିଚାଳକଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ଗୁରୁତର ଆହତ ଦୁଇଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଆହତମାନଙ୍କ ମଧ୍ୟରୁ ଜଣଙ୍କର ହସ୍ପିଟାଲକୁ ଯିବା ବାଟରେ ମୃତ୍ୟୁ ହୋଇଥିଲା।

## ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ପର୍ଦ୍ଦାଫାସ

# ଶେଷ ମୁହୂର୍ତ୍ତରେ ବଦଳିଥିଲେ ପାଇଲଟ୍


ମୁମ୍ବାଇ,୧୧।୨: ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ନେତା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ, ପରିବାର ସଦସ୍ୟମାନେ ଏବେ ଷଡ଼ଯନ୍ତ୍ରର ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଅଜିତ ପାୱାରଙ୍କ ପୁତୁରା ତଥା ଏନସିପି ଶରଦ ପାୱାର ଗୋଷ୍ଠୀ ବିଧାୟକ ରୋହିତ ପାୱାର ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୁର୍ଘଟଣାକୁ ଏକ ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ ମୁଖ୍ୟ ପାଇଲଟ୍ କ୍ୟାପଟେନ୍ ସୁମିତ କପୁରଙ୍କ ଭୂମିକାକୁ ବିଶେଷ ସନ୍ଦେହଜନକ ବୋଲି କହିଛନ୍ତି। ଜାନୁଆରି ୨୮ ତାରିଖରେ, ବାରାମତି ବିମାନବନ୍ଦର ନିକଟରେ ଲିଅରଜେଟ୍-୪୫ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ପାଇଲଟ୍ ସୁମିତ କପୁର, କୋ-ପାଇଲଟ୍ ଶାମ୍ଭବୀ ପାଠକ, ପିଏସ୍ଓ ବିଦୀପ ଜାଧବ ଓ ବିମାନ ପରିଚାରିକା ପିଙ୍କି ମାଲି ଥିଲେ। ପ୍ରାରମ୍ଭିକ ତଦନ୍ତରେ ଖରାପ ପାଗ ଓ ଅବତରଣ ତ୍ରୁଟିକୁ ଏହି ଘଟଣା ପାଇଁ ଦାୟୀ କରାଯାଇଥିଲା। କିନ୍ତୁ ରୋହିତ ପାୱାର ମଙ୍ଗଳବାର ଦିନ ମୁମ୍ବାଇରେ ଓ ବୁଧବାର ଦିନ ଦିଲ୍ଲୀରେ ପୁଣିଥରେ ସାମ୍ବାଦିକ ସମ୍ମିଳନୀରେ ଅନେକ ପ୍ରଶ୍ନ ଉଠାଇଛନ୍ତି।



ଭାବପ୍ରବଣ ହୋଇ ପାୱାର କହିଛନ୍ତି, ମୋର କାକା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ବିଷୟରେ ଲୋକଙ୍କର ସନ୍ଦେହ ଅଛି। ମୋର ମଧ୍ୟ ସନ୍ଦେହ ଅଛି। ମୁଁ ମୋର ସୂତ୍ର ମାଧ୍ୟମରେ ସୂଚନା ସଂଗ୍ରହ କରିବାରେ ୧୩ ଦିନ ବିତାଇଛି। ଆମେ ଏହି ପ୍ରସଙ୍ଗ ବିଷୟରେ ବହୁତ ଭାବପ୍ରବଣ। ଆମେ ଜଣେ ପରିବାର ସଦସ୍ୟଙ୍କୁ ହରାଇଛୁ। ସେ ଜୋର୍ ଦେଇ କହିଛନ୍ତି, ମୋର ପ୍ରମୁଖ ଆପତ୍ତି ମୁଖ୍ୟ ପାଇଲଟ୍ କପୁରଙ୍କ ପ୍ରତି ରହିଛି। ରୋହିତ ଦାବି କରିଛନ୍ତି ଯେ, ପାଇଲଟ୍ଙ୍କ ଅତୀତ ସନ୍ଦେହଜନକ। ପୂର୍ବରୁ ମଦ୍ୟପାନ ପାଇଁ ତାଙ୍କୁ ତିନି ବର୍ଷ ପାଇଁ ନିଲମ୍ବିତ କରାଯାଇଥିଲା। ହ୍ୱାଟ୍ସଆପ୍ ଚାଟ୍ ଓ ମେସେଜ୍ ଉଦ୍ଧୃତି ଦେଇ ସେ ପଚାରିଛନ୍ତି, ଉଡ଼ାଣ ପୂର୍ବରୁ ବ୍ରେଥ୍ ଆନାଲାଇଜର ପରୀକ୍ଷା କରାଯାଇଥିଲା କି? ହଂକଂରୁ ଫେରିବା ପରେ କପୁର ମଦ୍ୟପାନ କରିଥିଲେ କି? ରୋହିତ ପାୱାର ବିମାନ ପରିଚାଳକ ଭିଏସ୍ଆର୍ କମ୍ପାନି ବିରୋଧରେ ମଧ୍ୟ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ କରିଛନ୍ତି, କମ୍ପାନିର ବିମାନ ବେଆଇନ ଭାବେ ପଛ ଭାଗରେ ଅତିରିକ୍ତ ଇନ୍ଧନ ସଂରକ୍ଷଣ କରିଥିଲା । ସେମାନଙ୍କର ରକ୍ଷଣାବେକ୍ଷଣରେ ଅବହେଳା ଥିଲା। ସେ କହିଛନ୍ତି ଯେ ଭିଏସ୍ଆର୍ ସୁରକ୍ଷା ମାନଦଣ୍ଡ ପାଳନ କରୁନଥିବା ସୂଚନା ଆମକୁ ମିଳିଛି। ସେ କ୍ଲିୟରାନ୍ସ ଇଞ୍ଜିନିୟର, ଗୁଣବତ୍ତା ଇଞ୍ଜିନିୟର ଓ ରକ୍ଷଣାବେକ୍ଷଣ ଇଞ୍ଜିନିୟରଙ୍କୁ ଅଟକ ରଖି ପଚରାଉଚରା କରିବାକୁ ଦାବି କରିଛନ୍ତି। ଶେଷ ମୁହୂର୍ତ୍ତରେ ପାଇଲଟ୍ ପରିବର୍ତ୍ତନ କରିବା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମେ ପାଇଲଟ୍ ସାହିଲ ମଦନ ଓ କୋ-ପାଇଲଟ୍ ଯଶଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସୁମିତ କପୁର ଓ ଶାମ୍ଭବୀ ପାଠକଙ୍କୁ ବଦଳାଯାଇଥିଲା। ରୋହିତ ପଚାରିଛନ୍ତି, ଟ୍ରାଫିକ୍ ଭିଡ଼ ଯୋଗୁ ପ୍ରଥମ ପାଇଲଟ୍ କାହିଁକି ପହଞ୍ଚି ପାରିଲେ ନାହିଁ। କିନ୍ତୁ କପୁର କିପରି ପହଞ୍ଚିଗଲେ। ସେ ଶେଷ ମୁହୂର୍ତ୍ତରେ ଟ୍ରାନ୍ସପଣ୍ଡର୍ ବନ୍ଦ ହୋଇଯିବା, ଭଏସ୍ ରେକର୍ଡିଂର ଅଭାବ ଓ ଅନ୍ୟାନ୍ୟ ଯାନ୍ତ୍ରିକ ତ୍ରୁଟି ବିଷୟରେ ସେ ଉଲ୍ଲେଖ କରିଛନ୍ତି।

## ୪୨କେଜି ଗଂଜେଇ ଜବତ, ୪ ଗିରଫ

କଟକ(ନିପ୍ର): ଗଂଜେଇ ଚାଲାଣ ଓ ବେପାର କରୁଥିବା ଅଭିଯୋଗରେ ୨ଟି ପୃଥକ ପୃଥକ ଘଟଣାରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଭୁବନେଶ୍ୱର ବରମୁଣ୍ଡା



ଅଂଚଳରୁ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଦେବରାଜ ଦିଗଲ (୪୦), ଯାଜପୁର ଜିଲ୍ଲାର ମିନତି ମଲ୍ଲିକ(୪୦), କନ୍ଧମାଳ ଜିଲ୍ଲାର ନମିତା ନାୟକ (୪୦)ଓ ପୁରୀ ଜିଲ୍ଲାର ନମିତା ମଲ୍ଲିକ (୩୦) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୪୨.୫ କେଜି ଗଂଜେଇ ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୨୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି ଓ ସୁଶାନ୍ତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଫୁଡ଼ ସେଫ୍ଟି ଟିମ୍‌ର ଅଚାନକ ଚଢ଼ାଉ: ସିଲ ହେଲା ୨ ହୋଟେଲ

କଟକ(ନିପ୍ର): ସ୍ଥାନୀୟ ମଂଗଳାବାଗ ମେଡ଼ିକାଲ ରୋଡ଼ରେ ରାସ୍ତାକଡ଼ରେ ଥିବା ବିଭିନ୍ନ ହୋଟେଲଗୁଡ଼ିକରେ ବୁଧବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଛି । କଟକ ମହାନଗର ନିଗମର ଫୁଡ଼ ସେଫ୍ଟି ଟିମ ଅଚାନକ ଚଢ଼ାଉ କରିଛି । ଏହି ଚଢ଼ାଉରେ ୨ଟି ହୋଟେଲ ସିଲ ହୋଇଛି । ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଅଭିଯୋଗରେ ସିଏମସି ଫୁଡ଼ ସେଫ୍ଟି ଟିମ ୨ଟି ହୋଟେଲକୁ ସିଲ କରିଥିବା ଜଣାପଡ଼ିଛି ।

## ପିପିଲି ଅଞ୍ଚଳରେ ବିଭିନ୍ନ ଅପରାଧ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରାଯାଇ ସୁନା ଅଳଙ୍କାର ଲୁଟ୍ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଏକ ସୂତ୍ରରୁ ପ୍ରକାଶ । ଅନ୍ୟ ଏକ ଖବର ଅନୁଯାୟୀ ବଳଙ୍ଗା ଥାନାର କାର୍ଯ୍ୟରତ ଜଣେ ଗୃହରକ୍ଷୀଙ୍କ ଠାରୁ ଜଣେ ବ୍ୟକ୍ତି ଭୁବନେଶ୍ୱରରେ ଜମି କିଣାଇ ଦେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି । ଅନ୍ୟଏକ ଖବରରୁ ପ୍ରକାଶ ଯେ ବଳଙ୍ଗା ଥାନା ନିକଟସ୍ଥ ଉଚ୍ଛୁପୁର ଗ୍ରାମରେ ଚୋରି ହୋଇଥିବା ନେଇ ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଥାନା ଅଧିକାରୀ ୫୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ ଗତକାଲି ସକାଳ ୧୧ ଘଟିକା ସମୟରେ ଘରେ ଧାନ ଉଷେଇ ସାରି ଘରର କବାଟକୁ ଶିକୁଳି ପକାଇ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଅଭିଯୋଗକାରୀ ଯାଇଥିଲେ । ଗାଧୋଇ ସାରି ଘରକୁ ଫେରି ଦେଖନ୍ତି ଯେ ଘର ଭିତରେ ଥିବା ତିନୋଟି ଟ୍ରଙ୍କ ମଧ୍ୟରୁ ଉପରେ ଥିବା ଛୋଟ ଟ୍ରଙ୍କ ବାକ୍ସଟି ନାହିଁ ।ସେ ଟ୍ରଙ୍କ ବାକ୍ସରେ ଥିବା ଦରକାରୀ କାଗଜପତ୍ର,ସଞ୍ଚୟ କରି ରଖିଥିବା ୩୦ ହଜାର ଟଙ୍କା ଓ ସୁନା, ରୁପାର ଅଳଙ୍କାର ଥିଲା ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

## ଘରେ ପଶି ଯୁବକଙ୍କୁ ମାଡ଼ ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗ: ୬ ଗିରଫ

କଟକ(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣକ ଘରେ ପଶି ଆକ୍ରମଣ କରିବା ସହିତ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସ୍ଥାନୀୟ ଚାଉଳିଆଗଂଜ ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶିଖରପୁର ନଦୀକୂଳ ସାହିର ଅରୁଣ ମହାପାତ୍ର, ରାକେଶ ସ୍ୱାଇଁ, ଶିବୁନା ବେହେରା, ବିକାଶ ସ୍ୱାଇଁ, ଅମର ମହାରଣା ଏବଂ ମନୋରଂଜନ ସାହୁ । ସମସ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଚାଉଳିଆଗଂଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡ ସୂଚନା ଦେଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶିଖରପୁର ନଦୀକୂଳ ସାହି ଓ ତଳସାହି ମଧ୍ୟରେ ଭିନ୍ନ ଭିନ୍ନ ଘଟଣାକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି । ତେବେ ନଦୀକୂଳ ସାହିର ମୁକେଶ ବେହେରା ତଳ ସାହିର କିଛି ପିଲାଙ୍କୁ ବିବାଦୀୟ ଘଟଣାରେ ସମର୍ଥନ କରୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ସାହିର ଅପରଗୋଷ୍ଠୀ ଏହାକୁ ବିରୋଧ କରୁଥିଲେ । ଗତ ସରସ୍ୱତୀ ପୂଜାରେ ଏହି କଥାକୁ ନେଇ ସେମାନେ ମୁକେଶଙ୍କୁ ତାଗିଦ କରିଥିଲେ, ହେଲେ ସେ ସେମାନଙ୍କ କଥାକୁ କର୍ଣ୍ଣପାତ କରିନଥିଲା । ସୋମବାର ରାତି ପ୍ରାୟ ୧୦ଟା ସମୟରେ ୬ ଜଣ ଅଭିଯୁକ୍ତଙ୍କ ସହ ଆହୁରି ୩/୪ଜଣ ମୁକେଶର ଘରର କବାଟ ବାଡ଼େଇଥିଲେ । କବାଟ ଖୋଲିବା ମାତ୍ରେ ସମସ୍ତେ ଘରକୁ ପଶିଯାଇ ଆକ୍ରମଣ ଆରମ୍ଭ କରିଦେଇଥିଲେ । ଭାଇ ମୁକେଶଙ୍କୁ ମାଡ଼ ମାରୁଥିବା ଦେଖି ଭଉଣୀ ମିଳି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ବି ଛାଡ଼ି ନଥିଲେ । ମାଡ଼ ମାରିବା ସହିତ ଲୁଗା ଚିରାଚିରି କରି ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ତେବେ ମିଳି ପାଟି କରିବାକୁ ପଡୋଶୀ ଘରର ଲୋକେ ସେଠାକୁ ଚାଲି ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ଏ ନେଇ ସେ ଚାଉଳିଆଗଂଜ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ଶ୍ରୀ ମୁଣ୍ଡ ସୂଚନା ଦେଇଛନ୍ତି ।

### ସତ୍ୟବ୍ରତ ପ୍ରଧାନଙ୍କ ହତ୍ୟା ଘଟଣାର ଖୁଲାସା

# ତ୍ରିକୋଣୀୟ ପ୍ରେମରୁ ମର୍ଡର, ଦିନେଶ ହିଁ ହତ୍ୟାକାରୀ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରର ନୀଳାଦ୍ରୀ ବିହାରରେ କାର ଡ୍ରାଇଭର ସତ୍ୟବ୍ରତ ପ୍ରଧାନଙ୍କ ହତ୍ୟାକାଣ୍ଡର ଖୁଲାସା ହୋଇଛି । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି । ସତ୍ୟବ୍ରତ ପ୍ରଧାନଙ୍କୁ ଲିଜାର ପ୍ରେମିକ ଦିନେଶ ନାୟକ ହତ୍ୟା କରିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେଏସିପି ସୋନାଲ ସିଂହ ପରମାର ଏହି ସୂଚ଼ନା ଦେଇଛନ୍ତି । ପୋଲିସ ସୂଚନା ଅନୁସାରେ, ଉଭୟ ସତ୍ୟବ୍ରତ ପ୍ରଧାନ ଓ ଦିନେଶ ନାୟକ ବିବାହିତ ହୋଇ ସୁଦ୍ଧା ପାର୍ଲରେ କାମ କରୁଥିବା ଲିଜାଙ୍କୁ ଭଲ ପାଉଥିଲେ । ଲିଜାଙ୍କ ସହିତ ପ୍ରଥମେ ଜଗତସିଂହପୁରର ଦିନେଶଙ୍କ ସଂପର୍କ ଗଢିଉଠିଥିଲା । ଲିଜା ଓ ଦିନେଶଙ୍କ ମଧ୍ୟରେ ୩ ବର୍ଷ ଧରି ପ୍ରେମ ସଂପର୍କ ଥିଲା । ସେମାନେ କିଛି ଦିନ ଲିଭ୍-ଇନ୍‌ରେ ମଧ୍ୟ ରହିଥିଲେ । ତା’ପରେ ଲିଜାଙ୍କ ଜୀବନକୁ ଆସିଥିଲେ ସତ୍ୟବ୍ରତ । ଦୁଇ ମାସ ହେଲାଣି ଲିଜା କେଣସି କାରଣକୁ ନେଇ ଦିନେଶଙ୍କ ଠାରୁ ଦୂରେଇ ରହୁଥିଲେ । ତେଣୁ ଦିନେଶ ତାଙ୍କ ଉପରେ ସନ୍ଦେହ କରୁଥିଲେ । ଲିଜାଙ୍କର ଆଉ କାହା ସହିତ ସଂପର୍କ ଥିବା ସେ ସନ୍ଦେହ କରୁଥିଲେ । ଦୁଇ ମାସ ହେଲାଣି ସେ ଜଗତସିଂହପୁର ପଳାଇଥିଲେ ସୁଦ୍ଧା ଫୋନ୍‌ରେ ଲିଜାଙ୍କ ସହିତ ଯୋଗାଯୋଗରେ ଥିଲେ । ସତ୍ୟବ୍ରତଙ୍କ ସହିତ ମଧ୍ୟ ଲିଜାଙ୍କର ସଂପର୍କ ଥିବା ସେ ଜାଣି ନଥିଲେ । ଦନେଶ ଓ ସତ୍ୟବ୍ରତ ମଧ୍ୟ ପରସ୍ପରକୁ ଜାଣି ନଥିଲେ । ଗତ ରବିବାର ଦିନେଶ ବାରମ୍ବାର ଲିଜାଙ୍କୁ କଲ୍ ଓ ଭିଡିଓ କଲ୍ କରିଥିଲେ । କିନ୍ତୁ ଲିଜା ରିସିଭ୍ କରି ନଥିଲେ । ତେଣୁ ଦିନେଶଙ୍କର ସନ୍ଦେହ ହୋଇଥିଲା । ସେ କାରରେ ଜଗତସିଂହପୁରରୁ ଭୁବନେଶ୍ୱର ଆସିଥିଲେ ଓ ସିଧା ଯାଇ ଲିଜା ରୁମରେ ପହଞ୍ଚିଥିଲେ । ରାତି ଗୋଟାଏରେ ସେ ଲିଜାଙ୍କ ଘରେ ପହଞ୍ଚିଥିଲେ । ସେଠାରେ ସେ ଲିଜାଙ୍କ ସହିତ ସତ୍ୟବ୍ରତଙ୍କୁ ଦେଖିଥିଲେ । ପ୍ରେମିକାଙ୍କୁ ଅନ୍ୟ ଜଣେ ଯୁବକ ସହ ଦେଖି ଦିନେଶ ରାଗିଯାଇଥିଲେ । ସତ୍ୟବ୍ରତ ଓ ଦିନେଶଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ସେହି ସମୟରେ ଦିନେଶ ଏକ ଛୁରୀରେ ସତ୍ୟବ୍ରତଙ୍କୁ ଆକ୍ରମଣ କରିଥିଲେ । ସେ ସତ୍ୟବ୍ରତଙ୍କ ତଣ୍ଟି ଓ ଛାତିରେ ଛୁରୀ ଭୁଷି ଦେଇଥିଲେ । ଲିଜା ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ସତ୍ୟବ୍ରତ ଗୁରୁତର ଅବସ୍ଥାରେ ଘରୁ ଦୌଡି ପଳାଇଥିଲେ । ସେ ମଙ୍ଗଳା ମନ୍ଦିର ନିକଟରେ ଅଚେତ ହୋଇ ପଡିଯାଇଥିଲେ । ଲିଜା ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇ ଦେଇଥିଲେ । ଇତି ମଧ୍ୟରେ ଦିନେଶ କାରରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଯେତେବେଳେ ଦିନେଶ ଦେଖିଲେ ପୋଲିସ ସିସିଟିଭି ଫୁଟେଜ୍, କଲ ରେକର୍ଡ ଆଦି ଯାଞ୍ଚ କରି ତାଙ୍କୁ ଖୋଜୁଛି, ସେ ଆତ୍ମସମର୍ପଣ କରି ଦେଇଥିଲେ । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଏସିପି ସୋନାଲ ସିଂହ ପରମାର ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦିନେଶ ଏକମାତ୍ର ଅଭିଯୁକ୍ତ । ସେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି । ଲିଜାଙ୍କୁ ନେଇ ଏହି ତ୍ରିକୋଣୀୟ ପ୍ରେମ କାହାଣୀ ଗଢିଉଠିଥିଲା ବେଳେ ସତ୍ୟବ୍ରତଙ୍କ ହତ୍ୟାକାଣ୍ଡରେ ତାଙ୍କର ସଂପୃକ୍ତି ନାହିଁ । ହତ୍ୟାକାଣ୍ଡ ପଛରେ କୌଣସି ଷଡଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି । ଗୋଟିଏ ରୁମ୍‌ରେ ଲିଜା ଓ ସତ୍ୟବ୍ରତଙ୍କୁ ପାଇ ଦିନେଶ ଆକ୍ରମଣ କରିଥିଲେ । ଲିଜା ସତ୍ୟବ୍ରତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ତେଣୁ ତାଙ୍କର ହତ୍ୟାରେ ସମ୍ପୃକ୍ତି ନାହିଁ । ସତ୍ୟବ୍ରତ ଯେଉଁ କାର୍ ଚ଼ଳାଉଥିଲେ ତାହାକୁ ମାଲିକ ନେଲା ବେଳେ ଦୁର୍ଘଟଣା ଘଟିଥିଲା । କାର୍ ମାଲିକ କାର ନେଇଯିବା ପାଇଁ ଯେଉଁ ଡ୍ରାଇଭରଙ୍କୁ ପଠାଇଥିଲେ ସେ ମଦ ପିଇ ଗାଡି ଚ଼ଳାଉଥିବାରୁ ଦୁର୍ଘଟଣା ଘଟିଥିଲା ।

### ଆତ୍ମସମର୍ପଣ ପରେ ହତ୍ୟାକାରୀ ଗିରଫ

ଅଭିଯୁକ୍ତ ଦିନେଶ ନାୟକଙ୍କ ଘର ଜଗତସିଂହପୁର ଜିଲା ବାଲିକୁଦା ଥାନା ଅରିଲୋ ଗାଁରେ । ଗତକାଲି ରାତିରେ ଦିନେଶ ଚ଼ାଲି ଚ଼ାଲି ଆସି ଜଗତସିଂହପୁର ସଦର ଥାନାରେ ପହଞ୍ଚିଥିଲେ । ସେ ହତ୍ୟା କରିଥିବା ଓ ଆତ୍ମସମର୍ପଣ କରିବାକୁ ଚ଼ାହୁଁଥିବା ପୋଲିସକୁ କହିଥିଲେ । ଖବର ପାଇବା ପରେ କମିଶନରେଟ ପୋଲିସ ଜଗତସିଂହପୁର ପହଞ୍ଚିଥିଲା ଓ ଦିନେଶଙ୍କୁ ଭୁବନେଶ୍ୱର ଆଣିଥିଲା । ଦିନେଶଙ୍କ ବାପାମା’ ନାହାନ୍ତି । ସେମାନଙ୍କର ପରଲୋକ ହୋଇଯାଇଛି । ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିବା ଦିନେଶଙ୍କ ଘରେ ତାଙ୍କ ସ୍ତ୍ରୀ ଓ ଝିଅ ଅଛନ୍ତି । ଲିଜା ସହିତ ସମ୍ପର୍କ ଗଢିଉଠିବା ପରଠୁ ସେ ଆଉ ନିୟମିତ ଘରକୁ ଯାଉ ନଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି । ସେ ଗାଡି ଡ୍ରାଇଭର ଭାବରେ ପ୍ରଥମେ କଟକ ଓ ପରେ ଭୁବନେଶ୍ୱରରେ କାମ କରୁଥିଲା । ଲିଜା ସହିତ ସମ୍ପର୍କ ରଖିବା ପରେ ତାଙ୍କ ପରିବାର ଉଜୁଡି ଯାଇଛି ବୋଲି ଦିନେଶଙ୍କ ସ୍ତ୍ରୀ କହିଛନ୍ତି ।

## ମାଲିକଙ୍କ ଗାଡି ଚୋରି କରି ଡ୍ରାଇଭର ଗିରଫ

ଭୁବନେଶ୍ୱର(ନି.ପ୍ର): ମାଲିକଙ୍କ ଗାଡି ଚୋରି କରିବା ଅଭିଯୋଗରେ ଶହୀନଗର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପ୍ରମୋଦ କୁମର ଦାଶ ଓରଫ କାଳିଆ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ବିକ୍ରମ ଲେଙ୍କା ବେହେରା ସାହି, ପଥରବନ୍ଧ ବସ୍ତିରେ ରୁହନ୍ତି । ସେ ଗତ ୨୦୧୯ ମସିହାରେ ଜଣେ ବ୍ୟକ୍ତିଙ୍କ ନିକଟରୁ ଏକ ଗାଡି କିଣିଥିଲେ । ଉକ୍ତ ଗାଡିକୁ ଚ଼ଳାଇବା ଲାଗି ଗତ ୧୬.୦୧.୨୦୨୬ ରେ ସେ ଅଭିଯୁକ୍ତ ପ୍ରମୋଦ କୁମାର ଦାଶ ଓରଫ କାଳିଆଙ୍କୁ ଡ୍ରାଇଭର ଭାବେ ନିଯୁକ୍ତ କରିଥିଲେ । ଗତ ୧୮.୦୧.୨୦୨୬ ରେ ଅଭିଯୁକ୍ତ ଜଣକ ନିଶାସକ୍ତ ଅବସ୍ଥାରେ ଉକ୍ତ ଗାଡିକୁ ନେଇ ଏକ କାନ୍ଥରେ ପିଟିଦେଇଥିଲେ । ଯାହାଫଳରେ ଗାଡିଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା । ଉକ୍ତ କ୍ଷତିଗ୍ରସ୍ତ ଗାଡିକୁ ଅଭିଯୋଗକାରୀ ଭିଏସଏସ ନଗରସ୍ଥିତ ଶନି ମନ୍ଦିର ନିକଟସ୍ଥ ଗ୍ୟାରେଜରେ ରଖିଦେବା ସହ ଅଭିଯୁକ୍ତଙ୍କୁ ଗାଡି ଚ଼ାଳନା କାର୍ଯ୍ୟରୁ ପ୍ରତ୍ୟାହୃତ କରିନେଇଥିଲେ ଏବଂ ଗାଡି ଚ଼ାବି ମଧ୍ୟ ନେଇଯାଇଥିଲେ । ସେହିଦିନ ବିଳମ୍ବିତ ରାତିରେ ଗ୍ୟାରେଜରୁ ଉକ୍ତ ଗାଡିଟି ଚୋରୀ ହୋଇଯାଇଥିଲା । ଆଖପାଖ ଅଞ୍ଚଳରେ ଖୋଜଖୋଜି କରିଥିଲେ ମଧ୍ୟ ଅଭିଯୋଗକାରୀ ଗାଡିର ସନ୍ଧାନ ପାଇନଥିଲେ । ଅଭିଯୁକ୍ତଙ୍କର ଏହି ଚୋରୀରେ ହାତ ଥିବା ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଅଭିଯୁକ୍ତ ଜଣକ ନିଜ ମୋବାଇଲ ଫୋନ ବାରମ୍ବାର ବଦଳାଉଥିବା କଥା ପୁଲିସ ଜାଣିବା ପରେ ସନ୍ଦେହ ବଢିଥିଲା । ମାମଲାର ଅଧିକ ତଦନ୍ତ କାଳରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ଝାରପଡା ଅଞ୍ଚଳରେ ଚ଼ଢଉ କରି ଅଭିଯୁକ୍ତ ପ୍ରମୋଦ କୁମାର ଦାଶଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ପ୍ରମୋଦ, ଅଭିଯୋଗକାରୀଙ୍କ ଉକ୍ତ ଗାଡିକୁ ଗ୍ୟାରେଜରୁ ଚୋରୀକରି ନେଇ ଗାଁକୁ ଚ଼ାଲିଯିବା ସହଅ ତାହାକୁ ଗ୍ୟାସ କଟର ସାହାଯ୍ୟରେ ଖଣ୍ଡଖଣ୍ଡ କରି କାଟି ଜଣେ କବାଡିଆ ଟ୍ରଲି ବାଲାକୁ ବିକ୍ରି କରିଦେଇଥିବା ପ୍ରକାଶ କରିଥିଲେ । ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ପ୍ରମୋଦ କୁମାର ଦାଶ ଓରଫ କାଳିଆ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ବଳିଆପଣ୍ଡା ଥାନା, ବାଦାମବାଡି ଥାନା ଓ ନରସିଂହପୁର ଥାନାରେ ଗୋଟିଏ ଲେଖାଏଁ ଅପରାଧିକ ମାମଲା ରହିଛି ।

## ପୂର୍ବତନ କାଉନସିଲର, କର୍ପୋରେଟରଙ୍କ ବନ୍ଧୁମିଳନ




ଭୁବନେଶ୍ୱର(ନିପ୍ର): ମହାନଗର ନିଗମର ପୂର୍ବତନ କାଉନସିଲର ଓ କର୍ପୋରେଟରଙ୍କ ଏକ ବନ୍ଧୁମିଳନ ବାଙ୍କୁଆଳସ୍ଥିତ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧରାମ ସାହୁଙ୍କ ସଭାପତିତ୍ୱରେ ରମାନାଥ ସାମନ୍ତରାୟ, ରାଜେନ୍ଦ୍ର ସମର୍ଥା, ଦେବୀପ୍ରସାଦ ନନ୍ଦ, ସଂଯୁକ୍ତା ମହାନ୍ତି ପ୍ରମୁଖ ବନ୍ଧୁମିଳନର ଲକ୍ଷ୍ୟ ଓ ଆବଶ୍ୟକତା ସଂପର୍କରେ ନିଜର ମତବ୍ୟକ୍ତ କରିଥିଲେ । ବରିଷ୍ଠ କାଉନସିଲର ସୁଷମା ନନ୍ଦଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲ । ବନ୍ଧୁମିଳନରେ ପୂର୍ବତନ କାଉନସିଲର ନିଜାମୁଦ୍ଦିନ, ପଦ୍ମନାଭ ଦାଶ, ଆଶିଷ ପଟ୍ଟନାୟକ, ଅଜୟ କୁମାର ହରିଚନ୍ଦନ, ପ୍ରତାପ ଜେନା, ବିଦ୍ୟାଧର ଦେହୁରି, ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ସାଂଗଠନିକ ପ୍ରସ୍ତାବ ଆଗତ କରିଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଏକ ୨୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ନୟାଗଡରେ ବିଜେଡିର ବିଶାଳ ବିକ୍ଷୋଭ

ନୟାଗଡ଼(ନିପ୍ର): ରାଜ୍ୟରେ ସରକାର ବଦଳିବାର ୨୧ ମାସ ଭିତରେ ରାଜ୍ୟରେ ଚାଷୀଙ୍କ ସମସ୍ୟା, ନାରୀ ନିର୍ଯାତନା ବଢିବା ଓ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବିଜୁ ଜନତା ଦଳ ଅଭିଯୋଗ ଉଠାଇ ନୟାଗଡ ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ



ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହେବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ ପୋଲିସ ପଡିଆଠାରୁ ପ୍ରାୟ ୧୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନୟାଗଡ ବଜାର ଦେଇ ଜିଲ୍ଲାପାଳ ଅଫିସ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟରେ ଥିବା ବିଜେପି ସରକାର ଅମଳରେ ଚାଷୀମାନେ ଧାନବିକ୍ରୀ କରିପାରୁ ନାହାନ୍ତି ଓ ମହିଳାମାନେ ମଧ୍ୟ ସୁରକ୍ଷିତ ନୁହନ୍ତି । ରାଜ୍ୟରେ ଯେଭଳି ସ୍ଥିତି ଆସିଛି କେବଳ ଅରାଜକତା ଦେଖାଦେଇଛି । ତେଣୁ ରାଜ୍ୟରେ ବିଜେପି ଦଳ ଶାସନରେ ରହିବାର ନୈତିକତା ହରାଇସାରିଛି । ତେଣୁ ଏ ସରକାର ହଟିବା ଦରକାର ବୋଲି ନେତୃତ୍ୱମାନେ କହିଥିଲେ । ଚାଷୀ ଓ ମହିଳାଙ୍କ ସମସ୍ୟାକୁ ନେଇ ବିଧାନସଭାରେ ଓ ବାହାରେ ଲଢେଇ ଚାଲିଛି । ରାଜ୍ୟରେ ବିଜେପି ଶାସନ ସମୟରେ ୪୦ ହଜାର ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି । ନୟାଗଡ ଜିଲ୍ଲାରେ ଚାଷୀଙ୍କ ସମସ୍ୟା ବଢିଥିବା ବେଳେ ବିଜେଡି ସରକାର ଅମଳରେ ଯେଉଁ ଜଳସେଚନ ପ୍ରକଳ୍ପଗୁଡିକୁ ଟେଣ୍ଡର ହୋଇଥିଲା ତାହାକୁ ମନ୍ଦ ଉଦ୍ଦେଶ୍ୟ ରଖି ବାତିଲ କରାଯାଉଛି । ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନରୁ କ୍ୱିଣ୍ଟାଲ ପ୍ରତି ୭ରୁ ୧୦ କେଜି କଟନୀ କରାଯାଇ ଲୁଣ୍ଠନ କରାଯାଉଛି । ୮୦୦ ଟଙ୍କା ଇନପୁଟ ଏକ ବୋଗସ ବିଜେପି ଦଳ ତାର ନିର୍ବାଚନୀ ପ୍ରତିଶୃତି ପାଳନ କରୁନାହିଁ । ତେଣୁ ଜନ ଅସନ୍ତୋଷ ଲାଗିରହୁଛି । ଯଦି ସରକାର ଏହି କଥାକୁ ତୁରନ୍ତ ହସ୍ତକ୍ଷେପ ନ କରନ୍ତି ତେବେ ଆଗାମୀ ଦିନରେ ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି ଦଳ ତୀବ୍ର ଆନ୍ଦୋଳନ କରିବା ସହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ପକ୍ଷାଘାତ ସ୍ୱାମୀ ଏବେ ବେସାହାରା...

## ପୋଡି ଯାଇଥିବା ସ୍ତ୍ରୀ ଆଖିବୁଜିଲେ, ସରକାରୀ ସହାୟତା ଦାବି

ଭାପୁର(ନିପ୍ର): ସ୍ୱାମୀ ପକ୍ଷାଘାତ ରୋଗୀ, ସ୍ତ୍ରୀଙ୍କ ପାଇଁ ବଞ୍ଚିଥିଲେ ସ୍ୱାମୀ କିନ୍ତୁ ସ୍ତ୍ରୀ ଅଧା ବାଟରେ ହାତ ଛାଡି ଚାଲିଗଲା ପରେ ବେସାହାରା ହୋଇପଡିଛନ୍ତି ସ୍ୱାମୀ । ପରିବାରର ଏଭଳି କରୁଣ କାହାଣୀ ଫତେଗଡ଼ ଥାନା ଗୋଳାପୋଖରୀ ପଂଚାୟତ ନୀଳକଣ୍ଠ ପ୍ରସାଦ ଗ୍ରାମର ମନୋଜ ମଲ୍ଲିକଙ୍କ କ୍ଷେତ୍ରରେ ଦେଖାଦେଇଛି । ମନୋଜ ମଲ୍ଲିକଙ୍କ ସ୍ତ୍ରୀ କଳ୍ପନା ମଲ୍ଲିକ ଗତ ଜାନୁଆରୀ ମାସ ୨୧ ତାରିଖ ରାତ୍ରୀ ୭ ଟାରେ ସ୍ୱାମୀଙ୍କୁ ଖୁଆଇ ଦେଉଥିବା ସମୟରେ ନିକଟରେ ଥିବା ଚୁଲିରୁ ନିଆଁ ଉଡି କଳ୍ପନାଙ୍କ ଲୁଗାରେ ପଡି ଦେହରେ ନିଆଁ ଲାଗିଯାଇଥିଲା ଫଳରେ, ତାଙ୍କ ଶରୀରର ୩୦ ଭାଗ ପୋଡି ଯାଇଥିବାବେଳେ ତାଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଅବସ୍ଥା ଗୁରୁତର ରହିଥିବାରୁ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, କଟକସ୍ଥିତ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଏବଂ ପରେପରେ କଟକ ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ଚଳିତମାସ ୯ତାରିଖ ରାତ୍ରିରେ ମୃତ୍ୟୁବରଣ କରିଥିବା ପରିବାର ସୂତ୍ରରୁ ପ୍ରକାଶ । ଏହିଭଳି ଅବସ୍ଥାରେ ପକ୍ଷାଘାତ ରୋଗୀ ସ୍ୱାମୀ ମନୋଜ ବେସାହାରା ହୋଇ ପଡ଼ିଥିବା ବେଳେ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ମା’କୁ ମାଡ଼ମାରି ପୁଅ ଗିରଫ

ଭୁବନେଶ୍ୱର(ନି.ପ୍ର): ନିଶା ଶକ୍ତ ଅବସ୍ଥାରେ ମା’କୁ ମାଡ ମାରି ଟଙ୍କା ଛଡାଇ ନେବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିକାଶ ବେହେରା । ପୁଲିସ ତା’ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ମଞ୍ଜୁଲା ବେହେରା ୟୁନିଟ-୪ ଅନ୍ତର୍ଗତ ମା ମଙ୍ଗଳ ବସ୍ତିରେ ରହିବା ସହିତ ରେଲୱେ ଷ୍ଟେସନ ନିକଟରେ ଥିବା ରିଲାଏନ୍ସ ସୋରୁମ ସମ୍ମୁଖରେ ଏକ ପରିବା ଦୋକାନ ପରି ପରିବାର ପ୍ରତିପୋଷଣ କରନ୍ତି । ତାଙ୍କ ପୁଅ ବିକାଶ ନିୟମିତ ଭାବେ ବିଭିନ୍ନ କାରଣକୁ ନେଇ ଘରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଦୋକାନରୁ ଆୟ ହେଉଥିବା ସମସ୍ତ ଟଙ୍କା ଜୋରଜବରଦସ୍ତ ମାଙ୍କ ନିକଟରୁ ଛଡାଇ ନେଇଥାନ୍ତି ଏବଂ ତାଙ୍କୁ ମାଡବି ମାରିଥାନ୍ତି । ଘରେ ଥିବା ଗୃହପୋକରଣ ସାମଗ୍ରୀ ସବୁକୁ ପୂର୍ବରୁ ବିକ୍ରି କରିଦେଇଥିବା ବେଳେ, ଉଭୟ ମା ଓ ବାପାଙ୍କୁ ଜୀବନରୁ ମାରିଦେବା ଲାଗି ନିୟମିତ ଭାବେ ଧମକ ଦେଇଆସୁଥିଲେ । ଏଥିପାଇଁ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ଅଭିଯୁକ୍ତ ପୁଅକୁ ଘରୁ ବିତାଡିତ କରିଦେଇଥିଲେ । ଗତ କାଲି ସକାଳେ ଅଭିଯୋଗକାରିଣୀ ନିଜର ପରିବା ବ୍ୟବସାୟ ସାରି ଘରକୁ ଫେରିବା ବେଳେ, ପୂର୍ବରୁ ଘର ନିକଟରେ ଛପି ରହିଥିବା ପୁଅ ବଳପୂର୍ବକ ଘର ଭିତରେ ପ୍ରବେଶ କରିବା ସହ ତାଙ୍କୁ ମାଡ ମାରିଥିଲେ ଏବଂ ତାଙ୍କ ପାଖରେ ଥିବା ୧,୦୦୦ ଟଙ୍କା ଜୋରଜବରଦସ୍ତ ଛଡାଇ ନେଇଯାଇଥିଲେ । ଯଦି ସେ ତାଙ୍କୁ ନିୟମିତ ଭାବେ ଟଙ୍କା ନଦିଅନ୍ତି ତେବେ ସେ ଉଭୟ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ପରିଶେଷରେ ଅଭିଯୋଗକାରିଣୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ମାମଲାର ତଦନ୍ତ କାଳରେ ପୁଲିସ ଅଭିଯୁକ୍ତ ପୁଅ ବିକାଶ ବେହେରାଙ୍କୁ ଗିରଫ କରିଥିଲେ । ପଚ଼ରାଉଚ଼ରା ସମୟରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ବିକାଶ ବେହେରା ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଖାରବେଳନଗର ଥାନାରେ ୫ ଗୋଟି ଭିନ୍ନ ଅପରାଧିକ ମାମଲାମାନ ରହିଛି ।

# ମାଛ ବ୍ୟବସାୟ ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ମାଛ ବ୍ୟବସାୟ ନାଁରେ ଠକେଇ କରିବା ଅଭିଯୋଗରେ ତମାଣ୍ଡୋ ଥାନା ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଜଙ୍କିଆର ତପନ କୁମାର ଦଳାଇ । ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ମାନସ କୁମାର ସାହୁ ଅଭିଯୁକ୍ତ ତପନ କୁମାର ଦଳାଇ, ପତ୍ନୀ ସରୋଜିନୀ ଦଳାଇ ଏବଂ ଅଭିଯୁକ୍ତ ସୁଶାନ୍ତ ମହାପାତ୍ର ଓରଫ ବାଙ୍କା ମାଛ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ତମାଣ୍ଡୋ ଥାନା ଅନ୍ତର୍ଗତ ସିଜୁପୁଟରେ ଥିବା ଅଭିଯୋଗକାରୀଙ୍କ ଦୋକାନକୁ ଭଡ଼ା ସୂତ୍ରରେ ନେବା ପାଇଁ ଅଭିଯୋଗକାରୀଙ୍କ ନିକଟକୁ ଆସିଥିଲେ । ସେମାନେ ପରିଚ଼ୟ ପ୍ରମାଣ ସ୍ୱରୂପ ଆଧାର କାର୍ଡ ଦେଖାଇ ନିଜକୁ ଖୋର୍ଦ୍ଧା ଜିଲ୍ଲା, ଜଙ୍କିଆ ଥାନା ଅନ୍ତର୍ଗତ ମାଣିକଦେଇ ପାଟନାର ମାଛ ବ୍ୟବସାୟୀ ବୋଲି ପରିଚ଼ୟ ଦେଇଥିଲେ । ପୂଜାର୍ଚ୍ଚନା ପରେ ସେମାନେ ଦୋକାନରୁ ବ୍ୟବସାୟ ଆରମ୍ଭ କରିଥିଲେ, କିନ୍ତୁ ବିଭିନ୍ନ ବାହାନା ଦେଖାଇ ଅଧିକାରିକ ଭଡ଼ା ଚୁକ୍ତିନାମା କରିନଥିଲେ । ପରେ ତପନ ଏବଂ ତାଙ୍କ ପତ୍ନୀ ସରୋଜିନୀ ଅଭିଯୋଗକାରୀଙ୍କୁ ବିବାହ ଅର୍ଡର ପାଇଁ ମାଛ ଯୋଗାଣ ବ୍ୟବସାୟରେ ଟଙ୍କା ନିବେଶ କଲେ ଭଲ ଲାଭ ମିଳିବ ବୋଲି ପ୍ରଲୋଭିତ କରିଥିଲେ । ଫଳରେ, ୨୧.୧୨.୨୦୨୪ ଠାରୁ ୦୧.୦୨.୨୦୨୫ ମଧ୍ୟରେ ବିଭିନ୍ନ ତାରିଖରେ, ବାଲୁଗାଁରୁ ମାଛ କିଣିବା ଏବଂ ବଡ଼ ଅର୍ଡର ପୂରଣ କରିବା ବାହାନାରେ ଅଭିଯୋଗକାରୀ ମୋଟ ୧୩,୩୦,୦୦୦ ଟଙ୍କା ନଗଦ ଓ ୟୁପିଆଇ ମାଧ୍ୟମରେ ଅଭିଯୁକ୍ତ ମାନଙ୍କ ଦ୍ୱାରା ଦିଆଯାଇଥିବା ଆକାଉଣ୍ଟକୁ ପ୍ରଦାନ କରିଥିଲେ, ଯେଉଁଥିରେ ଆସିଫ୍ ଅଲ୍ଲୀ ଖାନ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟ ମଧ୍ୟ ସାମିଲ ଥିଲା । ଟଙ୍କା ନେବାର ବେଶ କିଛି ଦିନ ବିତିଯାଇଥିଲେ ଏବଂ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ଅଭିଯୁକ୍ତ ମାନେ ଅଭିଯୋଗକାରୀଙ୍କୁ କୌଣସି ମାଛ କିମ୍ବା ଲାଭାଂଶ ଦେଇନଥିଲେ । ଅଭିଯୁକ୍ତମାନେ ମିଥ୍ୟା ପ୍ରତିଶୃତି ଦେଇ ଦିନପରେ ଦିନ ଗଡାଇ ଚ଼ାଲିଥିଲେ ଏବଂ ପରେ ସେମାନଙ୍କ ମୋବାଇଲ୍ ଫୋନକୁ ବନ୍ଦ କରିଦେଇଥିଲେ । ବାଲୁଗାଁରେ ତଦନ୍ତ କରିବା ପରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ମାନେ ପ୍ରକୃତ ମାଛ ବ୍ୟବସାୟୀ ନୁହଁନ୍ତି ଏବଂ ପୂର୍ବରୁ ମଧ୍ୟ ଏପରି ଠକେଇ କାର୍ଯ୍ୟରେ ଜଡିତ ଅଛନ୍ତି । ଜଣେ ୱେୟାର ହାଉସ୍ ମାଲିକଙ୍କ ନିକଟରୁ ଜାଣିବାକୁ ମିଳିଥିଲା ଯେ, ଅଭିଯୁକ୍ତ ତପନ କେବଳ ୬୦,୦୦୦/- ଟଙ୍କା ମୂଲ୍ୟର ମାଛ ବାକିରେ ନେଇଥିବା ବେଳେ, ପୂର୍ବରୁ ଠକେଇ ମାମଲାରେ ସଂପୃକ୍ତ ଥିଲେ । ଏନେଇ ଅଭିଯୋଗକାରୀ ୦୯.୦୨.୨୦୨୫ ରେ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ କରିବା ପରେ ଅଭିଯୁକ୍ତ ମାନେ ଥାନାରେ ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ, ପୁଲିସ ଉପସ୍ଥିତିରେ ଜୟନ୍ତ ମାର୍ଥିଙ୍କ ମାଧ୍ୟମରେ ମାତ୍ର ୧,୮୦,୦୦୦ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇଥିଲେ ଏବଂ ଆସନ୍ତା ୧୫ ଦିନ ମଧ୍ୟରେ ବାକି ଟଙ୍କା ଫେରସ୍ତ କରିବାକୁ ପ୍ରତିଶୃତି ଦେଇଥିଲେ । କିନ୍ତୁ ପ୍ରତିଶୃତି ଦେବା ସତ୍ତ୍ୱେ ମଧ୍ୟ ସେମାନେ ବାକି ଟଙ୍କା ଫେରାଇ ନଥିଲେ । ମାମଲାର ଅଧିକ ତଦନ୍ତ କାଳରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଏକ ସୂଚ଼ନା ଆଧାରରେ ଚ଼ଢଉ କରିବା ସହ ଅଭିଯୁକ୍ତ ତପନ କୁମାର ଦଳାଇ ଓରଫ ଟୁଲୁଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ତପନ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ତପନ କୁମାର ଦଳାଇ ଓରଫ ଟୁଲୁଙ୍କ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ଗୋଟିଏ ଠକେଇ ଜନିତ ମାମଲା ରହିଛି ।

## ଏକକାଳୀନ ୪ ଘରୁ ଚୋରି ଉଦ୍ୟମ ପଣ୍ଡ

ଭାପୁର(ନିପ୍ର): ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପ୍ରସାଦ ଗ୍ରାମର ୪ ଗୋଟି ଘରୁ ଦୁର୍ବୃତ୍ତମାନେ ଚୋରି କରିବା ଉଦ୍ୟମ ବିଫଳ ହୋଇଛି । ଘଟଣାରୁ ପ୍ରକାଶ, ଗତ ମଙ୍ଗଳବାର ରାତ୍ରି ୧.୩୦ ସମୟରେ କିଛି ଦୁର୍ବୃତ୍ତ ସେହି ଗ୍ରାମର ଆନନ୍ଦ ନାୟକ, ମାନଗୋବିନ୍ଦ ନାୟକ, କାଠିଆ ନାୟକ ଏବଂ ଭରତ ଚନ୍ଦ୍ର ବେହେରାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ । କବାଟ ଭାଙ୍ଗିବା ଶବ୍ଦ ଶୁଣି ପରିବାର ସଦସ୍ୟଙ୍କର ନିଦ ଭାଙ୍ଗି ଯାଇଥିଲା ଏବଂ ସମସ୍ତେ ହୋହାଲ୍ଲା କରିବାରୁ ଚୋରମାନେ ଚୋରି କରିନପାରି ଘଟଣାସ୍ଥଳରେ ଏକ ଟେଷ୍ଟର ଓ କରତ ଛାଡି ଚାଲିଯାଇଥିଲେ । ସେହିଭଳି ୪ଦିନ ତଳେ ଫତେଗଡ଼ ଥାନା ବନମାଳୀପୁର ପଞ୍ଚାୟତ ବସନ୍ତପୁର ଗ୍ରାମରୁ ଏକାଥରେ ୬ ଗୋଟି ଘରୁ ଦୁର୍ବୃତ୍ତମାନେ ଘରେ ପଶି ଲୁଟପାଟ ଘଟଣା ମନରୁ ଲିଭିନଥିବା ବେଳେ ପୁଣିଥରେ ଚୋରି ଘଟଣା ଭାପୁର ବ୍ଲକର ସମସ୍ତ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ।

ପ୍ରତ୍ୟେକ କୂପ, ଜଳସେଚନ ସାଧନ, ଜଳର ବିସ୍ତାର ଏବଂ ଜଳ ବିତରଣ ପ୍ରଣାଳୀରେ ପ୍ରତି କ୍ଷେତରେ ଜଳ ଆଧୁନିକ ବିତରଣ ପ୍ରଣାଳୀରେ ପହଞ୍ଚିବ। ଶସ୍ୟକୁ ପ୍ରତି ବୁନ୍ଦା ପୋଷଣ କରିବ, ଚାଷୀଙ୍କୁ ସମୃଦ୍ଧି ସୁନିଶ୍ଚିତ କରାଇବ।



ବିକଶିତ ଭାରତ- ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି (ଗ୍ରାମୀଣ): ଭିବି ଜି-ରାମ୍ ଜି

(ବିକଶିତ ଭାରତ-ଜି-ରାମ ଜି) ଆଇନ,୨୦୨୫

୧୨୫ ଦିନ

ର ରୋଜଗାର ଗ୍ୟାରେଣ୍ଟି



CBC35101/13/0114/2526


# ପ୍ଲେଇଂ ୧୧ରୁ ବାଦ୍ ପଡ଼ିପାରନ୍ତି ୨ଖେଳାଳି

ନୂଆଦିଲ୍ଲୀ, ୧୧/୨ : ଆମେରିକା ବିପକ୍ଷ ମ୍ୟାଚରେ ବିଜୟୀ ହୋଇ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି ଭାରତ । ପରବର୍ତ୍ତୀ ମ୍ୟାଚରେ ଭାରତ ନାମ୍ବିଆକୁ ଭେଟିବ । ତେବେ ପ୍ରଥମ ମ୍ୟାଚରେ ଭାରତର ବ୍ୟାଟ୍ସମ୍ୟାନ ମାନେ ପ୍ରଥମରୁ ନୈରାଶ୍ୟଜନକ ବ୍ୟାଟିଂ କରିଥିଲେ । ସୂର୍ଯ୍ୟକୁମାର ଯାଦବଙ୍କ ଘାତକ ବ୍ୟାଟିଂ ଭାରତକୁ ବିଜୟ କରାଇଛି । ତେବେ ପରବର୍ତ୍ତୀ ମ୍ୟାଚରେ ପ୍ଲେଇଂ ଇଲେଭେନରେ ପରିବର୍ତ୍ତନ କରାଯିବ । ଏଭଳି ଏକ ସୂଚନା ମିଳିଛି । ପରବର୍ତ୍ତୀ ମ୍ୟାଚରେ ଅଭିଶେକ ଶର୍ମା ଏବଂ ମହ୍ମଦ ସିରା ଖେଳିନପାରନ୍ତି । ଅଭିଶେକ ଶର୍ମା ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେପଟେ ଦଳକୁ ବୁମରା ଫେରିବେ । ଏଣୁ ସିରାଜଙ୍କୁ ପ୍ଲେଇଂ ୧୧ରେ ସ୍ଥାନ ମିଳିନପାରେ । ଅଭିଶେକ ଶର୍ମାଙ୍କ ପେଟରେ ସଂକ୍ରମଣ ଏବଂ ଜ୍ୱର ହେଉଥିବାବେଳେ ସେ ମେଡିକାଲରେ ଅଛନ୍ତି । ଏଣୁ ସେ ଏକପ୍ରକାର ପରବର୍ତ୍ତୀ ମ୍ୟଚରେ ଦଳରେ ରହିପାରିବେ ନାହିଁ । ଅଭିଶେକଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ସୁଯୋଗ ମିଳିପାରେ । ଏବେ ସକ୍ରିୟ ଭାବେ ଅଭ୍ୟାସ ଜାରି ରଖିଛନ୍ତି ସଞ୍ଜୁ । ଇଶାନ କିଷନଙ୍କ ସହ ପାଳି ଆରମ୍ଭ କରିବେ ବୋଲି କୁହାଯାଉଛି । ଅନ୍ୟପଟେ



ୱାଶିଂଠନତ ସୁନ୍ଦର ଦଳରେ ରହିଥିବାବେଳେ ସେ ଖେଳିପାରନ୍ତି । ରିଙ୍କୁ ସିଂହଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ସୁନ୍ଦର ଖେଳିଲେ ଭାରତକୁ ଜଣେ ଅତିରିକ୍ତ ବୋଲର ମଧ ମିଳିପାରିବ । ବ୍ୟାଟିଂ ସାଙ୍ଗକୁ ବୋଲିଂରେ କମାଲ କରିଥିବା ୱାଶିଂଟନ୍ ସୁନ୍ଦର ଦଳରେ ଖେଳିପାରନ୍ତି । କିନ୍ତୁ ଏଯାବତ ସେଭଳି କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଯଦି ପରିବର୍ତ୍ତନ ହୁଏ ତାହେଲେ ଏହି ତିନି ଜଣ ଖେଳାଳିଙ୍କୁ ପରବର୍ତ୍ତୀ ମ୍ୟାଚରେ ପରିବର୍ତ୍ତନ କରାଯାଇପାରେ ।


# ଗିରଫ ହେଲେ ରସିକିଆ ସାହିତ୍ୟ ଶିକ୍ଷକ



ସୁନ୍ଦରଗଡ, ୧୧/୨(ନିପ୍ର): ଗିରଫ ହେଲେ ରସିକିଆ ସାହିତ୍ୟ ଶିକ୍ଷକ। ଛାତ୍ରୀଙ୍କୁ ଦୁଷ୍କର୍ମ କରି ସେ ଗିରଫ ହୋଇଛନ୍ତି। ଥରେ ନୁହେଁ, ଏକାଧିକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ରହିଛି। ଶିକ୍ଷକଙ୍କ କଳାକାରନାମା ସାମ୍ନାକୁ ଆସିବା ପରେ ସମଗ୍ର ଶିକ୍ଷକ ସାମାଜର ମୁଣ୍ଡ ତଳକୁ ହୋଇଯାଇଛି। ସୁନ୍ଦରଗଡ ଜିଲ୍ଲା ଲହୁଣୀପଡ଼ା ଅଞ୍ଚଳର ଘଟିଛି ଏଭଳି ଏକ ଲଜ୍ଜାଜନକ ଘଟଣା। ଲହୁଣୀପଡ଼ା ଥାନା ହଳଦିକୁଦର ସରକାରୀ ଉଚ୍ଚ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ତାପସ ବାଡାଇ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଆଧାର କାର୍ଡ ସଂଶୋଧନ ନାଁରେ ଏକାଧିକ ଛାତ୍ରୀଙ୍କୁ ଅସଦାଚରଣ କରୁଥିଲେ। ଆଧାର ସଂଶୋଧନ କରିବା ବାହାନା କରି ସଂପୃକ୍ତ ଛାତ୍ରୀଙ୍କୁ ବଣାଇକୁ ଆଣୁଥିଲେ। ପରେ ନିଜ ଭଡ଼ା ଘରକୁ ନେଇ ଦୁଷ୍କର୍ମ କରୁଥିଲେ। ଏହା କାହାକୁ ନକହିବାକୁ ଧମକ ଦେଉଥିଲେ। ଆଜି ଛାତ୍ରୀ ଜଣଙ୍କ ଥାନାରେ ଏତଲା ଦେବା ଶିକ୍ଷକଙ୍କ କଳାକାରନାମା ସାମ୍ନାକୁ ଆସିଛି, ଫଳରେ ରସିକିଆ ଶିକ୍ଷକ ତାପସ କୁମାର ବଡ଼ାଇଙ୍କୁ ଗିରଫ କରି ପୋଲିସ ଏବେ ଡାକ୍ତରୀ ମାଇନା ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଅବକାରୀ ବିଭାଗର ଚଢ଼ାଉ

# ଦେଶୀମଦ ସହ ପୋଚ ନଷ୍ଟ



ଆଠଗଡ଼,୧୧।୦୨(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଳୁଅ,କଂସର,ମଗଧପଡ଼ିଆ, ବାଉଁଶ ଟାଙ୍ଗୋର ଓ ଖଣ୍ଡୁଆଳୀ ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ ଓ ସଦର-୩ ଅବକାରୀ ଥାନା ସହିତ ଏକ ମିଳିତ ଚଢାଉ କରାଯାଇଥିଲା। ଉକ୍ତ ଚଢାଉରେ ସର୍ବମୋଟ ୧୭୮୫ ଲିଟର ଦେଶୀମଦ ସହ ୨୦୧୨୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୬ଗୋଟି ମାମଲା ରୁଜୁ କରାଯାଇଛି। କେହି ଗିରଫ ସୋଇନାହାନ୍ତି। ସେହିପରି ଏହାର ଦୁଇଦିନ ପୂର୍ବରୁ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଖଣ୍ଡୁଆଳୀ ସଂରକ୍ଷିତ ଜଙ୍ଗଲରେ ଚଢାଉ କରାଯାଇଥିଲେ ମଧ ମଦ ମାଫିଆମାନେ ଫେରାର ହୋଇଯାଇଥିଲେ। ବାରମ୍ବାର ଏପରି ଚଢାଉ ଚାଲିଛି ଦେଶୀମଦ ସହ ପୋତ ନଷ୍ଟ କରାଯାଉଛି ଏବଂ କେହି ଗିରଫ ନହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।


# ବିଦ୍ୟୁତ୍ କର୍ମଚାରୀଙ୍କ କଳାବ୍ୟାଚ୍ ପରିଧାନ



**ନିମାପଡ଼ା, ୧୧।୨ (ନିପ୍ର):** ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଗ୍ରାମ ମହାମଂଚ ଡ଼ାକରାରେ ନିମାପଡ଼ା ଡ଼ିଭିଜନ୍ ଅଧୀନସ୍ଥ ସମସ୍ତ ବିଦ୍ୟୁତ୍ କର୍ମଚାରୀ କଳା ବ୍ୟାଚ୍ ପରିଧାନ କରି କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଇଛି । ପ୍ରତ୍ୟେକ କର୍ମଚାରୀଙ୍କୁ ପେନସନ ବ୍ୟବସ୍ଥା, ଜାରିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟହାର, ତଳ ସ୍ତରର କର୍ମଚାରୀଙ୍କ ଠାରୁ କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଖାଲି ପଦବୀ ପୂରଣ, କୌଣସି କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର ନ କରିବା, ମ୍ୟାନ୍ ପାୱାର ସଂଖ୍ୟା ବୃଦ୍ଧି, କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଉତମ ସମ୍ମନ୍ୱୟ ରଖିବା ସାଙ୍ଗକୁ କାର୍ଯ୍ୟ ନିର୍ଘଂଟ ଜାରି କରିବା ଆଦି ଦାବି ଗୁଡ଼ିକ ମଧ୍ୟରୁ ଅନ୍ୟତମ । ୯ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ୧୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିକ୍ଷୋଭ ଓ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ନିମାପଡ଼ା ଡ଼ିଭିଜନ୍ ଅଧୀନରେ କାର୍ଯ୍ୟରତ ୧୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ କଳା ବ୍ୟାଚ୍ ପିନ୍ଧି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ୯ଟି ସଂଘ ନେତୃବୃନ୍ଦ ନିମାପଡ଼ା ଆସି ଆନ୍ଦୋଳନରତ କକର୍ମଚାରୀଙ୍କୁ ପ୍ରୋତ୍ସାହନ ଦେଇଥିବା ଆବାହକ ଶରତ ଚନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ ।

## ଜୟଦେବ ବିହାରରରୁ କଳିଙ୍ଗ ହସ୍‌ପିଟାଲ ଛକ ପର୍ଯ୍ୟନ୍ତ

# ମେଡିଆନ୍‌ର ହେବ ସୌନ୍ଦର୍ଯ୍ୟକରଣ



ଭୁବନେଶ୍ୱର, ୧୧/୨(ନିପ୍ର): ଆହୁରି ସବୁଜ ସୁନ୍ଦର ହେବ ଭୁବନେଶ୍ୱର । ଜୟଦେବ ବିହାରର ଛକରୁ କଳିଙ୍ଗ ହସପିଟାଲ ଛକ ପର୍ଯ୍ୟନ୍ତ ରାସ୍ତାର ମଧ ଭାଗ (ମେଡିଆନ୍) ସୌନ୍ଦର୍ଯ୍ୟକରଣ କରିବ ନାଲକୋ ଫାଉଣ୍ଡେସନ ଟ୍ରଷ୍ଟ । ଏ ନେଇ ଆଜି ଭୁବନେଶ୍ୱର ମହାନଗର ନିଗମ ବିଏମସି) ଏବଂ ନାଲକୋ ଫାଉଣ୍ଡେସନ୍ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଭୁବନେଶ୍ୱରର ଦୁଇଟି ପ୍ରମୁଖ ଅଂଚଳ ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ରାସ୍ତାର ମଧ ଭାଗ ୨,୫୦୦ ବର୍ଗମିଟର୍ ଏବଂ ଜୟଦେବ ବିହାର ଜଂକସନ୍ ଚାରିପାଖର ୧, ୦୬, ୫୨୪ ବର୍ଗମିଟର୍ ବିସ୍ତୃତ ଲ୍ୟାଣ୍ଡସ୍କେପ୍ ଅଞ୍ଚଳକୁ ସବୁଜୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ । ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଚଂଚଳ ରାଣାଙ୍କ ଉପସ୍ଥିତିରେ ବିଏମ୍ ସି ପକ୍ଷରୁ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଓ ନାଲକୋ ପକ୍ଷରୁ ଚିଫ୍ ଅପରେଟିଂ ଅଫିସର ସୁବ୍ରତ କୁମାର କର ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି ।

# ଆଇଏଏସ୍ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୧୧।୨ : ବୁଧବାର ରାଜ୍ୟ ସରକାର ପୁଣି ଆଇଏଏସ୍ ଅଫିସର୍ ସ୍ତରରେ ଅଦଳବଦଳ କରିଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ । ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି ।୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମଏସଏମଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି । ତାଙ୍କୁ ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ ଏମଏସଏମଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ ।୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ସେଣ୍ଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେ ପୂର୍ବଭଳି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ଅର୍ଥ ନିଗମରର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

## ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ

# ଟ୍ରାଏ ବ୍ରେକରେ ବଜରଙ୍ଗବଲି କ୍ଲବ ଘାଟିକିଆ ବିଜୟୀ



ରଣପୁର, ୧୧/୨(ନିପ୍ର ): ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବଆନୁକୂଲ୍ୟରେ ୨୨ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚତୁର୍ଥ ମ୍ୟାଚ କେରଙ୍ଗ ଏକାଦଶ ଓ ବଜରଙ୍ଗବଲି କ୍ଲବ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଓରି ଗୋଲ୍ଡର ପରିଚାଳନା ନିର୍ଦ୍ଦେଶକ ଏସ୍‌କେ ଅତାବର , ସାମ୍ବାଦିକ ସଂଘ ରାଜସୁନାଖଳାର ସଭାପତି ଜିତେନ୍ଦ୍ର କୁମାର ସାହୁ, ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବର ଉପସଭାପତି ବଲ୍ଲଭ ପ୍ରଧାନ , ମିର୍ଜା ରେହେମାନ ବେଗ, ବିଶିକେଶନ ସାହୁ, ତପନ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଥିଲେ । ଏହି ମ୍ୟାଚରେ ଅତିଥିମାନେ ଓ ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବର ସଦସ୍ୟମାନେ ପଡିଆ ମଧ୍ୟରେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଉତ୍ତମ ଓ ସୁନ୍ଦର ଖେଳ ପ୍ରଦର୍ଶନ କରିବା ପାଇଁ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚରେ କେରଙ୍ଗ ଏକାଦଶ ଓ ବଜରଙ୍ଗବଲି କ୍ଲବ ଘାଟିକିଆ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ଘାଟିକିଆ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଘାଟିକିଆ ଅନ୍ୟ ଉଭୟ ଦଳ କରି ୨-୨ଟି ଗୋଲ କରିଥିଲା । ଫଳରେ ୨-୨ ଗୋଲରେ ଟ୍ରାଏ ବ୍ରେକର ହୋଇ ଥିଲା । ତେବେ ଟ୍ରାଏ ବ୍ରେକରେ ବଜରଙ୍ଗବଲି କ୍ଲବକୁ ଘାଟିକିଆ ୩-୧ ଗୋଲ ସ୍କୋର କରି ବିଜୟୀ ହୋଇଥିଲା ।

# ନିର୍ମାଣ ଉପରେ ଅସ୍ଥାୟୀ ରୋକ

ଭୁବନେଶ୍ୱର, ୧୧/୨(ନିପ୍ର): ସ୍ଥାନୀୟ ଲିଙ୍ଗିପୁର ପଞ୍ଚାୟତ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଶୁଣାଣିରେ ସଂପୃକ୍ତ ସରପଞ୍ଚଙ୍କୁ ବଡ଼ ଝଟକା ମିଳିଛି। ଲିଙ୍ଗିପୁର ପଞ୍ଚାୟତ କ୍ଷେତ୍ରମୋହନ ରାଉତଙ୍କ ଅଭିଯୋଗ ମୁତାବକ ଜନୈକ ସରପଞ୍ଚ ଅବୈଧ ଭାବରେ କେନାଲ କିସମ ଜମି ଉପରେ ଅଫିସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ନୂତନ ପଞ୍ଚାୟତ ଗୃହ ନିର୍ମାଣର କୌଣସି ଆବଶ୍ୟକତା ନ ଥିବା ସତ୍ତ୍ୱେ ସରକାରୀ କଳ ଓ ଅର୍ଥର ଦୁରୁପଯୋଗ ହେବା ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏପରିକି ଲିଙ୍ଗିପୁରର ଅଭିଯୋଗକାରୀ କ୍ଷେତ୍ରମୋହନ ରାଉତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ପରେ ପ୍ରାରମ୍ଭିକ ଶୁଣାଣିରେ ନ୍ୟାୟାଳୟ ନିର୍ମାଣ କାର୍ଯ୍ୟ ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି। ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ ମିଶ୍ର, ଦେବଦତ୍ତ କାନୁନଗୋ ଓ ଅନ୍ୟମାନେ ମାମଲା ପରିଚାଳନା କରିଥିଲେ।

# ଅଧିକ ହାତୀଙ୍କୁ ପରିଚାଳନା ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା ହେବ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୧୧/୨(ନିପ୍ର): ରାଜ୍ୟରେ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢୁଥିବା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଂଟିଆ ପ୍ରତିକ୍ରିୟା ରଖିଛନ୍ତି। ସେ ଲୋକଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ହାତୀ ପାଖକୁ ଯାଅନି କିମ୍ବା ସେଲ୍ଫି ନିଅନି । ବିଭିନ୍ନ ସ୍ଥାନରେ ମୋବାଇଲ ଧରି ହାତୀ ପଛରେ ଗୋଡ଼ାଇବା ଚିତ୍ର ସାମ୍ନାକୁ ଆସୁଛି। ହାତୀ ଆସିଲେ ମାଇକ ଯୋଗେ ସଚେତନ କରାଯାଉଛି। ରାଜ୍ୟରେ ହାତୀ ସଂଖ୍ୟା ବଢିବା ଚିନ୍ତାର କାରଣ ହୋଇଛି। ୧୮୦୦ ଜାଗାରେ ୨୩୦୦ରୁ ଅଧିକ ହାତୀ ଅଛନ୍ତି । ଅଧିକ ହାତୀଙ୍କୁ ମ୍ୟାନେଜ ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା ହେବ। ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା ସରିଛି। ଜଙ୍ଗଲ ପରିସୀମା ବଢ଼ାଇବାକୁ ଯୋଜନା କରାଯାଉଛି । ବାଉଁଶ ସହ ହାତୀ ଖାଦ୍ୟ ଜଙ୍ଗଲରେ ଲଗାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି ।

## ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ

# ଝାଡ଼ଖଣ୍ଡକୁ ଫେରିଲେ ପୁତୁଲ ମାର୍ଡି

ଝାରସୁଗୁଡ଼ା , ୧୧ /୨(ନିପ୍ର): ସମ୍ପର୍କର ପରିଭାଷାକୁ ପୁଣି ଥରେ ସଜେଇ ଦେଇଛି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାନବୀୟ ଆଭିମୁଖ୍ୟ ଯୋଗୁଁ ଆଜି ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରି ପାଇଛନ୍ତି। ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଅଞ୍ଚଳରୁ ନିଖୋଜ ହୋଇ ବାଟବଣା ହୋଇଥିବା ପୁତୁଲ ମାର୍ଡି ଆଜି ନିଜ ଭାଇଙ୍କ ସହ ଘରକୁ ଫେରିଛନ୍ତି। ଗତ ଫେବୃଆରୀ ୧ ତାରିଖରେ ଟାଉନ ପୋଲିସ ଦ୍ୱାରା ସୁନାରୀମୁଣ୍ଡା ଅଞ୍ଚଳରୁ ଉଦ୍ଧାର ହୋଇଥିବା ପୁତୁଲଙ୍କ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତାଙ୍କ ପରିବାର ସହ ପୁନଃମିଳନ ପାଇଁ ଖୋଜିବା ଆରମ୍ଭ କରିଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀମାନେ ଝାଡ଼ଖଣ୍ଡ ପ୍ରଶାସନ ସହ ଯୋଗାଯୋଗ କରି ପୁତୁଲଙ୍କ ପରିବାରର ସନ୍ଧାନ ପାଇଥିଲେ।

# ଭାରତ ୧-୩ ଗୋଲରେ ବେଲଜିୟମ୍‌ଠାରୁ ପରାସ୍ତ

ରାଉରକେଲା ୧୧/୧(ନିପ୍ର): ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ପ୍ରୋ ଲିଗର ଦ୍ୱିତୀୟ ମ୍ୟାଚ୍ ଭାରତ ବନାମ ବେଲଜିୟମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦ୍ୱିତୀୟ ମ୍ୟାଚ୍‌ର ଅତିଥି ଭାବରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଏସିଆନ ହକି ଫେଡେରେସନ ଉପସଭାପତି ତଥା ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଲାନାଥ ସିଂହ, ହକି ଇଣ୍ଡିଆ କୋଷାଧ୍ୟକ୍ଷ ଶେକର ଜେ ମନୋହରନ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ୦-୦ ରହିଥିଲା ବେଳେ ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ୍ ଗୋଟିଏ ଫିଲ୍ଡ ଗୋଲ ସ୍କୋର କରି ୦-୧ରେ ଅଗ୍ରଣୀଲାଭ କରିଥିଲା। ପରବର୍ତ୍ତୀ ସମୟରେ ଭାରତ ଏକ ପେନାଲଟି କର୍ଣ୍ଣର ମାଧ୍ୟମରେ ପ୍ରଥମ ଗୋଲ ସ୍କୋର କରି ପ୍ରଥମାର୍ଦ୍ଧ ସୁଦ୍ଧା ୧-୧ରେ ମ୍ୟାଚକୁ ବରାବର କରିଥିଲା।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: RAYAGADA
No. 1077 /2026/Rayagada, Dated, 05-02-2026

Adv No 1077 /2026 Date: 05.02.2026 10001/54/2526

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: RAYAGADA

TENDER CALL NOTICE

SEALED TENDERS ARE INVITED BY SUPERSCRIPTING ON THE TOP OF THE ENVELOPE FOR FINALISATION OF RATE CONTRACT FOR REAGENTS, CHEMICALS, DIAGNOSTIC KIT, CONSUMABLES, EIF & OTHER ITEMS UNDER DIFFERENT PROGRAMME FOR THE YEAR 2025-26 FOR A PERIOD OF ONE YEAR OR UNTIL FINALIZATION OF NEW TENDER FROM THE DATE OF APPROVAL OF TENDER IN FAVOUR OF CHIEF DISTRICT MEDICAL & PUBLIC HEALTH OFFICER, RAYAGADA. THE TENDER PAPERS WITH ALL TERMS AND CONDITIONS MAY BE OBTAINED DURING OFFICE HOUR (10.A.M TO 5.30 P.M) FROM THE OFFICE OF THE CDM & PHO RAYAGADA FROM 05.02.2026 TO 19.02.2026 ON PAYMENT OF Rs. 5000/- IN SHAPE OF BANK DRAFT DRAWN IN FAVOUR OF CDM & PHO, RAYAGADA FROM ANY NATIONALIZED / SCHEDULED BANK.PAYABLE AT RAYAGADA. THE LAST DATE OF RECEIPT OF TENDER IS 19.02.2026 UPTO 5.30P.M. THE SAME WILL BE OPENED AT 11.00 A.M ON 20.02.2026. IN THE OFFICE CHAMBER OF CDM & PHO, RAYAGADA. THE PARTIES /AUTHORIZED REPRESENTIVES MAY BE PRESENT BEFORE THE TENDER OPENING TIME. THE UNDERSIGNED RESERVES THE RIGHT TO REJECT ANY OR ALL THE TENDERS WITHOUT ASSIGNING ANY REASON THEREOF.

OIPR 10001/10035/1/25-26/0004

Sd/- Dr. V.SAROJINI DEVI
Chief District Medical &
Public Health Officer, Rayagada

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDINGENGINEER,
PURI (R&B) DIVISION, PURI

34001/71/2526

WORKS DEPARTMENT

Short Tender Call Notice

E-mail: eerbpuri@yahoo.co.in

Bid Identification No. SE (R&B) Puri-62/2025-26

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double cover/ Single Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

| | | |
|---|---|---|
| 1. | Nature of Work | : Civil works. |
| 2. | No of Work | : 4 Nos |
| 3. | Tender Cost | : Rs. 6000.00/ Rs. 2000 (On-Line) |
| 4. | Class of bidders | : 'D & C' / C & B Class |
| 5. | Available of Bid document in the Website | : From 10.00 AM of Dt.12.02.2026 to Dt.19.02.2026 up to 5.00 PM |
| 6. | Last Date of receipt of tender | : Dt.19.02.2026 up to 05.00 PM |
| 7. | Date of opening of Bid | : Dt.20.02.2026 at 11:00 AM |

8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR 34001/34064/1/25-26/0002

Superintending Engineer,
Puri (R&B) Division, Puri

# ହତ୍ୟାକାରୀ ରଞ୍ଜନ ଗିରଫ, ପ୍ରେମିକାର ଭିଣୋଇ ମୁଖ୍ୟ ହତ୍ୟାକାରୀ

ଭଦ୍ରକ, ୧୧/୨(ନିପ୍ର): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ରେଳଲାଇନ ପାର୍ଶ୍ୱରୁ ଗତ ୫ ରାତ୍ରରେ ଯୁବକର ମୃତଦେହ ପୁଲିସ ଉଦ୍ଧାର କରି ହତ୍ୟ ମାମଲା ରୁଜୁ କରିଥିଲା । ହତ୍ୟାର ଶିକାର ହୋଇଥିବା ଚତ ଥାନା ଅନ୍ତର୍ଗତ ଟିଲୋ କ ପଡା ଗ୍ରାମର ଯୁବକ ରଞ୍ଜନ ଦାସ ଓରଫ ରାଜା(୨୦)କୁ ହତ୍ୟା ଘଟଣାକ୍ରମ ପୁଲିସ ଆଜି ଗଣମାଧ୍ୟମ ସମ୍ମୁଖରେ ଉନ୍ମୋଚିତ କରିଛି । ଉପଖଣ୍ଡ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି ଥାନାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ପୁଲିସ ସୂଚନ ମୁତାବକ ବଡ଼ ଥାନା ଅନ୍ତର୍ଗତ ଟିଲୋକ ପଡା ଗ୍ରାମର ରଞ୍ଜନ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲା । ଉଭୟଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ଅନ୍ତରଙ୍ଗ ସମ୍ପର୍କ ଥିଲା । ମାତ୍ର ଗତ ୬ ମାସ ଧରି ପ୍ରେମିକ ପ୍ରେମ ସମ୍ପର୍କରୁ ଏକତରଫା ଭାବେ ଓହରି ଯାଇଥିଲା । ବେଙ୍ଗାଲୁରରେ ରହୁଥିବା ରଞ୍ଜନ ପ୍ରେମିକାକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ ଚଳାଇଥିଲା । ସମ୍ପର୍କର ପରିସମାପ୍ତି ପାଇଁ ପ୍ରେମିକା ଜଣକ ବେଙ୍ଗାଲୁରରେ ରହୁଥିବା ରଞ୍ଜନକୁ ବିଭିଭିକୁ ଚଳାଇଥିଲା । ଡାକରା ପାଇ ରଞ୍ଜନ ଗତ ୪ ତାରିଖରେ ମଞ୍ଜୁରୀରୋଡରେ ପହ ଥିଲା । ପ୍ରେମିକା ଜଣକ କଲେଜରୁ ଫେରୁଥିବା ସମୟରେ ବିରଡ଼ି ରେଳ ଧାରଣା ପାର୍ଶ୍ୱରେ ରଞ୍ଜନ ବସିଥିବ ଦେଟ୍ ପ୍ରେମିକାର ଭିଣୋଇ କୁଲଣା ଗ୍ରାମର ନିଳମଣୀ ଓଝା(୨୩)ଙ୍କୁ ଫୋନ ଯୋଗେ ଜଣାଇଥିଲା । ନିଳମଣୀ ପ୍ରେମିକା ବଡ଼ଭଉଣୀ ସାଙ୍ଗ (ନାବାଳିକା)ଙ୍କୁ ବାଇକରେ ନେଇ ବିରିଡିରେ ପହ ଥିଲେ । ପ୍ରେମିକା, ପ୍ରେମିକା ବଡଭଉଣୀ ସାଙ୍ଗ ଓ ପ୍ରେମିକାର ଭିଣୋଇ ବିରିଡି ରେଳଧାରଣା ନିକଟରେ ବସି ରଞ୍ଜନ ପାଖକୁ ଯାଇ ୪ ତାରିଖ ଅପରାହ୍ନରେ ପ୍ରେମ ସମ୍ପର୍କରୁ ଓହରି ଯିବାକୁ ପ୍ରବ ଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜନ ସେମାନଙ୍କୁ ପଥର ଫିଙ୍ଗିଥିଲା। ଏହି ସମୟରେ ରଞ୍ଜନ ପଛରେ ଥିବା ପ୍ରେମିକାର ଭିଣୋଇ ନିଳମଣୀ ପଥର ଯୋଗେ ରଞ୍ଜନର ମୁଣ୍ଡ ପଛକୁ ଛେଚି ଦେଇଥିଲା । ରଞ୍ଜନ ଅଚେତ ହୋଇଯିବା ପରେ ୩ ଜଣ ଯାକ ମିଶି ଗିଲବାଡି ସହାୟତାରେ ରଞ୍ଜନ ବେକକୁ ଚିପି ମାରି ଦେଇଥିଲେ । ସେହିଦିନ ସନ୍ଧ୍ୟାରୁ ରଞ୍ଜନର ଫୋନ ବନ୍ଦ ରହିଥିଲା। ରଞ୍ଜନର ମୃତଦେହ ବିରିଡି ରେଳ ଲାଇନ ପାର୍ଶ୍ୱରେ ପଡିଥିଲା ବୋଲି ୫ ତାରିଖ ଅପରାହ୍ନ ୪ଟା ସମୟରେ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥଲା । ରଞ୍ଜନ ଭିଣୋଇ ସରୋଜ ଦାସଙ୍କ ଥାନାରେ ଅଭିଯୋଗ କରିଥିଲେ । ଏଥିପୂର୍ବରୁ ସଂପୃକ୍ତ ପ୍ରେମିକ ଓ ସମ୍ପର୍କୀୟ ମାନେ ରଞ୍ଜନକୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ । ଅଭିଯୋଗ ଆଧାରରେ ଥାନାରେ ୬୦୨୬ନଂ ମାମଲା ରୁଜୁ ହୋଇଥିଲା । ପୁଲିସ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାନକରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ପଦକାରୀ ଦଳ ଗଠନ କରାଯାଇଥିଲା । ଘଟଣାର ଆଖିଦେଖା ସାକ୍ଷୀ ନଥିଲା । ସନ୍ଧାନୀ କୁକୁର, ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ଦରକାରୀ ଦଳ ହତ୍ୟାକାରୀଙ୍କ ନିକଟରେ ପହ ଥିଲା । ସନ୍ଦିଗ୍ଧମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା । ହତ୍ୟାକାରୀମାନଙ୍କୁ ମଙ୍ଗଳବାର ଗିରଫ କରାଯାଇ ହତ୍ୟାରେ ବ୍ୟବହୃତ ପଥର, ୨ଟି ଗିଲବାଡି ଓ ୪ ଟି ମୋବାଇଲ ଫୋନ ଜବତ କରାଯାଇଥିଲା । ଆଜି ସନ୍ଧ୍ୟାରେ ହତ୍ୟାକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ମଧ୍ୟରୁ ନାବାଳିକା ହତ୍ୟାକାରୀ ୨ ଜଣଙ୍କୁ ଜୁଭେନାଇଲ ହୋମକୁ ପଠାଯାଉଥିବା ଜଣାଯାଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ